

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୯ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 09 OCTOBER 2022
Vol.No. 33 ■ No. 261 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଜାତିପ୍ରଥାକୁ ନେଇ ବଡ ବୟାନ ଦେଲେ ଆରଏସଏସ ମୁଖ୍ୟ ମୋହନ ଭାଗବତ



ନୂଆଦିଲ୍ଲୀ, ୦୮/୧୦ : ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘ ତଥା ଆରଏସଏସ ମୁଖ୍ୟ ମୋହନ ଭାଗବତ ପୁଣି ନିଜର ଏକ ବୟାନକୁ ନେଇ ଚର୍ଚ୍ଚା ପରିସରକୁ ଆସିଛନ୍ତି । ଶୁକ୍ରବାର ନାଗପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଭାଗବତ ଏଭଳି ଏକ ବୟାନ ଦେଇଛନ୍ତି , ଯାହାକୁ ନେଇ ପୁଣି ଆରମ୍ଭ ହୋଇଛି ତର୍କ ବିର୍ତକ । ଆରଏସଏସ ମୁଖ୍ୟ କହିଛନ୍ତି, ସମାଜର ହିତ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ସମୟ ଆସିଛି । ଜାତିପ୍ରଥା ଓ ବର୍ଣ୍ଣ ବୈଷମ୍ୟ ବ୍ୟବସ୍ଥା ଦେଶରୁ ହଟିବା ଉଚିତ । କାରଣ ଏହା ପୁରୁଣା ପୀଢୀର ଚିନ୍ତାଧାରା ଅଟେ । ଯେଉଁ ନାଗରିକମାନେ ଦେଶର ବିକାଶ ଚାହୁଁଛନ୍ତି ,ସେମାନେ ପ୍ରଥମେ ଜାତିପ୍ରଥା ଓ ସଂରକ୍ଷଣକୁ ଶେଷ କରିବାକୁ ଚେଷ୍ଟା କରନ୍ତୁ । ଯେଉଁ ଜିନିଷ ମଣିଷ ଭିତରେ ଭେଦଭାବ ସୃଷ୍ଟି କରୁଛି ତାକୁ ନାଗରିକମାନେ ସମ୍ପୂର୍ଣ୍ଣ ଭାବେ ଖାରଜ କରିବା ଉଚିତ । ମୋହନଭାଗବତଙ୍କ ଏହି ବୟାନକୁ ଦେଶର ସଂରକ୍ଷଣ ବ୍ୟବସ୍ଥା ସହ ଯୋଡାଯାଉଛି । କାରଣ ଦେଶରେ ସଂରକ୍ଷଣ ବ୍ୟବସ୍ଥା ଜାତିଗତ ଆଧାରରେ ହୋଇଥାଏ । କୁହାଯାଉଛି ଭାଗବତ ଜାତିପ୍ରଥା ଶେଷ କରିବା କଥା କହି ପରୋକ୍ଷରେ ଦେଶରୁ ସଂରକ୍ଷଣ ବ୍ୟବସ୍ଥା ହଟାଇବାକୁ ଇସାରା ଦେଇଛନ୍ତି । ଏହା ପ୍ରଥମ ଘଟଣା ନୁହେଁ ଯେବେ ଆରଏସଏସ ମୁଖ୍ୟ ସଂରକ୍ଷଣ ହଟାଯିବା ସପକ୍ଷରେ ମତ ରଖିଛନ୍ତି । ୨୦୧୫ ମସିହାରେ କେନ୍ଦ୍ର ସରକାରଙ୍କୁ ସଂରକ୍ଷଣ କମିଟି ଗଠନ କରିବା ପାଇଁ ଅପିଲ କରିଥିଲେ ମୋହନ ଭାଗବତ । ମୋହନ ନିଜର ମତାମତ ରଖି କହିଥିଲେ ଏହି କମିଟି ସ୍ଥିର କରିବ କି କେତେ ଲୋକଙ୍କୁ ସଂରକ୍ଷଣ ମିଳିବ ଓ ଏହାର ଅବଧି କେତେଦିନ ପର୍ଯ୍ୟନ୍ତ ରହିବ । ୨୦୧୯ ମସିହାରେ ରାଜସ୍ଥାନ ଜୟପୁରରେ ସଂଘରର ପ୍ରଚାର କାର୍ଯ୍ୟକ୍ରମ କହିଥିଲେ କି ସଂରକ୍ଷଣ ଦେଶରେ ଅଲଗାବାଦକୁ ପ୍ରୋତ୍ସାହିତ କରୁଛି ତେଣୁ ଏହାକୁ ଶେଷ କରିବା ଉଚିତ । ୨୦୧୯ ମସିହା ଅଗଷ୍ଟ ମାସରେ ଦିଲ୍ଲୀ ଜ୍ଞାନ ଉତ୍ସବରେ ମୋହନ କହିଥିଲେ କି ▶▶ପୃଷ୍ଠା ୭


DADLS-48

ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ
ବାର୍ତ୍ତା



ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0150/2223


## ଗୁଜରାଟ ଉପକୂଳରେ ପାକିସ୍ତାନୀ ବୋଟ, ଧରା ପଡ଼ିଲା ୩୬୦ କୋଟି ଟଙ୍କାର ହେରୋଇନ୍




ଅହମଦାବାଦ, ୦୮/୧୦(ନି.ପ୍ର): ପୁଣିଥରେ ଗୁଜରାଟ ଉପକୂଳରୁ ଜବତ ହୋଇଛି ୩ ଶହ କୋଟିରୁ ଅଧିକ ମୂଲ୍ୟର ଡ୍ରଗ୍ସ । ତଟରକ୍ଷୀ ବାହିନୀ ଓ ଗୁଜରାଟ ଏଟିଏସ୍ ମିଳିତ ଭାବେ ଅପରେସନ କରି ଗୋଟିଏ ପାକିସ୍ତନୀ ବୋଟ୍‌କୁ କାବୁ କରିଥିଲେ । ଯାଞ୍ଚ ବେଳେ ବୋଟ ମଧ୍ୟରୁ ୫୦ କେଜି ଓଜନର ହେରୋଇନ୍ ଜବତ ହୋଇଛି । ଏହାର ବଜାର ମୂଲ୍ୟ ୩୬୦ କୋଟି ଟଙ୍କା ହେବ ବୋଲି ଅଧିକାରୀମାନେ କହିଛନ୍ତି । ଆରବିୟାନ ସମୁଦ୍ରରେ ଏହି ଘଟଣା ଘଟିଛି । ଜବତ ଡଙ୍ଗାର ନାଁ ଅଲ ସାକର । ଏଥିରେ ୬ ଜଣ କ୍ରୁ ସଦସ୍ୟ ଥିଲେ । ସେମାନଙ୍କୁ ଗିରଫ କରାଯାଇ ଅଧିକ ତଦନ୍ତ କରାଯାଉଛି । ସମସ୍ତଙ୍କୁ ଜାଖାଉ ପୋର୍ଟକୁ ଅଣାଯାଇ ଏବେ ପଚରାଉଚରା କରାଯାଉଛି । ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ତଟରକ୍ଷୀ ବାହିନୀ ଦୁଇଟି ଇଣ୍ଟରସେପ୍ଟର ଶିପ ସି-୪୨୯- ଓ ସି-୪୫୪କୁ ଗୁଜରାଟ ଉପକୂଳ ଆରବିୟାନ ସମୁଦ୍ରରେ ମୁତୟନ କରିଥିଲା । ଏହି ଦୁଇ ଜାହାଜ ଅନ୍ତର୍ଜାତୀୟ ଜଳ ସୀମା ନିକଟରେ ପ୍ୟାଟ୍ରୋଲିଂ କରୁଥିଲେ । ରାତି ପ୍ରାୟ ୧୨ଟା ବେଳେ ହଠାତ୍ ଗୋଟିଏ ପାକିସ୍ତାନୀ ବୋଟ ଭାରତୀୟ ଜଳ ସୀମାରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଦେଖିବାକୁ ମିଳିଥିଲା । ଏହାକୁ ଅଟକିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ▶▶ପୃଷ୍ଠା ୭

## ଶିବସେନାର ଦଳୀୟ ଚିହ୍ନର ବ୍ୟବହାର ଉପରେ ରୋକ ଲଗାଇଲେ ଇସି

ମୁମ୍ବାଇ, ୦୮/୧୦(ନି.ପ୍ର): ଉଦ୍ଧବ ଠାକରେ ଓ ବିଜେପି ସହ ହାତ ମିଳାଇ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ହୋଇଥିବା ଏକନାଥ ସିନ୍ଦେଙ୍କ ମଧ୍ୟରେ ଚାଲିଥିବା କ୍ଷମତା ଲଢ଼େଇରେ ନୂଆ ଟ୍ୱିଷ୍ଟ ଆସିଛି । ଉଭୟ ଗୋଷ୍ଠୀ ନିଜକୁ ପ୍ରକୃତ ଶିବ ସୈନିକ ବୋଲି ଦାବି କରିବା ସହ ଶିବସେନାର ଦଳୀୟ ଚିହ୍ନ(ଧନୁ ଓ ତୀର) ଉପରେ ନିଜର ହକ ଜାହିର କରିବାରେ ଲାଗିଥିଲେ । ଏହି ବିବାଦ ଭିତରେ ଆଜି ବଡ଼ ନିଷ୍ପତ୍ତି ନେଇଛନ୍ତି ନିର୍ବାଚନ କମିଶନ । ଆଜି ନିର୍ବାଚନ କମିଶନ(ଇସି) ଶିବସେନାର ଦଳୀୟ ଚିହ୍ନର ବ୍ୟବହାର ଉପରେ ରୋକ ଲଗାଇ ଦେଇଛନ୍ତି । ଏହାର ଅର୍ଥ ଉଦ୍ଧବ କିମ୍ବା ସିନ୍ଦେ ଗୋଷ୍ଠୀ କେହି ବି ପରବର୍ତ୍ତୀ ନିଷ୍ପତ୍ତି ଯାଏ ଦଳୀୟ ଚିହ୍ନର ବ୍ୟବହାର କରିପାରିବେ ନାହିଁ । ନଭେମ୍ବର ୩ରେ ମହାରାଷ୍ଟ୍ରର କିଛି ବିଧାନସଭା ଆସନରେ ଉପ ନିର୍ବାଚନ ହେବ । ▶▶ପୃଷ୍ଠା ୭


DADLS-48

ଓଡ଼ିଶା ସରକାର



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶାର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0150/2223



DADLS-48

ଓଡ଼ିଶା ସରକାର



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ
ଉପଲକ୍ଷେ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ଇସଲାମ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଆପଣମାନଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR : 15001/13/0150/2223


## ବ୍ରିଜରେ ଭୟଙ୍କର ବିସ୍ଫୋରଣ: ଜଳିଗଲା କାର୍ଗୋ ଟ୍ରେନ, ଭୁଷୁଡିଲା ବ୍ରିଜ



ନୂଆଦିଲ୍ଲୀ, ୦୮/୧୦ : ରୁଷ ଏବଂ କ୍ରିମିଆକୁ ଯୋଡୁଥିବା ରୋଡ ଏବଂ ରେଲୱେ ବ୍ରିଜରେ ଭୟଙ୍କର ବିସ୍ଫୋରଣ ହୋଇଛି । ବିସ୍ଫୋରଣ ଫଳରେ ବ୍ରିଜର କିଛି ଅଂଶ ନଷ୍ଟ ହୋଇଯାଇଥିବା ବେଳେ ଗୋଟିଏ ପାଶ୍ୱର୍ ଭୁଷୁଡି ପଡିଛି । ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ରଷ ପକ୍ଷରୁ କୁହାଯାଇଛି । ବ୍ରିଜ୍ରେ ନିଆଁ ଜଳୁଥିବାର ଏକ ଭିଡ଼ିଓ ଏବେ ଇଂଟରନେଟରେ ଭାଇରାଲ ହେଉଛି । ବିସ୍ଫୋରଣ ଯୋଗୁ ପାୟ ୧୦ ଘଂଟା ଯାତାୟତ ବନ୍ଦ ରହିବା ପରେ ସଡ଼କ ପଥ ବ୍ରିଜ୍ ପୁଣି ଚାଲୁ ହୋଇଛି । କିନ୍ତୁ ରେଲୱେ ବ୍ରିଜ ଠିକ୍ କରିବାକୁ ସମୟ ଲାଗିବ ବୋଲି ରଷ ପକ୍ଷରୁ କୁହାଯାଇଛି । ମିଳିଥିବା ସୂଚନା ଅନୁସାରେ ନିଆଁ ଲାଗିବା ଯୋଗୁଁ ବ୍ରିଜ ଉପରେ ଯାଉଥିବା କାର୍ଗୋ ଟ୍ରେନର ଡ଼ବା ଗୁଡ଼ିକ ଜଳିଯାଇଛି । ସେପଟେ ଏହି ବିସ୍ଫୋରଣ ପରେ ରୁଷ ରାଷ୍ଟ୍ରପତି ପୁଟିନ ଏଫଏସବି ଅଧିକାରୀଙ୍କୁ ସତର୍କ କରାଇଛନ୍ତି । ୨୦୧୪ରେ ୟୁକ୍ରେନ ଠାରୁ କ୍ରିମିୟା ଉପଦୀପକୁ ଛଡାଇନେଇଥିଲା ରଷ । ପରେ ୨୦୧୮ରେ ରଷ ସହ କ୍ରିମିୟାକୁ ଯୋଡିବା ପାଇଁ ଏହି ବ୍ରିଜ ନିର୍ମାଣ କରାଯାଇଥିଲା । ଉଭୟ ସଡକ ଏବଂ ରେଳପଥ ଥିବା ଏହି ବ୍ରିଜ୍ଜୁ ପୁଟିନ୍ ଉଦଘାଟନ କରିଥିଲେ । ଆଜି ପୁଟିନଙ୍କ ୭୦ ତମ ଜନ୍ମଦିବସ ଥିବା ବେଳେ ଏଭଳି ୟୁକ୍ରେନ ଏଭଳି ଆକ୍ରମଣ କରିଥିବା କୁହାଯାଉଛି । ୟୁକ୍ରେନ ସରକାରଙ୍କ ପରାମର୍ଶଦାତା ମିଖାଇଲ ପୋଡ଼େଲିକ କହିଛନ୍ତି, ଏହା କେବଳ ଆରମ୍ଭ ମାତ୍ର । ଯାହା ସବୁ ଅବୈଧ ରହିଛି ସେ ସବୁକୁ ନଷ୍ଟ କରାଯିବ । ଏବେ ଦୁଇ ଦେଶ ମଧ୍ୟରେ ▶▶ପୃଷ୍ଠା ୭

## ୯ ବର୍ଷର ପୁତୁରାକୁ ଚେଙ୍କ ଦେଉଥିଲେ ଦାଦା, ଖୁଡି : ଥାନାରେ ଏତଲା ଦେଲେ

କଟକ/ଭୁବନେଶ୍ୱର, ୦୮/୧୦(ନି.ପ୍ର): ଦୁଷ୍ଟ ହେବାରୁ ୯ ବର୍ଷର ପୁତୁରାକୁ ଚେଙ୍କ ଦେଇଛନ୍ତି ଦାଦା ଓ ଖୁଡି । ମର୍କତନଗର ଥାନା ସିଡିଏ ସେକ୍ଟର ୭ରେ ଘଟିଛି ଏହି ଅଭାବନୀୟ ଘଟଣା । ସେମାନଙ୍କ ନାଁରେ ମର୍କତନଗର ଥାନାରେ ଆଈ ଓ ଅଜା ଏତଲା ଦେଇଛନ୍ତି । ସୂଚନା ଅନୁଯାୟୀ ଅଭିଯୋଗକାରୀ ଆଈ ବୈଜୟନ୍ତୀ ରାଉତ, ଅଜା ମଦନମୋହନ ରାଉତଙ୍କ ଘର ଢେଙ୍କାନାଳ ମାନପୁର ଅଂଚଳରେ । ତାଙ୍କ ଝିଅ ୨୦୧୩ ବଅଁରପାଳ ଅଂଚଳର ▶▶ପୃଷ୍ଠା ୭

# ଫୁଲବାଣୀରୁ ଚକାପାଦକୁ ବସ ଚଳାଚଳ ଆରମ୍ଭ

କନ୍ଧମାଳ,୮/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦର ପ୍ରଚେଷ୍ଟା ଯୋଗୁଁ ଫୁଲବାଣୀ ଠାରୁ ଚକାପାଦ ପର୍ଯ୍ୟନ୍ତ ଏକ ଘରୋଇ ବସ ଚଳାଚଳ ଆଜିଠାରୁ ଆରମ୍ଭ କରିଛି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପାଧକ୍ଷ ଦିଲୀପ କୁମାର ସାହାଣୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ବସଟି ଫୁଲବାଣୀରୁ ବାହାରି ତିଳକ ପଡ଼ା, କଲାଡ଼ି, ଘୋଡା ଗାଡ୍ଡୁ , ଭୁକ୍ତା କନାଲି, ବଡଭୁଇଁ,ଆଡା । ସି ପଡ଼ା, ଲାଇନ ପଡ଼ା ଦେଇ ଚକାପାଦ ଯିବାକୁ ସ୍ଥିରୀକୃତ ହୋଇଛି । ଏହି ଗ୍ରାମ ଗୁଡ଼ିକୁ ବସ ଯୋଗାଯୋଗ ନ ଥିବାରୁ ଗ୍ରାମବାସୀ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏସବୁ ଗ୍ରାମରୁ ଶହ ଶହ ଲୋକ ନିଜର ଜୀବନଜୀବିକା ପାଇଁ ଫୁଲବାଣୀ ସହର ଉପରେ ନିର୍ଭର କରନ୍ତି । ଏହି କାର୍ଯ୍ୟକ୍ରମ କୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପ୍ରଧାନ, ଉପ ସମ୍ପାଦକ ଶୁଭେନ୍ଦୁ ତ୍ରିପାଠୀ ସଭ୍ୟ ଦିଲୀପ କୁମାର ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ଶତ୍ରୁଘନ ମହାନ୍ତି, ପ୍ରସନ୍ନ ପଟ୍ଟନାୟକ,ଫିଲେ ମୋହନ ନାୟକ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ରାଜକିଶୋର ବେହେରା, ପ୍ରସନ୍ନ ସାହାଣୀ, ସର୍ବେଶ୍ୱର ମିଶ୍ର ଓ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ବସ ଚଳାଚଳ ଶୁଭାରମ୍ଭ ପରେ ପ୍ରତ୍ୟେକ ଗ୍ରାମରେ ଜନ ସାଧାରଣ ମଧ୍ୟରେ ଉତ୍ସାହ ଦେଖା ଦେଇଥିଲା ଓ ସେମାନେ ରାସ୍ତା ରେ ବନ୍ଧା । ପନା । କରିଥିଲେ । ଗତ ୨ବର୍ଷ ହେଲା ଅନୁଷ୍ଠାନ ପକ୍ଷରୁ ସଦସ୍ୟ ମାନେ ଅକ୍ଳାନ୍ତ ପରିଶ୍ରମ କରିଥିଲେ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ଫୁଲବାଣୀ ଘରୋଇ ବସ ମାଲିକ ସଂଘ ସହାୟତାର ହାତ ବଢ଼ାଇ ଥିଲା ।

# କେନ୍ଦ୍ରୀୟ ସଂସଦୀୟ ଷ୍ଟାଣ୍ଡିଂ କମିଟିରେ ସଭ୍ୟ ମନୋନୀତ ହୋଇଥିବାରୁ ନିରଞ୍ଜନ ବିଶିଙ୍କୁ ଆଦିବାସୀ କଲ୍ୟାଣ ସଂଘ ଅଭିନନ୍ଦନ

ବଲାଙ୍ଗିର ,୮/୧୦ (ନି.ପ୍ର): କେନ୍ଦ୍ରୀୟ ସଂସଦୀୟ ଷ୍ଟାଣ୍ଡିଂ କମିଟିରେ ସମସ୍ତଙ୍କର ପ୍ରିୟ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି, ପରିବେଶ, ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ବିଭାଗ ଦାୟିତ୍ୱ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ସରକାରଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜଣେଇଲେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ । ଏଠାରେ ସୂଚନାଯୋଗ୍ୟ ଯେ, ସାଂସଦ ଶ୍ରୀ ବିଶି ଛାତ୍ର ଜୀବନରୁ ବିଭିନ୍ନ ସାମାଜିକ ସଂଗଠନରେ କାମ କରିଛନ୍ତି । ପରବର୍ତ୍ତୀ ସମୟରେ ଆଦିବାସୀ ଦଳିତ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଆଦିବାସୀ ଦଳିତ ମାନଙ୍କୁ ଏକ କରି ଅନେକ ସଚେତନ କାର୍ଯ୍ୟକ୍ରମ, ସଭା ସମିତି, ଅନେକ ଆନ୍ଦୋଳନ କରି ଅନେକ ସଫଳତା ହାସଲ କରିଛନ୍ତି । ଆଦିବାସୀ ମାନଙ୍କ ବିଭିନ୍ନ ସମସ୍ୟାର ସରଳ ଭାବରେ, ସହଜ ଭାବରେ ସମାଧାନ କରିବାକୁ ବିଗତ ଜୁନ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ବିଶିଙ୍କ କାର୍ଯ୍ୟ ଦକ୍ଷତା ଦେଖି, ଆସ୍ଥା ଓ ବିଶ୍ୱାସ କରି ରାଜ୍ୟସଭାର ସାଂସଦ ଭାବରେ ଦିଲ୍ଲୀକୁ ମନୋନୀତ କରିଛନ୍ତି । ବିଗତ ଦିନରେ ଶ୍ରୀ ବିଶିଙ୍କୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ପରାମର୍ଶଦାତା ସଦସ୍ୟ ଭାବେ କେନ୍ଦ୍ର ସରକାର ଦାୟିତ୍ୱ ଦେଇଛନ୍ତି । ଗତକାଲି ପୁଣି କେନ୍ଦ୍ର ସରକାର ଶ୍ରୀ ବିଶିଙ୍କ ଉପରେ ଆସ୍ଥା ବିଶ୍ୱାସ କରି କେନ୍ଦ୍ରୀୟ ସଂସଦୀୟ ଷ୍ଟାଣ୍ଡିଂ କମିଟିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ପରିବେଶ, ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ବିଭାଗ ଦାୟିତ୍ୱ ଦେଇଛନ୍ତି । ଶ୍ରୀ ବିଶି ମହୋଦୟଙ୍କୁ କେନ୍ଦ୍ରୀୟ ଷ୍ଟାଣ୍ଡିଂ କମିଟିରେ ଦାୟିତ୍ୱ ଦେଇଥିବାରୁ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ କେନ୍ଦ୍ର ସରକାର, ରାଜ୍ୟ ସରକାର ନବୀନ ପଟ୍ଟନାୟକ ଓ ସାଂସଦ ନିରଞ୍ଜନ ବିଶିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆଜିର ଅଭିନନ୍ଦନ ଶୁଭେଚ୍ଛା କାର୍ଯ୍ୟକ୍ରମରେ ସଂଘର ବ୍ଲକ ସଭାପତି ଅଷ୍ଟରନ୍ ବରିହା, ସମ୍ପାଦକ ସାରଥୀ ବାଗ, ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ, ସାଂସଦ ବ୍ଲକ ପ୍ରତିନିଧି ସନ୍ତୋଷିନୀ ବିଶି, ଉପସଭାପତି ଗଦି ବରିହା, ମନୋଜ ଲୁହା, ମନବୋଧ ବରିହା, ଦେବହରି ଭୋଇ, ବଳରାମ ବରିହା, ହୃଷିକେଶ ଭୋଇ, ଘନ ଭୋଇ, ଚୁଡାମଣି ଧରୁଆ, ଲଳିତ ମଲ୍ଲିକ, ଚନ୍ଦ୍ରମଣି ବାଗ, ଧ୍ରୁବଲେଶ୍ୱର ଭୋଇ, ଗୌରାଙ୍ଗ ବରିହା ଓ ଅନ୍ୟ ସଦସ୍ୟ ସଦସ୍ୟା ଗଣ ଉପସ୍ଥିତ ଥିଲେ ।

# ଦଳିତ ମହିଳାଙ୍କୁ ନ୍ୟାୟ ଓ କୋରାଇ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେପି

କୋରେଇ,୮/୧୦ (ନି.ପ୍ର): ଗତ କିଛି ଦିନ ତଳେ ମିଥ୍ୟା ଟ୍ରାକ୍ଟର ଚୋରି ମାମଲାରେ କୋରାଇ ଥାନା ଅନ୍ତର୍ଗତ ଗୌରପୁର ପଂଚାୟତର ଛଂଚାଣିଆ ଗାଁର ଦଳିତ ଯୁବକ ବଳରାମ ଯେନାଙ୍କୁ ଶାସକ ଦଳର ନେତାଙ୍କ ସାହାଯ୍ୟରେ ଘରୁ ଜବରଦସ୍ତ ଉଠାଇ ଆଣି କୋରାଇ ଥାନାଧିକାରୀ ୫ ଦିନ ଅଟକ ରଖି ଦୁର୍ବ୍ୟବହାର କରିବା ସହ ଥାର୍ଡ ଡିଗ୍ରୀ ପ୍ରୟୋଗ ନେଇ ଅଭିଯୋଗ କରାଯାଇଥିଲା । ଏନେଇ ତାଙ୍କ ସ୍ତ୍ରୀ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିଗୋଚର କରିବା ପରେ ଥାନାଧିକାରୀ ଶ୍ରବଣ କୁମାର ମହାରଣା ଓ ଶାସକ ଦଳ ବିଧାୟକ ପ୍ରତିନିଧିଙ୍କ ସମତେ ୧୬ ଜଣଙ୍କ ନାମରେ ମାମଲା ରୁଜୁ ହେବା ସହ ୫ଜଣଙ୍କୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି । ଏଥି ପାଇଁ କୋରେଇ ଜନସାଧାରଣଙ୍କ ତରଫରୁ ଏକ ଦାୟିତ୍ୱ ସମ୍ପନ୍ନ ରାଜନୈତିକ ଦଳ ହିସାବରେ ବିଜେପି ନେତା ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ତାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନାରାୟଣ ଚନ୍ଦ୍ର ବାରିକଙ୍କୁ ଭେଟି ଥାନାଧିକାରୀ ଶ୍ରୀ ମହାରଣାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ସମ୍ପୃକ୍ତ ବିଧାୟକ ପ୍ରତିନିଧିଙ୍କ ସମେତ ଅନ୍ୟ ୧୧ ଜଣଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି । ଏମିତିକି କୌଣସି ଗରିବ ଲୋକ ଥାନାକୁ ନ୍ୟାୟ ଭିକ୍ଷା ପାଇ ଗଲେ ଥାନାଧିକାରୀ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଘଂଟା ଘଂଟା ଶାସକ ଦଳର ନେତାଙ୍କ କଥାରେ ଥାନାରେ ଅଟକ ରଖୁଛନ୍ତି । କୌଣସି ମକଦ୍ଦମା ହେଲେ ଶାସକ ଦଳ ନେତାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଛାଡି ଦେଉଥିବା ବେଳେ ସାଧାରଣ ଲୋକଙ୍କୁ ବିଭିନ୍ନ ସଙ୍ଗୀନ ଦଫା ଲଗାଇ ହାଜତକୁ ପଠାଯାଉଛି । କୌଣସି ଅଭିଯୁକ୍ତକୁ ଧରିବା ପାଇଁ ରାତ୍ରୀ ଚଢାଉ ସମୟରେ ଶାସକ ଦଳର କୁଜି ନେତାଙ୍କୁ ପୁଲିସ ଗାଡଇରେ ନେଇ ଲୋକଙ୍କ ଘରେ ପଶି ଚଢାଉ କରାଯାଇ ହଇରାଣ ହରକତ କରାଯାଉଛି । ରାଜ୍ୟରେ ୫ଟି ସରକାର ଚାଲୁଥିବା ବେଳେ ଥାନାଧିକାରୀଙ୍କ ଏଭଳି ଅସୌଜନ୍ୟ ବ୍ୟବହାର ଓ କାର୍ଯ୍ୟକଳାପ ସ୍ଥାନୀୟ ଜନସାଧାରଣଙ୍କୁ ଅତିଷ୍ଠ କରିବା ସହ ଯାଜପୁର ପୁଲିସକୁ ସମଗ୍ର ରାଜ୍ୟରେ ନିନ୍ଦିତ ହେବାକୁ ପଡିଛି । ଏଥିପାଇଁ ଥାନାଧିକାରୀଙ୍କ ବିରୁଦ୍ଧରେ ୧୦ ଦିନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ବିକ୍ରମ ବିଶ୍ୱାଳ, ସରପଂଚ ରବିନ୍ଦ୍ର ବେହେରା, ବିଷ୍ଣୁ ଚରଣ ରଥ, ମମତା ମଂଜରୀ ମହାପାତ୍ର, ଉଦୟ ପରିଡା, ପ୍ରତାପ ସାହୁ, ପ୍ରମୋଦ ସାହୁ, ବିଜୟ ଘଡାଇ, ଶଶିଭୂଷଣ ସେନାପତି, ଆଲୋକ କୁମାର ମଲିକ, ଟୁଲୁ ସାହୁ, ସଂଜୟ ବରିକ, ଲଲାଟେନ୍ଦୁ ନାୟକ, ନୀଳମାଧବ ଚକ୍ର, ସୀତାକାନ୍ତ କୁଅଁର, ଉମାକାନ୍ତ ମାଝୀ, ଆଶିଷ ଦାସ, ଗୋପାଳକୃଷ୍ଣ ପାଢୀ, ଅହ୍ଲା ମହାପାତ୍ର, ସୁଭଂଜନ ଦାସ, ସୁରେଶ ବେହେରାଙ୍କ ସମେତ ଅନ୍ୟ କର୍ମୀ ସାମିଲ ହୋଇଥିଲେ ।

# ବିକିଜି ନାଗ ପାଇଲେ ବନ୍ୟଜନ୍ତୁ ସଂରକ୍ଷଣ -୨୦୨୨ ପୁରସ୍କାର

ବଲାଙ୍ଗିର,୮/୧୦ (ନି.ପ୍ର): ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ, ଯେତେବେଳେ ବିପଦ ବହୁଗୁଣିତ ହୁଏ, ଜଙ୍ଗଲ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ପାଇଁ କାର୍ଯ୍ୟ କରୁଥିବା ଲୋକ ଏବଂ ଅନୁଷ୍ଠାନଗୁଡିକ ଜଙ୍ଗଲ ଏବଂ ବନ୍ୟଜନ୍ତୁ ମାନଙ୍କ ପାଇଁ ସେମାନଙ୍କର ଉତ୍ତମ କାର୍ଯ୍ୟକୁ ଅନୁବାଦ କରିବା ପାଇଁ ସରକାରଙ୍କ ଦ୍ୱାରାରେ ସ୍ୱୀକୃତିପ୍ରାପ୍ତ ହେବା ଆବଶ୍ୟକ ହୋଇଥାଏ । ବହୁ ଦଶନ୍ଧି ଧରି ଜିଲ୍ଲାରେ ଏହା ଶୁଣିନଥିଲେ ମଧ ବଲାଙ୍ଗୀର ବନ ବିଭାଗ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଭଲ କାର୍ଯ୍ୟର ମାନ୍ୟତା ମଞ୍ଚ ଅନୁସନ୍ଧାନ କରିଥିଲା ଏବଂ ସଇଁତଳାର ନିସ୍ୱାର୍ଥପର ସେବା କରି ଶ୍ରୀ ବିକିଜି ନାଗ ଏକ ଅନୁମୋଦନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଶ୍ରୀ ନାଗଙ୍କ ନିରନ୍ତର ପ୍ରୟାସ ଏବଂ ଦୃଢତା ସହିତ ଜଡିତ ନାମାଙ୍କନଗୁଡିକର ଏକ ସମାଲୋଚନାମୂଳକ ମୂଲ୍ୟାଙ୍କନ ବିଜୁ ପଟ୍ଟନାୟକ ପୁରସ୍କାର ପାଇଁ ରାଜ୍ୟ ସ୍ତରୀୟ ପୁରସ୍କାରର ଉପଯୁକ୍ତ ପ୍ଲାଟଫର୍ମରେ ନୀତୀଶ କୁମାର, ଆଇଏଫଏସ, ଡିଏଫଓ ବଲାଙ୍ଗୀରକୁ ସ୍ଥାନିତ କରିଛି । ବନ୍ୟଜନ୍ତୁ ସଂରକ୍ଷଣ -୨୦୨୨ ପୁରସ୍କାର ପାଇଁ ପୂର୍ବ-ଆବଶ୍ୟକୀୟ ପାରାମିଟରରେ ଅଧିକ ଯାଞ୍ଚ କରି ବଲାଙ୍ଗୀର ବନ ବିଭାଗ ଦ୍ୱାରା ଅନୁମୋଦିତ ବିକିଜି ନାଗଙ୍କ ନାମାଙ୍କନ ରାଜ୍ୟ ପ୍ଲାଟଫର୍ମରେ ସ୍ୱୀକୃତି ଲାଭ କଲା ଏବଂ ସେ ବନ୍ୟଜନ୍ତୁ ସଂରକ୍ଷଣ -୨୦୨୨ ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର ପାଇଥିଲେ । ୦୭.୧୦.୨୦୨୨ ରେ ଭୁବନେଶ୍ୱରର ଜୟଦେବ ଭବନ ଠାରେ ପାଳନ କରାଯାଇଥିବା ଏକ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ବିକିଜି ନାଗଙ୍କୁ ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ପୁରସ୍କାର - ୨୦୨୨ ରେ କୃତଜ୍ଞତା ପ୍ରମାଣପତ୍ର ଏବଂ ୧୦୦୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି । ସ୍ଥାନୀୟ ଅଞ୍ଚଳରେ ବନ୍ୟଜନ୍ତୁ ସଂରକ୍ଷଣରେ ତାଙ୍କର ଅବଦାନ ପାଇଁ ବଲାଙ୍ଗୀର ବନ ବିଭାଗ ଶ୍ରୀ ବିକି ନାଗଙ୍କୁ ଅଭିନନ୍ଦନ ଜଣାଇ ଛନ୍ତି ।

## ବିଜୁ ଜନତା ଦଳର ସାଂଗଠନିକ ବୈଠକ

ଧର୍ମଶାଳା,୮/୧୦ (ନି.ପ୍ର): ଅକ୍ଟୋବର ୨୦ାରୁ ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ଏହି ପଦଯାତ୍ରା ଯାଜପୁର ଜିଲାରେ କାର୍ଯ୍ୟକ୍ରମ ଜାରି ରହିଛି । ତେବେ ଜିଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଏହି ପଦ ଯାତ୍ରାକୁ ଅଧିକ ସଫଳ କରାଇବାକୁ ନେଇ ଆଜି ୧୧ ନଂ ଜୋନର ସମସ୍ତ ପଂଚାୟତର ଧର୍ମଶାଳା ବିଜୁ ଜନତା ଦଳର ବରିଷ୍ଠ, ଯୁବ, ଛାତ୍ର, ମହିଳା ଓ ଗାର୍ଲସ ୱିଇଙ୍ଗର କର୍ମକର୍ତାମାନଙ୍କୁ ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା ।

# ନିମାପଡ଼ାର ଶହେଟି ସ୍ଥାନରେ ବିଜେପି ମହିଳାମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିବେ

ପୁରୀ,୮/୧୦ (ନି.ପ୍ର): ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ପ୍ରତି ଦିନକୁ ଦିନ ଅଡୁଆ ପରିସ୍ଥିତି ସୃଷ୍ଟି ହେଉଛି । ପୁରୀଜିଲ୍ଲା ଗୋପ ବ୍ଲକ ଅର୍ନ୍ତଗତ ୧୧ ନମ୍ବର ଜିଲ୍ଲାପରିଷଦ ସଭ୍ୟ ମୃତ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣା ଏବେ ରାଜ୍ୟରେ ଚହଳ ସୃଷ୍ଟି କରିଛି । ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡ଼ା ଏହି ଘଟଣାକୁ ନେଇ ରଣହୁଙ୍କାର ଦେଇଛନ୍ତି । ଆଜି ପୁରୀରେ ଜିଲ୍ଲାପାଳଙ୍କୁ ଭେଟିବା ପରେ ସାମ୍ବାଦିକ ସମ୍ମିଳନୀରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀଙ୍କ ବିରୋଧରେ ପ୍ରତିବାଦ ଗର୍ଜନ କରିଛନ୍ତି । ମନ୍ତ୍ରୀଙ୍କୁ ପଦରୁ ନହଟାଇବା ପର୍ଯ୍ୟନ୍ତ ଖାଲି ନିମାପଡ଼ା ନୁହେଁ ସାରା ରାଜ୍ୟରେ ମହିଳାମାନେ ଏହି ଘଟଣାକୁ ନେଇ ପ୍ରତିବାଦ କରିବେ । ନିମାପଡ଼ାରେ ଆସନ୍ତା କାଲି ବିଜେଡ଼ି ପକ୍ଷରୁ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଦଳୀୟ ଚିହ୍ନ ସହ ଶାଢ଼ୀ ବଂଟନ କରାଯାଇ ସମାବେଶକୁ ୩୦ ହଜାର ମହିଳା ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଏନକାଉଂଟର ଭାବେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଶହେଟି ସ୍ଥାନରେ ମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯିବ ବୋଲି ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ସମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ସ୍ୱର୍ଗତ ଧର୍ମେନ୍ଦ୍ର ସାହୁ ମରିବା ପୂର୍ବରୁ ମୃତକାଳୀନ ଜମାନବନ୍ଦୀ ଭାବେ ଯେଉଁ ବୟାନ ସମ୍ବାଦିକ ଅକ୍ଷୟ ନାୟକଙ୍କୁ ଦେଇଛନ୍ତି ତା ଉପରେ ପୋଲିସ ତର୍ଜମା କରିବା ଆବଶ୍ୟକ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି । ଏହି ଘଟଣାକୁ ଚାପିଦେବା ପାଇଁ ମନ୍ତ୍ରୀ ଯେଉଁ ଷଡ଼ଯନ୍ତ୍ର କରିଛନ୍ତି ତାକୁ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଖୋଲାସା କରାଯିବା ପାଇଁ ଦାବି ହୋଇଛି । ବର୍ତ୍ତମାନ ସୁଦ୍ଧା ବିନ୍ଦାସ ଚିନୁ ପାଖରେ ପୋଲିସ ପହଂଚି ପାରିନାହିଁ । ଏଥିରେ ସଂପୃକ୍ତି ଥିବା ଠିକାଦାର ଟୁନାଙ୍କୁ ମଧ ପୋଲିସ ପଚରାଉଚରା କରିନାହିଁ । ଏହି ଘଟଣାକୁ ଅତି ସତର୍କତା ଭାବେ ଚପାଇଦେବା ପାଇଁ ଷଡ଼ଯନ୍ତ୍ର କରାଯାଉଛି ବୋଲି ବିଜେପି ଦାବି କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଜିଲ୍ଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲ୍ଲା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ସୁବାସିନୀ ପୃଷ୍ଟି, ଅନିତା ଶୁଭଦର୍ଶନୀ, ଐଶର୍ଯ୍ୟା ବିଶ୍ୱାଳଙ୍କ ସହ ଅନେକ ନେତ୍ରୀ ଯୋଗ ଦେଇଥିଲେ ।

# ଐତିହାସିକ ଓ ପାରମ୍ପରିକ ବଳଦ ଯାତ୍ରା ଶେଷ

ଭୁବନ,୮/୧୦ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନରେ ଐତିହାସିକ ଓ ପାରମ୍ପରିକ ବଳଦ ଯାତ୍ରା ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିବାବେଳେ ମା’ ଦୁର୍ଗାଙ୍କୁ ଅଶ୍ରୁଳ ନୟନରେ ବିଦାୟ ଦେଇ ପୁଣି ଆରବର୍ଷକୁ ଅପେକ୍ଷା କରିଛନ୍ତି ସମଗ୍ର ଭୁବନବାସୀ । ମହାମାରୀ କରୋନା ଯୋଗୁ ଦୀର୍ଘ ଦୁଇବର୍ଷ ହେଲା ଯାତ୍ରା ହୋଇନଥିବାବେଳେ ଚଳିତବର୍ଷ ଧୁମଧାମରେ ପାଳନ ହୋଇଥିଲା ଦଶହରା ପର୍ବ । ବିଜୟା ଦଶମୀ ସଂଧ୍ୟାରେ ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇଥିଲା ଐତିହାସିକ ତଥା ପାରମ୍ପରିକ ବଳଦ ଯାତ୍ରା । ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଳଦ ଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବଳଦଯାତ୍ରାର ଅନ୍ୟତମ ସହଯୋଗୀ କାଚରା ସମାଜ ତରଫରୁ ସାଂସଦଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ଶାନ୍ତିକମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବଳଦ ଯାତ୍ରାର ସ୍ରଷ୍ଟା ଥୋରିଆ ସମାଜ ପ୍ରଥା, ପରମ୍ପରା ଓ ରୀତି ନୀତି ଅନୁଯାୟୀ ବଳଦ ଯାତ୍ରା ଅନୁକୂଳ କରିଥିଲା । ବଣିଆ ସଂପ୍ରଦାୟ ମଧ ଏଥିରେ ସାମିଲ ହୋଇଥିଲେ । ସମୁଦାୟ ୩୨ଟି ସୁସଜ୍ଜିତ ବଳଦ ଗୁଜୁରୀ ହାଟରୁ ଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ । ଏକାଦଶୀ ସଂଧ୍ୟାରେ ପାଲାମଣ୍ଡପ ଠାରେ ଆରମ୍ଭ ହୋଇଥିଲା ଚିତାକର୍ଷକ ରାବଣପୋଡ଼ି ଓ ଆତସବାଜି ମହୋତ୍ସବ । ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ କରିଥିଲେ । ରାତ୍ର ୧୦ ଘଟିକା ସମୟରେ ଆରମ୍ଭ ହୋଇଥିଲା ବଳଦ ଯାତ୍ରାର ଅନ୍ତିମ ପର୍ବ ତଥା ମା ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା । ଭସାଣି ଯାତ୍ରାରେ ସମୁଦାୟ ୩୨ଟି ବଳଦ ଓ ୧୩ଟି ଦୁର୍ଗାମେଢ ସାମିଲ ହୋଇଥିଲା । ତୁହାକୁତୁହା ବର୍ଷାସତ୍ୱେ ପାରମ୍ପରିକ ବାଦ୍ୟ, ଲୋକନୃତ୍ୟ ସାଙ୍ଗକୁ, ମ୍ୟୁଜିକଗ୍ରୁପ ଓ ଡିଜେ ସାଉଣ୍ଡର ତାଳେତାଳେ ଯୁବଗୋଷ୍ଠୀ ନୃତ୍ୟକରିଏକାଦିନକେ ୨ ବର୍ଷର ମଜା ନେଇଥିଲେ । ମଧାହ୍ନ ୧୨ ଘଟିକା ସମୟରେ ସମସ୍ତ ମେଢ ନୂଆବଜାର(ବସ୍‌ଷ୍ଟାଣ୍ଡ) ଠାରେ ପହଂଚିବା ପରେ ଆରମ୍ଭ ହୋଇଥିଲା ମେଳଣ । ହରିବୋଲ, ହୁଳହୁଳି, ଶଙ୍ଖଧ୍ୱନି ସାଙ୍ଗକୁ ଘଂଟ, ଘଂଟାରେ ପ୍ରକମ୍ପିତ ହୋଇପଡ଼ିଥିଲା ସମଗ୍ର ପରିବେଶ । ହଜାର ହଜାର ଦର୍ଶକ ଅଶ୍ରୁଳ ନୟନରେ ମା ଦୁର୍ଗାଙ୍କୁ ବିଦାୟ ଜଣାଇ ପୁଣି ଅପେକ୍ଷା କରିଥିଲେ ଆରବର୍ଷକୁ । ନଗରପାଳ ଶୁଭେନ୍ଦୁ କୁମାର ସାହୁ, ସହର ସଂଗଠନ ସଭାପତି ବାସୁଦେବ ବେହେରା, ଶାନ୍ତିକମିଟି ବରିଷ୍ଠ ସଭ୍ୟ ଦିଲ୍ଲୀପ କୁମାର ଦାସଙ୍କ ସମେତ ଶାନ୍ତିକମିଟି ସଦସ୍ୟମାନେ ବଳଦ ଯାତ୍ରାକୁ ଶୃଙ୍ଖଳିତ କରିଥିବାବେଳେ ଆଡିସିନାଲ ଏସ୍‌ପି ପୁରୁଷୋତମ ସେଠୀଙ୍କ ତତ୍ୱାବଧାନ, ଏସଡିପିଓ ରଂଜନ କୁମାର ଦେ, ଆଇଆଇସି ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୮୦ରୁ ଉର୍ଦ୍ଧ୍ୱ ପୋଲିସ ଅଫିସର, ୩ ପ୍ଲାଟୁନ ଫୋର୍ସ, ପୋଲିସ କର୍ମଚାରୀ ଗୃହରକ୍ଷୀ ଶାନ୍ତିଶୃଙ୍ଖଳାରେ ନିୟୋଜିତ ହୋଇଥିଲେ ।

# ପୂର୍ବତନ ମନ୍ତ୍ରୀ କେନ୍ଦ୍ରାପଡାର ବରପୁତ୍ର ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ ୪୨ତମ ଶ୍ରାଦ୍ଧ ଦିବସ ପାଳିତ

କେନ୍ଦ୍ରାପଡ଼ା,୮/୧୦ (ନି.ପ୍ର): କେନ୍ଦ୍ରାପଡାର ବରପୁତ୍ର, ଓଡିଶାର ପୂର୍ବତନ ଶିକ୍ଷ,କୃଷି ଓ ଆଇନ ମନ୍ତ୍ରୀ, ବିଶିଷ୍ଟ ଆଇନଜୀବି ତଥା ପୂର୍ବତନ ଆଡଭୋକେଟ ଜେନେରାଲ ସ୍ୱର୍ଗତ ଦୀନବନ୍ଧୁ ସାହୁ କେନ୍ଦ୍ରାପଡା ଜିଲ୍ଲାର ସାମୁହିକ ବିକାଶ କରିଥିଲେ । ସେ କେନ୍ଦ୍ରାପଡା ମହାବିଦ୍ୟାଳୟର ପ୍ରତିଷ୍ଠାତା ଥିଲେ । ତାଙ୍କ ରାଜନୈତିକ ଜୀବନରେ କେନ୍ଦ୍ରାପଡା ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନର ସୁବିଧା କରିବା ସହ କେନ୍ଦ୍ରାପଡାରେ ଶିଳ୍ପାଂଚଳ, ବଳଦେବଜୀଉ ପାୱାରଲୁମ, ବିଚାର ବିଭାଗରେ ନୂତନ କୋର୍ଟ ପ୍ରତିଷ୍ଠା ଓ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରିବା ସହ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ସେ କରିଥିଲେ । ସେ ସମୟରେ କୃଷିର ଉନ୍ନତି ପାଇଁ ଜଜାଙ୍ଗ ଠାରେ ଝୋଟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ସହ କେନ୍ଦ୍ରାପଡାରେ ଇଞ୍ଜିନିଅରିଂ ସ୍କୁଲ ପ୍ରତିଷ୍ଠା କରିଥିଲେ । ପରବର୍ତ୍ତି ସମୟରେ ରାଜନୈତିକ ଇଛାଶକ୍ତି ଅଭାବରୁ ସେହି ଇଞ୍ଜିନିଅରିଂ ସ୍କୁଲଟି କେନ୍ଦ୍ରାପଡାରୁ ଅନ୍ୟତ୍ର ଉଠିଯାଇଥିଲା । ପରେ ତାଙ୍କରି ଉଦ୍ୟମରେ ଇଞ୍ଜିନିଅରିଂ ସ୍କୁଲର ସମସ୍ତ କୋଠାବାଡି ଓ ଭୂସମ୍ପତିକୁ କେନ୍ଦ୍ରାପଡା ମହାବିଦ୍ୟାଳୟକୁ ରାଜ୍ୟ ସରକାର ହସ୍ତାନ୍ତର କରିଥିଲେ । ସେ ଓକିଲାତି ଜୀବନରେ ସ୍ୱାଧୀନତା ସଂଗ୍ରାମ ସମୟରେ ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଜା ଆନ୍ଦୋଳନ ନେତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମୋକଦ୍ଦମାରେ ସେମାନଙ୍କ ପାଇଁ ଅଦାଲତରେ ବିନା ପାରିଶ୍ରମିକରେ ଲଢି ନ୍ୟାୟଦେବାରେ ସହାୟକ ହୋଇଥିଲେ । ଏଥିସହିତ ସେ ଜଣେ ଦରଦୀ ଓ ଭଗବତପ୍ରେମୀ ଭାବରେ ବେଶ ଲୋକପ୍ରିୟ ଥିବାର ସ୍ୱର୍ଗତ ସାହୁଙ୍କ ୪୨ତମ ଶ୍ରାଦ୍ଧୋତ୍ସବ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମରେ ଗତ ୧୯୧୦ମସିହା ଅକ୍ଟୋବରମାସ ୧୦ତାରିଖରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ସାହୁଙ୍କର ଗତ ୧୯୮୦ମସିହା ଅକ୍ଟୋବରମାସ ୭ତାରିଖରେ ତିରୋଧନ ହୋଇଥିଲା । ଆଜି ତାଙ୍କ ଶ୍ରାଦ୍ଧଦିବସ ଅବସରରେ କେନ୍ଦ୍ରାପଡା ତହସିଲ କାର୍ଯ୍ୟାଳୟ ନିକଟରେ ସ୍ଥାପିତ ସ୍ୱର୍ଗତ ସାହୁଙ୍କ ଆବକ୍ଷ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏହି ଉପଲକ୍ଷେ ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁଙ୍କ ଆବାହକତ୍ୱରେ ଏବଂ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଅଧାପକ ଅଜୟ କୁମାର ସାମଲ, ସାହିତ୍ୟିକ ଡଃ. ବାସୁଦେବ ଦାସ, ଜିଲ୍ଲା ଓକିଲ ସଙ୍ଘର ପ୍ରାକ୍ତନ ସଭାପତି ସରୋଜରାଜ ସିଂ, ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ନଗରପାଳ ସରିତା ସାହୁ, ଜିଲ୍ଲା ବିଜେଡି ସଭାପତି ଉତ୍କଳକେଶରୀ ପରିଡା, ଡଃ. ଗଦାଧର ମଲ୍ଲିକ, ଇଂ ମୁରଲୀଧର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ବକ୍ତବ୍ୟ ରଖିଥିଲେ । କେନ୍ଦ୍ରାପଡା ମହାବିଦ୍ୟାଳୟକୁ ଏକ ଗ୍ରାମ୍ୟ ବିଶ୍ୱବିଦ୍ୟାଳୟରେ ପରଣତ କରିବାକୁ ସ୍ୱର୍ଗତ ସାହୁଙ୍କର ଥିବା ସ୍ୱପ୍ନକୁ ସାକାର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିମନ୍ତେ ଅତିଥିମାନେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ କେନ୍ଦ୍ରାପଡା କଲେଜ ଅଧକ୍ଷ ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାକ୍ତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ପୂର୍ବତନ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ନଗର ବିଜେଡି ସଭାପତି ଯଯାତିକେଶରୀ ମହାନ୍ତି, ବିଜୟ ପତି, ଆଇନଜୀବି ଅଧିକାରୀ ପ୍ରଭାତ ଦାସ, ଦେବଦାସ ମହାନ୍ତି, ରମଣୀରଞ୍ଜନ ରାଉତରାୟ, ବିଜୟ ପରିଡା, ପ୍ରମୋଦ ସାହୁ, ପ୍ରଦୀପ୍ତ ମହାନ୍ତି, ରେବତୀରମଣ ଦାସ, କାଉନସିଲର ପ୍ରଦୀପ କୁମାର ଜେନା, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ସାମ୍ବାଦିକ ଚିତରଞ୍ଜନ ଦାସ, ମୁକ୍ତାର ଖାଁ, ରଞ୍ଜିତ ସାହୁ, ବିପଦଭଞ୍ଜନ ଦାସ, ଶ୍ରୀକାନ୍ତ ପଣ୍ଡା, ଗୟାଧର ଧଳ, ଶୁକଦେବ ସାହୁ, ଶୁକଦେବ ଦାସ, ଦେବେନ୍ଦ୍ର ରାଉତ, ପ୍ରଦିପ ନାୟକ, ଶକ୍ତିକାନ୍ତ ପାତ୍ର, ଦୀପକ ପୃଷ୍ଟି, ଜୟନ୍ତ ଦାସ, ରଘୁନାଥ ପରିଡା, ଶୁଭାଂଶୁ ଦାସ, ରଞ୍ଜନ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଫୁଲବାଣୀରେ ଶାରଦୀୟ କବିତା ଆସର


କନ୍ଧମାଳ,୮/୧୦ (ନି.ପ୍ର): ଫୁଲବାଣୀ ଲେଖକ ସାମୁଖ୍ୟ ଅନୁଷ୍ଠାନର କାର୍ଯ୍ୟଳୟରେ,ସମ୍ବାଦ ସାହିତ୍ୟ ଘର ଶାରଦୀୟ କବିତା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି, ରବୀନ୍ଦ୍ରନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ, ସମ୍ପାଦକ କୈଳାଶଚନ୍ଦ୍ର ଧଳ ସ୍ୱାଗତ ଭାଷଣ ଦେଇଥିଲେ । କବିତା ଆସର କାର୍ଯ୍ୟକ୍ରମରେ,କବୟତ୍ରୀ ଅଧାପିକା ହରପ୍ରିୟା ମିଶ୍ର ସଂଯୋଜନା କରିଥିଲେ । ଏଥିରେ କବି ସର୍ବଶ୍ରୀ ଦୁର୍ଯ୍ୟଧନ ପ୍ରଧାନ, ରାମକୃଷ୍ଣ ବେହେରା, ନବୀନ କିଶୋର ପଣ୍ଡା, ରବୀନ୍ଦ୍ରନାଥ ମିଶ୍ର, ବୈଜୟନ୍ତୀମାଳା ମହାପାତ୍ର, ସିଏଚ ନମିତା ପାତ୍ର, ପ୍ରଶନ୍ନ କୁମାର ପଣ୍ଡା, ସୋମନାଥ ସାହୁ, ହରପ୍ରିୟା ମିଶ୍ର, ଡଃ.ଚିତରଞ୍ଜନ ମିଶ୍ର, ଅଶୋକ ପରିଡା, କୈଳାଶଚନ୍ଦ୍ର ଧଳ, ବନବିହାରୀ ନନ୍ଦ ପ୍ରମୁଖ ଯୋଗ ଦେଇ ସେମାନଙ୍କର କବିତା ପାଠ କରିଥିଲେ ।

# କୁଲୁତା ସମାଜର ସୁବର୍ଣ୍ଣ ଜୟନ୍ତି ମହା ସମାରୋହରେ ପାଳିତ

ବଲାଙ୍ଗିର,୮/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବିଶାଶହେ କୁଲୁତା ସମାଜ ର ସୁବର୍ଣ୍ଣ ଜୟନ୍ତି ମହାସମାରୋହ ରେ ଉଦ୍ଘାଟିତ ହୋଇଯାଇଛି । ଗୁରବାର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇ ଜାତି ଧ୍ୱଜା ସ୍ଥାପନ କରାଯାଇଥିଲା ।ସେହିପରି ଶୁକ୍ରବାର ହର୍ଡାଟାଲ ହାଇସ୍କୁଲ ଖେଳପଡିଆ ଠାରେ ଦିନ ୧୧ ଟା ସମୟରେ ସଭା ଆୟୋଜନ ହୋଇଯାଇଛି । ସଭା କାର୍ଯ୍ୟ ପ୍ରାରମ୍ଭ ରୁ କୁଲୁତା ଜାତିର ଇଷ୍ଟ ଦେବି ରଣେଶ୍ୱର ରାମଚଣ୍ଡି ଙ୍କ ବନ୍ଦନା କରାଯାଇଥିଲା ।ପରେ ସମାଜ ର ଦିବଙ୍ଗତ ବ୍ୟକ୍ତି ମାନଙ୍କ ର ଅମର ଆତ୍ମାର ସଦ୍ଗତି ପାଇଁ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଆଜିକାର ପ୍ରଥମ ପର୍ଯ୍ୟାୟ ସଭାରେ ଓଡିଶା ର ବିଭିନ୍ନ ଜିଲାରୁ ଜିଲ୍ଲା ସଭାପତି ଓ ସମ୍ପାଦକ ମାନେ ଯୋଗ ଦେଇ ବିଗତ ଦିନରେ ଜାତି ମହାସଭାରେ ତିଆରି ହୋଇଥିବା ଜାତି ସମ୍ବିଧାନ ବିଶୟରେ ଆଲୋଚନା ହୋଇଛି । ସେହିପରି ଅପରାହ୍ନ ରେ ଦ୍ୱିତୀୟ ପର୍ଯାୟ ସଭାରେ କୃଷି ଓ କୃଷକ ଙ୍କ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଏଥିରେ କୃଷି ବିଶେଷଜ୍ଞ ଅମିୟ କୁମାର ସାହୁ ଓ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଧାନ ଗବେଷକ ଶ୍ରୀଯୁକ୍ତ ସୁଦାମ ସାହୁ ଯୋଗ ଦେଇଥିଲେ । ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଏହି ଉତ୍ସବରେ ଅନେକ ଉପସ୍ଥିତ ଥିଲେ ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ - ୯୩

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏହା ଯେ ସମାଜ ପକ୍ଷରେ ମଙ୍ଗଳକର ହୋଇଅଛି ଏହା ସମସ୍ତ ବର୍ତ୍ତମାନ ମୁକ୍ତ କଣ୍ଠରେ ସ୍ୱୀକାର କଲେଣି। ସମୃଦ୍ଧି ଆଉ ଇହଜଗତରେ ନାହାଁନ୍ତି। ଯଦି ସେ ବର୍ତ୍ତମାନ ଜୀବିତ ଥାଆନ୍ତେ ତାହାହେଲେ ଦେଖିଥାନ୍ତେ, ତାଙ୍କ ନିଜ ଘର ତାଙ୍କ ପ୍ରତିପାଦିତ ମତ କେତେଦୂର ସଂଶୋଧିତ ଓ ପରିବର୍ତ୍ତିତ ହୋଇଅଛି। ସେ ଅର୍ଥକରି ବିଦ୍ୟାର ପକ୍ଷପାତୀ ନଥିଲେ ବୋଲି ଘୋଷଣା କରୁଥିଲେ କିନ୍ତୁ ତାଙ୍କ ଗୋଟିଏ ପୁତ୍ରବଧୂ ବି.ଏ. ବି.ଇଡି। ସ୍ୱାମୀଙ୍କ ଚକ୍ଷୁରୋଗ ଜନିତ ଜୀବିକାର୍ଜ୍ଜନର ଅକ୍ଷମତା ଯୋଗୁଁ ସେହି ପୁତ୍ରବଧୂ ଶିକ୍ଷୟିତ୍ରୀ କାର୍ଯ୍ୟକରି ତାଙ୍କ ପୁତ୍ରର ପରିବାରକୁ ଅନ୍ନ ଯୋଗାଉଛନ୍ତି। ସମ୍ବଲପୁରୀବାସୀ ଆଉ କୂପମଣ୍ଡୁକ ହୋଇ ରହିଲେ ଚଳିବ ନାହିଁ। ପୃଥିବୀ କେଉଁଆଡ଼କୁ ଗତି କରୁଅଛି। ଆମ୍ଭମାନଙ୍କ ଏହି ଉତ୍କଳର ଅନ୍ୟାନ୍ୟ ଅଂଚଳ ପ୍ରତି ଦୃଷ୍ଟିପାତ କରନ୍ତୁ। କେବଳ ଭାରତବର୍ଷରେ ଶିକ୍ଷାପ୍ରାପ୍ତିରେ ସନ୍ତୁଷ୍ଟ ନରହି କେତେକ ଓଡ଼ିଆ ଝିଅ ଉଚ୍ଚଶିକ୍ଷା ସକାଶେ ଦେଶଦେଶାନ୍ତରକୁ ଯାଇ କୃତିତ୍ୱ ଅର୍ଜ୍ଜନ କରି ଫେରୁଅଛନ୍ତି, ଏହା ଦେଖି ସମ୍ବଲପୁରର ରକ୍ଷଣଶୀଳ ଦଳ ଆଲୋକପ୍ରାପ୍ତ ହୁଅନ୍ତୁ।

ତା. ୧୨.୭.୧୯୩୯ ଦିନ ସୁଷମାକୁ ନେଇ ପାଟଣଶ ମେଡିକାଲ କଲେଜରେ ଭର୍ତ୍ତି କରାଇଦେଲି। ତାହା ସଙ୍ଗେ ବାଲେଶ୍ୱରର ସାଧାନ ରାଉତ ମଧ୍ୟ ଭର୍ତ୍ତି ହେଲା। ସାଧନା ସ୍ୱର୍ଗୀୟ ଫକୀରମୋହନ ସେନାପତିଙ୍କ ଦୌହିତ୍ରୀ। ସେତେବେଳେ ପାଟଣା ମେଡିକାଲ କଲେଜର ଛାତ୍ରୀମାନଙ୍କ ସକାଶେ ସ୍ୱତନ୍ତ୍ର ହଷ୍ଟେଲ (ଛାତ୍ରୀ ନିବାସ) ନଥିଲା। ଯେଉଁ ଅଳ୍ପସଂଖ୍ୟକ ଛାତ୍ରୀଥିଲେ, ସେମାନଙ୍କ ସକାଶେ ଜଣେ ଭଦ୍ରବ୍ୟକ୍ତିଙ୍କ ବାସଗୃହର ଏକାଂଶ ଭଡ଼ାରେ ନେଇ ସେମାନଙ୍କୁ ରଖା ହୋଇଥିଲା। ଏଥିରେ ମଧ୍ୟ ସୁଷମା ଓ ସାଧନା ସକାଶେ ସ୍ଥାନ ମିଳିଲା ନାହିଁ। ଏମାନେ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଆସିଥିଲେ। ତେଣୁ ଏମାନଙ୍କ ରହିବା ବ୍ୟବସ୍ଥା କରିବା ସକାଶେ ମୁଁ ତଦାନୀନ୍ତନ ଓଡ଼ିଶା ସରକାରଙ୍କ ଚିକିତ୍ସା ବିଭାଗର ଡିରେକ୍ଟରଙ୍କଠାରୁ ଏକ ଅନୁରୋଧ ପତ୍ର ଲେଖିଲି। କିନ୍ତୁ ସେ ଏ ଦିଗରେ ମନଦେଲେ ନାହିଁ ଓ ଏମାନଙ୍କ କଲେଜ ତ୍ୟାଗକରି ଚାଲିଯିବା ଆଶଙ୍କା ଉପସ୍ଥିତ ହୋଇଥିଲା। କିନ୍ତୁ ପାଟଣା ମେଡିକାଲ କଲେଜର ଅଧ୍ୟକ୍ଷ କୋଲୋନେଲ୍ ମେହନିଙ୍କ ବ୍ୟକ୍ତିଗତ ଚେଷ୍ଟାରେ ବାଙ୍କୀପୁର ବାଳିକା ହାଇସ୍କୁଲ ସଂଲଗ୍ନ ହଷ୍ଟେଲରେ ସେମାନଙ୍କୁ ସ୍ଥାନ ଦିଆହେଲା ଓ ପ୍ରଥମ ବର୍ଷଟି ସେମାନେ ସେଠାରେ ରହିଲେ। ଦ୍ୱିତୀୟ ବର୍ଷରେ (୧୯୪୦) ସେମାନେ ପ୍ରୋକ୍ତ ଭଡ଼ାଘରେ ସ୍ଥାନ ପାଇଲେ। ଉଭୟେ ପ୍ରଥମ ଓ ଦ୍ୱିତୀୟ ବର୍ଷର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ସେତେବେଳେ ଚିକିତ୍ସା ବିଦ୍ୟାଧ୍ୟୟନର କାର୍ଯ୍ୟକାଳ ଥିଲା ଛଅ ବର୍ଷ। ୧୯୪୧ ମସିହା ଜୁଲାଇ ମାସରେ ସୁଷମା ପ୍ଳୁରିସି ରୋଗରେ ପୀଡ଼ିତ ହେବାରୁ ଛଅମାସ ସକାଶେ ତାହାର ପାଠ ବନ୍ଦ କରାହୋଇଥିଲା। ଡିସେମ୍ବର ମାସ ଆଡ଼କୁ ରୋଗର ଉପଶମ ହେବାରୁ ପୁଣି ଯାଇ ୧୯୪୨ ମସିହା ମଇ ମାସରେ ତୃତୀୟ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା। ୧୯୪୦ ମସିହାରେ ଓଡ଼ିଶାର ଗଭର୍ଣ୍ଣର ସାର୍ ଜନ୍ ହାବାକ ସମ୍ବଲପୁର ଗସ୍ତରେ ଆସିଥିଲେ। ତାଙ୍କ ସହିତ ସାକ୍ଷାତରେ ମୁଁ ଏହି ଦୁଇ ବାଳିକାଙ୍କ ସକାଶେ ଓଡ଼ିଶା ସରକାରଙ୍କଠାରୁ ବୃତ୍ତି ପାଇଁ ଅନୁରୋଧ କରିଥିଲି ଓ ଓଡ଼ିଶା ସରକାର, ସେମାନେ କଲେଜରେ ଯୋଗଦେବା ଦିନଠାରୁ (ଜୁଲାଇ ୧୯୩୯) ଟ୩୫ଙ୍କା ଲେଖାଁଏ ମାସିକ ବୃତ୍ତି ମଂଜୁର କରିଥିଲେ। ଏହା ଉତ୍ତାରେ ୬ଟେ ଛାତ୍ରୀ ଓଡ଼ିଶାରୁ ଆସିଲେ, ସେମାନେ ସମସ୍ତେ ଏହି ବୃତ୍ତି ଭୋଗକଲେ।

*ଦ୍ୱିତୀୟ ମହାସମର*

*ବୋଧରାମ ଦୁବେ ପ୍ରଭୃତି ନେତାଙ୍କ କାରାବଣ*

୧୯୩୯ ମସିହା ସେପ୍ଟେମ୍ବର ତା୨ରିଖ ଦିନ ଏକପକ୍ଷରେ ଜର୍ମାନୀ, ଇଟାଲି ଓ ଜାପାନ ଏବଂ ଅପରପକ୍ଷରେ ଇଂଲଣ୍ଡ, ଆମେରିକାର ଯୁକ୍ତରାଷ୍ଟ୍ର, ରୁଷିୟା ଆଦି ସମ୍ମିଳିତ ରାଷ୍ଟ୍ର ମଧ୍ୟରେ ମହାଯୁଦ୍ଧ ସଂଘଟିତ ହେଲା। ଏହା ପୃଥିବୀବ୍ୟାପୀ ଦ୍ୱିତୀୟ ମହାସମର ନାମରେ ପରିଚିତ। ପ୍ରଥମ ମହାସମର ୧୯୧୪ ମସିହାରୁ ୧୯୧୮ ମସିହା ପର୍ଯ୍ୟନ୍ତ ହୋଇଥିଲା। ଯୁଦ୍ଧର ବିଭୀଷିକା ସମଗ୍ର ପୃଥିବୀରେ ତୁମୂଳଭାବରେ ପ୍ରସାରିତ ହେଉଥିବା ସମୟରେ ଭାରତବର୍ଷରେ ଇଂରେଜ ସରକାର ଭାରତବାସୀଙ୍କଠାରୁ ସର୍ବପ୍ରକାର ସାହାଯ୍ୟ ଦାବିକରି କହିଲେ ଯେ, ଜର୍ମାନୀ ବିରୁଦ୍ଧରେ ଯେଉଁ ଯୁଦ୍ଧ ଚଳାଇଛନ୍ତି, ତାହା ପୃଥିବୀରେ ସ୍ୱାଧୀନତା ରକ୍ଷା ସକାଶେ। ଯୁଦ୍ଧ ଯେତେବେଳେ ଆରମ୍ଭ ହେଲା, ମହାତ୍ମାଗାନ୍ଧୀ ଓ ଅନ୍ୟାନ୍ୟ ନେତାମାନଙ୍କୁ ଡାକି ଭାରତର ବଡ଼ଲାଟ୍ କହିଲେ ଯେ, ଭାରତବାସୀ ସମସ୍ତେ ସର୍ବତୋଭାବେ ଇଂରେଜ ସରକାରଙ୍କୁ ସାହାଯ୍ୟକରି ପୃଥିବୀରେ ସ୍ୱାଧୀନତା ଓ ଶାନ୍ତି ସଂସ୍ଥାପନ ସକାଶେ ସାହାଯ୍ୟ କରନ୍ତୁ। ସମସ୍ତେ ନେତାମାନେ ଏକସ୍ୱରରେ କହିଲେ, ଯେଉଁ ନୀତିବଳରେ ସ୍ୱାଧୀନତା ସଂରକ୍ଷଣ ସକାଶେ ଇଂରେଜ ସରକାର ଯୁଦ୍ଧ ଚଳାଇଅଛନ୍ତି ବୋଲି କହୁଅଛନ୍ତି ସେହି ନୀତି ଭାରତବର୍ଷ ପ୍ରତି ସୁଦ୍ଧା ପ୍ରଯୁଜ୍ୟ ବୋଲି ଘୋଷଣା କରନ୍ତୁ ଓ ଯୁଦ୍ଧ ଶେଷରେ ତାହା କାର୍ଯ୍ୟରେ ପରିଣତ କରିବେ ବୋଲି ପ୍ରତିଶ୍ରୁତି ଦିଅନ୍ତୁ ଏବଂ ତାଙ୍କ ଆନ୍ତରିକତାର ପ୍ରମାଣ ସ୍ୱରୂପ ଭାରତବର୍ଷ ପୂର୍ଣ୍ଣପ୍ରାଣରେ ଯୁଦ୍ଧକ୍ଷେତ୍ରକୁ ଅବତରଣ କରି। ଏଥିରେ ଇଂରେଜ ସରକାର ରାଜି ହେଲେନାହିଁ। କଂଗ୍ରେସର କାର୍ଯ୍ୟକାରୀ କମିଟିର ଓ୍ୱାର୍ଦ୍ଧା ବୈଠକରେ ସ୍ଥିର ହେଲା ଯେ, ପ୍ରତ୍ୟେକ ଭାରତବାସୀ ଯୁଦ୍ଧ ସକାଶେ ସାହାଯ୍ୟ କରିବା ବିରୁଦ୍ଧରେ ପ୍ରଚାର କରିବେ। ମହାତ୍ମାଗାନ୍ଧୀ କଂଗ୍ରେସ ପକ୍ଷରୁ ଏହି ନିର୍ଦ୍ଦେଶ ନେଇ ବଡଲାଟଙ୍କ ସଙ୍ଗେ ସାକ୍ଷାତ କଲେ। ବଡ଼ଲାଟ୍ ଏହି ପ୍ରସ୍ତାବରେ ସମ୍ମତ ହେଲେ ନାହିଁ। ସରକାର ଚାହିଁଲେ ଯେ, ପ୍ରତ୍ୟେକ ଭାରତବାସୀ ଯୁଦ୍ଧ ଜୟ ସକାଶେ ସାହାଯ୍ୟ କରିବେ ଓ ଏହା ଚତୁର୍ଦ୍ଦିଗରେ ପ୍ରଚାର କରିବେ। କଂଗ୍ରେସ ଚାହେଁ ଯେ, ଏହି ନୀତି ବିରୁଦ୍ଧରେ ପ୍ରଚାର କରିବ। ସରକାରଙ୍କ ହାତରେ ସମସ୍ତ ପ୍ରକାର କ୍ଷମତା ଥାଇ ଏହା କି କରିଦେବା ସମ୍ଭବ? ଭାରତରକ୍ଷା ଆଇନ ତ ପୂର୍ବରୁ ଜାରି ହୋଇସାରିଥିଲା ଓ ଯୁଦ୍ଧକୁ ସାହାଯ୍ୟ ଦେବା ବିରୁଦ୍ଧରେ ମତ ପ୍ରକାଶ ବା ପ୍ରଚାର କରିବା ଦୋଷାବହ ବୋଲି ପ୍ରଚାର କରାହୋଇଥିଲା। ଏହି ଆଇନ୍ ଅମାନ୍ୟ କରିବାପାଇଁ କଂଗ୍ରେସ ସ୍ଥିର କଲେ। କିନ୍ତୁ ଅମାନ୍ୟ କରିବ କିଏ? ୧୯୩୦ ମସିହାରେ ଆଇନ୍ ଅମାନ୍ୟ ଆନ୍ଦୋଳନରେ ନାନା ପ୍ରକାର ଲୋକେ କଂଗ୍ରେସରେ ପଶିଥିଲେ। ଏମାନଙ୍କ ମଧ୍ୟରେ ଅଧିକାଂଶ ବେରୋଜଗାରୀ ଓ ଅସଯଂତ ବ୍ୟକ୍ତି। ଏହି ଆନ୍ଦୋଳନ ସେମାନଙ୍କ ପକ୍ଷରେ ସୁବିଧାଜନକ ହୋଇଥିଲା। ଘରେ ଖାଇବାକୁ ପାଉନଥିଲେ, ଖାଇବାକୁ ପନ୍ଥା ମିଳିଲା। ପୂର୍ବ କଳଙ୍କ କ୍ଷାଳନ କରିବା ବାଟ ପାଇଲେ। ମହାତ୍ମାଗାନ୍ଧୀ ଏହା ଜାଣିଥିଲେନ୍ତ ତେଣୁ ଉପସ୍ଥିତ ଆନ୍ଦୋଳନରେ ବଛା ବଛା ସୈନିକ ଓ ସେନାପତି ଯାଇ ଏହାକୁ ସାଫଲ୍ୟମଣ୍ଡିତ କରିବେ ବୋଲି ଉପାୟ ସ୍ଥିର କଲେ। ଦେଖାଗଲା ଯେ ପ୍ରତ୍ୟେକ ରାଜ୍ୟର ଭୂତପୂର୍ବ ମନ୍ତ୍ରୀମାନେ କାର୍ଯ୍ୟ ଆରମ୍ଭ କରିବେ ଏବଂ ତପ୍ରରେ ପ୍ରାଦେଶିକ ବ୍ୟବସ୍ଥାପକ ସଭାର ସଦସ୍ୟମାନେ ସେମାନଙ୍କୁ ଅନୁସରଣ କରିବେ। ସମ୍ବଲପୁରର ବିଶିଷ୍ଟ ଓକିଲ ଓ ଭୂତପୂର୍ବ ଓଡ଼ିଶାର ମନ୍ତ୍ରୀ ଶ୍ରୀ ବୋଧରାମ ଦୁବେ ଆଇନ୍ ଅମାନ୍ୟ କରିବାକୁ ଅଗ୍ରସର ହେଷଲ।

କି ହାସ୍ୟାସ୍ପଦ ବ୍ୟାପାର। ଆଇନ୍ ଅମାନ୍ୟ ହେଉଛି କିପରି? ସମବେତ କେତେକ ଲୋକଙ୍କ ଆଗରେ କେବଳ ଗୋଟିଏ ବାକ୍ୟ କୁହାହେବ। ତାହା ଏହି - "ଏହି ଯୁଦ୍ଧରେ ଇଂରେଜ ସରକାରଙ୍କୁ ଲୋକ ବା ଅର୍ଥ ସାହାଯ୍ୟ ଦେବା ଅନ୍ୟାୟ। ଏକମାତ୍ର ନ୍ୟାୟ, ଅହିଂସା ବଳରେ ଏହାର ବିରୁଦ୍ଧାଚରଣ।"

ଏମାନେ ଲୁଚାଇ କିଛି କରୁନଥିଲେ। ବୋଧରାମ ବାବୁ ସମ୍ବଲପୁର ସହରସ୍ଥ ନନ୍ଦପଡ଼ାରେ ତାଙ୍କ ବାସଗୃହ ସମ୍ମୁଖରେ ତା. ୩.୧୨.୧୯୪୦ ଦିନ ୯ଟା ବେଳେ ଏହା କରିବେ ବୋଲି ଦୁଇଦିନ ପୂର୍ବେ ଜିଲ୍ଲା ହାକିମଙ୍କୁ ଜଣାଇଦେଇଥିଲେ।

ତା ୨ରିଖ ରାତ୍ର ଆଠଟା ବେଳେ ମୁଁ ବୋଧରାମବାବୁଙ୍କ ସଙ୍ଗେ ସାକ୍ଷାତ କରିବା ସକାଶେ ତାଙ୍କ ଘରକୁ ଗଲି।

(କ୍ରମଶଃ)

## ପର୍ଦ୍ଦା ପଛର କଥା



**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।**

ଭାଗ- ୬୯

### ॥ ବିଚିତ୍ର ଅନୁଭୂତିରୁ ଖିଏ ॥

ମୁଁ ଯେ ଜଣେ ଚଳଚ୍ଚିତ୍ର ଦୁନିଆର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଏକଥା କେବେ ଚିନ୍ତା କରିନାହିଁ। ମୋ ପାଇଁ ପ୍ରତିଷ୍ଠାର ମାନେ ଭିନ୍ନ। ହଁ ଏକଥା ସତ ସଂଖ୍ୟାଧିକ ଚଳଚ୍ଚିତ୍ର ସହ ମୋର ସମ୍ପୃକ୍ତି ଏକ ବିଶେଷ ପରିଚିତି ଆଣି ଦେଇଛି। ଅନେକ ପୁରସ୍କାର, ଦୂରଦର୍ଶନ ମାଧ୍ୟମରେ ଭିନ୍ନ ଭିନ୍ନ ସାକ୍ଷାତକାର ତଥା କିଛି ଧାରାବାହିକ ଓ ସିନେମାରେ ଅଭିନୟ ମତେ ଦର୍ଶକମାନଙ୍କ ପାଖରେ ପରଚିତ କରାଇଛି। 'ଏ ମନ ମାନେନା' ଚଳଚ୍ଚିତ୍ରର ସେଇ କ୍ଷୁଦ୍ର ସମୟର ଅଭିନୟ ମତେ ବିଶେଷ ଚର୍ଚ୍ଚାରେ ରଖିଥିଲା। ତେବେ ମୋର ଏହି ଲୋକପ୍ରିୟତା ମୋତେ ବହୁ ମାତ୍ରାରେ ଉତ୍ସାହିତ କରିଛି, ଆଗକୁ ବଢ଼ିବାର ପ୍ରେରଣା ଦେଇଛି।

ସମୟ ଥିଲା ମୋ ଲିଖିତ ଧାରାବାହିକ ଗୁଡ଼ିକ ଦୂରଦର୍ଶନରେ ମୋ ନାଁ ଥିବା ଯୋଗୁଁ ହିଁ ଆପ୍ରୁଭ ହୋଇଯାଉଥିଲା। ଦୂରଦର୍ଶନ ନିୟମ ଅନୁଯାୟୀ ଚାରୋଟି ଲିଖିତ ଅଧ୍ୟାୟର ସ୍କ୍ରିପ୍ଟ ସହ ଅନ୍ୟୁନ ଆଠଗୋଟି ଅଧ୍ୟାୟର ସିନୋପସିସ୍ ଦାଖଲ କରିବାକୁ ହୁଏ। ଆପ୍ରୁଭାଲ ପରେ ସୁଟିଂ। ଦୂରଦର୍ଶନରେ ଅନେକ ସଫଳ ଧାରାବାହିକ ରଚୟିତା ଭାବରେ ମୋର ସ୍ୱତନ୍ତ୍ର ସମ୍ମାନ ଥିଲା । ଅନେକବାର କିଛି ପ୍ରଯୋଜକ ସ୍କ୍ରିପ୍ଟ ପ୍ରସ୍ତୁତ କରି ମୋ ନାଁରେ ସ୍କ୍ରିପ୍ଟ ଆପ୍ରୁଭ କରି ପରେ ମତେ ଜଣାଇ ମୋ ଦ୍ୱାରା ଲେଖାଇ ନିଅନ୍ତି। କାରଣ ମୋର ବୃତ୍ତିଗତ ବ୍ୟସ୍ତତା ହେତୁ ମୁଁ ଅନେକ ପ୍ରଯୋଜକଙ୍କୁ ଫେରାଇ ଦେଇଥାଏ।

ଚଳଚ୍ଚିତ୍ର କ୍ଷେତ୍ରରେ ମଧ୍ୟ ଥରେ ଦୁଇଥର ଏଇଭଳି ଅନୁଭବ ମୋର ହୋଇଛି।

ଥରେ ଜଣେ ମୋର ଅଭିନେତା ବଂଧୁଙ୍କ ଫୋନ୍ କଲ ପାଇ ନିର୍ଦ୍ଧାରିତ ହୋଟେଲରେ ପହଂଚିଲି। ସେଇ ବଂଧୁ ଗୋଟିଏ ସିରିଏଲରେ ଅଭିନୟ କରି ବେଶ୍ ପରିଚିତି ହାସଲ କରିଥାନ୍ତି। ମାତ୍ର ପରେ ପରେ ପ୍ରଯୋଜନା ଓ ନିର୍ଦ୍ଦେଶନାକୁ ଓହ୍ଲାଇ ପଡ଼ିଲେ। ହେଲେ ସେଭଳି କିଛି ସଫଳତା ହାସଲ କରିପାରିନଥାନ୍ତି। ତାଙ୍କର ବହୁଥର ଆମନ୍ତ୍ରଣ କ୍ରମେ ମଧ୍ୟ ମୁଁ ତାଙ୍କ ୟୁନିଟରେ କାମ କରିନଥାଏ। କାରଣ ମୁଁ ଭାରି ଚୁଜି। ଯଦି ମୋର ହୃଦବୋଧ ହୁଏ ଯେ କୌଣସି ପରିସ୍ଥିତିରେ ମୋ ସ୍କ୍ରିପ୍ଟର ଅବମାନନା ହେଉଛି ମୁଁ ତତ୍କ୍ଷଣାତ୍ ସେ ପ୍ରୋଜେକ୍ଟକୁ ଛାଡ଼ିଦିଏ।

ସେଦିନ ହୋଟେଲରେ ପହଂଚିଲି। ଅଭିନେତା ବଂଧୁ ଜଣକ ଗୋଟିଏ ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଇସାରିଥାନ୍ତି। ଅନ୍ୟ ଗୋଟିଏ ଚଳଚ୍ଚିତ୍ର ପାଇଁ ମତେ ସ୍କ୍ରିପ୍ଟ ଲେଖକଭାବେ ନେବାପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। ତେବେ ସେଠି ଗୋଟିଏ ରୋଚକ ଘଟଣା ଘଟିଲା। ବଂଧୁ ଜଣକ ଗୋଟାଏ ଡିଟିପି ହୋଇଥିବା ସ୍କ୍ରିପ୍ଟକୁ ମୋ ହାତରେ ଧରାଇଦେଲେ। ସ୍କ୍ରିପ୍ଟ ଯଦି ପ୍ରସ୍ତୁତ ତେବେ ମୋର ଏଠି ଆବଶ୍ୟକତା କଣ ? ସ୍କ୍ରିପ୍ଟ ଖୋଲି ଦେଖେତ ଚିତ୍ରନାଟ୍ୟ ସଂଳାପରେ ମୋ ନାଁ ହିଁ ରହିଛି। ଆଶ୍ଚର୍ଯ୍ୟ ହେଲି। ଏପରି କୌଣସି ସ୍କ୍ରିପ୍ଟ ମୁଁ ଲେଖିନାହିଁ । ବଂଧୁ ଜଣକ କହିଲେ, କ୍ଷମା କରିବେ ସାର୍। ପ୍ରଯୋଜକଙ୍କର ଦିଦ୍ ଥିଲା ଯଦି ରଜନୀରଂଜନ ସ୍କ୍ରିପ୍ଟ ଲେଖିବେ ତେବେ ମୁଁ ସିନେମା ନିର୍ମାଣ କରିବି। ଆପଣଙ୍କୁ ପ୍ରଥମରୁ କହିଥିଲେ ଆପଣ ସମୟ ଦେଇପାରିନଥାନ୍ତେ। ତେଣୁ ମୁଁ ନିଜେ ସ୍କ୍ରିପ୍ଟ ଲେଖି ପ୍ରଯୋଜକଙ୍କୁ ଆପଣଙ୍କ ନାଆଁ କହିଛି। ସେ ସମସ୍ତ ଟଙ୍କା ଦେଇ ସାରିଛନ୍ତି। ମୁଁ ଆପଣଙ୍କ ଆକାଉଂଟକୁ ପଠେଇ ଦେବି। ପ୍ରଥମେ ପ୍ରଯୋଜକ ରାଜି ହୋଇସାରନ୍ତୁ। ପରେ ଆପଣ ଆଉଥରେ ସ୍କ୍ରିପ୍ଟ ପ୍ରସ୍ତୁତ କରିଦେବେ, ପ୍ଲିଜ୍। ପ୍ରଯୋଜକଙ୍କୁ ଏ ବିଷୟରେ କିଛି କହିବେ ନାହିଁ। ମୁଁ କ୍ଷମା ମାଗୁଛି।

ମୁଁ ହତବାକ୍ ହୋଇ ପଡ଼ିଲି। ଏହା ଏକ ପ୍ରକାର ଧୃଷ୍ଟତା। ମୋ ପ୍ରିନ୍ସପୁଲ୍ ବିରୁଦ୍ଧ। ମନାକରି ଉଠି ପଳାଇ ଆସିଲେ ପ୍ରଯୋଜକଙ୍କ ସାମ୍ନାରେ ବଂଧୁ ଜଣକ ଅପଦସ୍ତ ହେବାଟା ଥୟ। କଷ୍ଟେମଷ୍ଟେ ପ୍ରଯୋଜକଙ୍କୁ ସାମ୍ନା କଲି। ସାଧୁବାଦ ଜଣାଇଲି। ଅନିଚ୍ଛାସତ୍ତ୍ୱେ ନିର୍ଦ୍ଦେଶକ ବଂଧୁଙ୍କ ନାମ ସୁପାରିଶ କଲି। ଅବଶ୍ୟ ସେ ପ୍ରୋଜେକ୍ଟଟି ଆରମ୍ଭ ହୋଇପାରିନଥିଲା। ବହୁଦିନପରେ ବଂଧୁ ଜଣକ ସେଇ ଟାଇଟଲଟିକୁ ନେଇ ଫିଲ୍ମଟିଏ ନିର୍ମାଣ କଲେ ନିଜ ସ୍କ୍ରିପ୍ଟରେ, ଯାହାକି ଏଯାବତ୍ ମୁକ୍ତିଲାଭ କରିପାରିନାହିଁ। ସେ ବଂଧୁ ଜଣକ ଏ ପର୍ଯ୍ୟନ୍ତ ଓଲିଉଡ୍‌ରେ ନିଜର ସ୍ଥିତି ଜାହିର ପାଇଁ ସଂଘର୍ଷ ଜାରି ରଖିଛନ୍ତି।

ନିକଟରେ ଅନ୍ୟ ଏକ ପ୍ରୋଜେକ୍ଟରେ ମୋ ସହିତ କାମ କରିବାର ଅଫର ନେଇ ଆସିଥିଲେ। ମାତ୍ର ଚତୁରତାର ସହ ମୁଁ ଏଡ଼ାଇ ଯାଇଥିଲି। ଏଭଳି ମାନସିକତାକୁ ମୁଁ ଆଦୌ ସହ୍ୟ କରିପାରେ ନାହିଁ। ଏଭଳି ନିର୍ଦ୍ଦେଶକମାନଙ୍କଠାରୁ ମୁଁ ଦୂରେଇ ରହିବାକୁ ଚେଷ୍ଟା କରେ। କିଛି ସବ୍‌ଜାନତା ନିର୍ଦ୍ଦେଶକ ଅଛନ୍ତି ସବୁ ବିଭାଗ ନିଜ ନାଆଁରେ ରଖିବାକୁ ନିଜକୁ ଗୌରବଶାଳୀ ମନେ କରନ୍ତି। ପ୍ରଶାନ୍ତ ନନ୍ଦ ସେମାନଙ୍କର କୁଆଡ଼େ ଆଦର୍ଶ। କାରଣ ପ୍ରଶାନ୍ତ ନନ୍ଦ ଦୁଇଟି କଥା ପାଇଁ ଚର୍ଚ୍ଚାରେ। ପ୍ରଥମକଥା କୌଣସି କ୍ଷେତ୍ରରେ କୌଣସି ଅଭିନେତା ଅସହଯୋଗ କଲେ ତାକୁ ଚିତ୍ରନାଟ୍ୟରୁ ଚମତ୍କାର ଢ଼ଙ୍ଗରେ ବିଦା କରିଦେଉଥିଲେ। ଗୋଟିଏ ଫିଲ୍ମରେ ଶ୍ରୀରାମ ପଣ୍ଡା ଷ୍ଟାରିଜିମ୍ ଦେଖାଇବାରୁ ତାଙ୍କୁ ଚଳଚ୍ଚିତ୍ରରୁ ହଟାଇ ପୃଥ୍ୱୀରାଜଙ୍କୁ ନେଇ ଚିତ୍ରନାଟ୍ୟରେ ପରିବର୍ତ୍ତନ କରିଥିଲେ, ଦ୍ୱିତୀୟ କଥା ହେଲା ପ୍ରଶାନ୍ତ ନନ୍ଦଙ୍କ ମେମୋରୀରେ ସ୍କ୍ରିନ୍ ପ୍ଲେ ପ୍ରସ୍ତୁତ ହୋଇଥାଏ। ସ୍ୱଟ୍ ଉପରେ କାଗଜ କଲମ ଧରି ସ୍କ୍ରିପ୍ଟ ପ୍ରସ୍ତୁତ କରନ୍ତି। ପ୍ରଶାନ୍ତ ନନ୍ଦଙ୍କ କ୍ଷେତ୍ରରେ ଏହା ସମ୍ଭବ। କାରଣ ସେ ଜଣେ ବହୁମୁଖୀ ପ୍ରତିଭାର ସଫଳତମ ଉଦାହରଣ । ମାତ୍ର କିଛି ନିର୍ଦ୍ଦେଶକ ନିଜକୁ ପ୍ରଶାନ୍ତ ନନ୍ଦ ଭାବିନିଅନ୍ତି। ଅଧିକାଂଶ କ୍ଷେତ୍ରରେ ସେମାନଙ୍କୁ ବିଫଳତାର ସ୍ୱାଦ ଚାଖିବାକୁ ପଡ଼େ। ହିନ୍ଦୀ ଚଳଚ୍ଚିତ୍ରର ପ୍ରବାଦ ପୁରୁଷ ରାଜକପୁରଙ୍କର ମଧ୍ୟ ବହୁମୁଖୀ ପ୍ରତିଭା ଥିଲା। ମାତ୍ର ସେ ଚତୁରତାର ସହ ନିଜେ ନିର୍ଦ୍ଦେଶନାରେ ଧ୍ୟାନ ଦେଇ ସୁନ୍ଦର ଭାବେ ଅନ୍ୟମାନଙ୍କଠାରୁ କାମ ଆଦାୟ କରିନେଉଥିଲେ। (କ୍ରମଶଃ)

---

**ଗିରିଜା ଶଙ୍କର ଶର୍ମା**



### ॥ ଅମଡ଼ା ବାଟରେ ଚାଲୁ ଚାଲୁ ॥

ତୁମକୁ ସ୍ପର୍ଶ କରିବାର ଇଚ୍ଛାରେ
ମୁଁ ଯେତେଯେତେ ବତୁରିଯାଏ ଆନନ୍ଦରେ
ସେତେସେତେ ପନ୍‌ଝାଟିଏ ମୋତେ
ଜାବୁଡ଼ି ଧରେ
କଳା ରକ୍ତରେ ଭିଜାଇ ଦେବାକୁ।

ଅଂଧାରର ଆକର୍ଷଣ କିଛି କମ ନୁହେଁ
ଟାଣିନିଏ- ଚୁମ୍ବକ ଲୁହାକୁ ଟାଣିବା ପରି।
ସେତେବେଳେ ଅର୍ଜ୍ଜୁନ ହାତରୁ
ଖସିଯାଏ ଗାଣ୍ଡିବ।
ବିଷାଦର ମେଘଖଣ୍ଡ
ଘୋଡ଼େଇ ଦିଏ ମନର ଆକାଶ।
ଅର୍ଜ୍ଜୁନ ବସିପଡ଼େ ଚୁପଚାପ ସମର ଭୂଇଁରେ।

କାହା କଥା ମୁଁ ଶୁଣିବି
ମନ କହୁଛି ଆନନ୍ଦରେ ଝୁମି ଉଠ।
ନାଚି ନାଚି ଯାଅ ପବନର ତାଳେ ତାଳେ।
ତରଙ୍ଗ ପରି ତରଙ୍ଗାୟିତ ହୁଅ
ଫୁଟି ଉଠୁ ତୁମ ଶରୀରରେ
କୋଣାର୍କର ଭାସ୍କର୍ଯ୍ୟ।

କିନ୍ତୁ କିଏ ଜଣେ ବାରମ୍ବାର ମନା କରେ
ଅମଡ଼ା ବାଟରେ ନ ଚାଲିବା ପାଇଁ
ଲକ୍ଷ୍ମଣଗାର ଟାଣେ
ଦ୍ୱିଖଣ୍ଡିତ ରାସ୍ତାରେ କିଏ ଠିକ୍, କିଏ ଭୂଲ।
ପଥିକ ହତାଶ ହୁଏ
ସେଠି ବସିଯାଏ।

ଜୀବନର ରାସ୍ତା ସବୁ
ମାଡ଼ିଯାନ୍ତି ବାଟ ଅବାଟରେ
ନିଜକୁ ହିଁ ଖୋଜିବାକୁ ପଡ଼େ ଠିକ୍ ରାସ୍ତାଟି।
ଏହାହିଁ ତ ଜୀବନର ଖେଳ
ଅଡୁଆ ସୂତା ସବୁ ଠିକ୍ କରୁ କରୁ
ବିତିଯାଏ ନିର୍ଦ୍ଧାରିତ କାଳ।


♥ ଧନକଉଡ଼ା, ସଂବଲପୁର- ୭୬୮୦୦୬
ମୋ: ୯୪୩୭୦୮୮୬୦୨


---

**ଆମ ସମୟର କବିତା.....**

### ॥ ପାହାଡ଼ରେ ବର୍ଷା ॥

**ମହାଦେବ ପ୍ରଧାନ**



ପ୍ରସ୍ତ ପ୍ରସ୍ତ ଦୀର୍ଘଶ୍ୱାସ,
ମୌନତାରେ,ଅସହାୟତାରେ ପୁଞ୍ଜୀଭୂତ
ମୁଁ ଅଗମ୍ୟ ପାହାଡ଼ ଢାଲୁ
ତମେ ଶୁଦ୍ଧ ଶୁଭ୍ର ଅମୃତର ପାତ..

କି ସ୍ନେହରେ କୋଳେଇ ନିଅ କେଜାଣି
ବେଢଙ୍ଗ ଦେହକୁ ମୋ'
ଭରିଯାଏ ଓଦା ଓଦା ଆସକ୍ତିରେ
ବନ୍ଧୁର ଏ ବକ୍ଷ..

ତମେ କ'ଣ ଜାଣିଥାଅ
କେଡ଼େ ନିସ୍ୱ ଏକୁଟିଆ ମୁଁ
ବିଲ ବଣ କାନ୍ତାର ମଝିରେ..

କହିବି ?? ଶୁଣ !!
ମୋ ଦେହରେ ଠୁଳ କେତେ କ'ଣ !
ଶିରାରେ ଶୃଙ୍ଖଳା ଝରଣା,
ନିଶ୍ୱାସରେ ଝଞ୍ଜା

ପତ୍ରଝଡାର ଗଦାଗଦା ଅବସୋସ
ଅଦୃଶ୍ୟ ଦାବାଗ୍ନି ଦାଉ
ଓ ଛାତି ସାରା କଣ୍ଟାଝାଡ଼ ରୁକ୍ଷ ଓ ନୀରସ..

ପୃଥୀର ଏକାନ୍ତ ଅଭିପ୍ସା ତମେ
କେତେ କେତେ ଆମନ୍ତ୍ରଣ ଅପେକ୍ଷା ତମର
ତଥାପି ଯେ ତମେ ମୋତେ
ଖୋଜି ଲୋଡ଼ି ଆସ ,ଓଦା କର
ଅନୁରାଗେ ଜୁଡୁବୁଡୁ କର...କାହିଁକି ?

ଦେଖୁନ
ଗୋଟିଏ ସ୍ପର୍ଶରେ ତମର
ମୁଁ କେମିତି ସମ୍ଭବି ଯାଉଛି
କୋଟି କୋଟି ନୀଳ ଐଶ୍ୱର୍ଯ୍ୟକୁ ଧରି !!

ଅଥଚ ଭରସି କହି ପାରେନା
ତମେ ମୋର, କେବଳ ମୋର !!
ମୋ ନିକଟେ ରହିଯାଅ

ସର୍ବୋତ୍ତମ ଅନୁକମ୍ପା ହେଇ
ମୁଁ ତୁମକୁ ଧରି ରଖିବି ଆଜୀବନ
ଶୂନ୍ୟ ଏକ ତଡ଼ାଗର ଉନ୍ମୁଖତା ଦେଇ..

ମନରେ ବିଭ୍ରମ ଆସେ,
କାନ୍ଦେ, ଲୋଟେ, ଭୂଇଁରେ ମଥା ପିଟେ,
ଅଥଚ ସେ ଭ୍ରମ ଅପସରି ଗଲେ
ମୁଁ ଦେଖେ, ତମେ ସତତ ଅସ୍ଥିର
କେଉଁଠି ତ କ୍ଷଣେ ସୁଦ୍ଧା ସ୍ଥିର ରୁହ ନାହିଁ !!


♥ (ମୋ) ୮୨୪୯୫୧୬୭୬୫


---

### ॥ ବନ୍ଧନୀ ଭିତରେ ॥

**ରାଜେଶ ପୂଜାରୀ**



ଋତୁଟେ ଥିବ ଅନୁପମା
ଥାଉ ନ ଥାଉ ବାକି କିଛି
ଏକଲାପଣର ସଞ୍ଜଟେ ଥିବ ନିହାତି
ଯେଉଁଠି ସମୁଦ୍ରକୁ କଏଦ୍ କରି
ଆଖି ଆଇନାରେ
ବୁଡ଼ିହେବ ଅଦ୍ୱିଧାରେ ଆଖି ସମୁଦ୍ରରେ

ଅଗଣିତ ସମ୍ପର୍କକୁ ସାଇତି ହେଉ ନ ହେଉ
ହାତବୁଣା ରୁମାଲ୍ ଅବା
ପିନ୍ଧା ପଣତରେ ଗଣ୍ଠିକରି...
ଛାଡି ବଗିଚାରେ ବହୁବିଧ ସ୍ମୃତିର ଚାରା ବୁଣି

ଜହ୍ନ ଗୀତ ଗାଇହେବ
ଆଞ୍ଜୁଳାଭର୍ତ୍ତି ଜହ୍ନିଫୁଲ ଧରି

ବହୁ ନ ବହୁ ଏକତ୍ୱ ମୌସୁମୀ
ପବନ ପିଠିରେ ଲେଖାଥିବ
ହଜାରେ ପ୍ରେମ କବିତା
ତୁମେ ଅଳତା ପିନ୍ଧୁ ପିନ୍ଧୁ
ହାଜର ହେବ ଲାଲ୍ ସୂର୍ଯ୍ୟ,
ମୁଁ ଥିବି ନିଶ୍ଚିନ୍ତ ସେଇଠି
ବଂଶୀ ବାଜେ, ନୂପୁର ନାଚେ
ଫୁଲ ଫୁଲେଇ ହୁଏ,
ଆଉ କୁହୁଳା କୋହରେ ସିଝୁନଥାଏ
ଗଙ୍ଗଶିଉଳିର ମନ...
ଉଦାସ୍ ହୁଏନି ବିଲକୁଲ ଆକାଶର ରଙ୍ଗ ଯେଉଁଠି


ମିଳୁ ନ ମିଳୁ ଅମରତ୍ୱ
ଜାବୁଡ଼ି ଧରିବାକୁ
ମୁଠାଏ ମୃଦୁ ମୃତ୍ୟୁର ମାଦକତା ବାହୁରେ
ମାତିବାକୁ ପଡ଼ିବନି
ଅଯଥା ଯେତେ ସମାରୋହରେ
ମନ ଇଚ୍ଛା ମେଘକୁ ଓଢ଼ଣା କରି
ଶିରିଶିରି ଶୀତ ଗାଲକୁ ଛୁଇଁଲାବେଳେ,
କଅଁଳରଙ୍ଗର ଖରା ବିଛି ଅଗଣାରେ
ଅଝଟ ସମ୍ପର୍କମାନଙ୍କୁ ଆତ୍ମୀୟତାର ରାଣ ଦେଇ
ରଖିହେବ ଖୁବ୍ ନିକଟରେ

ବିଶ୍ୱାସ କର ନ କର ,
ଆସୁଥିବ ଆଶ୍ଚର୍ଯ୍ୟ ସ୍ଥିରତାର ଋତୁଟିଏ
ସବୁ ଋତୁ ସରିଗଲା ପରେ

ଯେଉଁଠି ମନ ମୁତାବକ
ଯେମିତି ଯେମିତି ଯାହା ଯାହା ଚାହୁଁଥିବା
ଅବଶ୍ୟ ସବୁ ହିଁ ଘଟିପାରେ

ହଜୁ ନ ହଜୁ କାନଫୁଲ କି ପାଉଁଜି
ଆଉ ଖୋଜିବା ପାଇଁ
ନଥିବ କିଛି ବୋଲି କିଛି ,
ସବୁ ଋତୁପରେ ତ, ଏ ଋତୁଟିଏ ଉର୍ଦ୍ଧ୍ୱରେ
ଯେଉଁଠି ଆଉ ବନ୍ଧନୀ ନଥିବ,
ଋତୁ ନିଜେ ହିଁ ବନ୍ଧନୀ ହେଇ
ଚାରିପାଖେ ଘେରିଥିବ
ଆମେ ଚିରକାଳ ଆମ ଭିତରେ,
ଋତୁ ଆମ ଭିତରେ ବସା ବାନ୍ଧିଥିବ...


♥ କୁଶମେଲ, କପିଳାପୁର
ପଞ୍ଚଗାଁ, ଝାରସୁଗୁଡ଼ା
ମୋ-୮୧୪୪୭୭୯୦୬୧





# ଧ୍ୱନି ପ୍ରତିଧ୍ୱନି

**ବାଲେଶ୍ୱର, ରବିବାର, ୯ ଅକ୍ଟୋବର, ୨୦୨୨**



## ପ୍ରେମରେ ପ୍ରେମରେ ଗୀତି ....(୭୭)



### ॥ ସବୁଠି ଜଳୁଛି ନିଆଁ ॥


ପତଙ୍ଗ ସାଜି ମୁଁ ଅନଳ ସାଥିରେ
କରିଛି ଗୋ ସାଥୀ ଭାବ,
ଜାଳିବାର ତୁମ ବାହାନା ଭିତରେ
ଥରେ ତ କୋଳେଇ ନେବ।

କାହାକୁ କେ କ'ଣ ଜଳାଇ ପାରିଛି
ନିଜେ ନ ଜଳିଲେ ପ୍ରିୟା,
ଜୀବନର ପ୍ରତି ଛକରେ ତ ଆଜି
ସବୁଠି ଜଳୁଛି ନିଆଁ,
ମୋ ଜଳିବା ଦେଖି ତୁମେ ବି ତ ସଖୀ !
ନିଜେ ଜଳି ଯାଉଥିବ।


ତୁମ ଦେହ ସଙ୍ଗେ ମୋ' ଦେହ ମିଶିବ
ଯାଉଥିବା ଦୁହେଁ ଜଳି,
ମହମ ଭଳିଆ ତରଳି କି ତୁମେ
(ମୋ') ଦେହେ ହୋଇଥିବ ବୋଳି।
ଜଳିବାର ଶେଷେ ମୁଠାଏ ପାଉଁଶ
ଆମ ପ୍ରୀତି ଝୁରୁଥିବ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧




## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୨୨)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

■ ହେମେନ୍ଦ୍ର ମହାପାତ୍ର

ସଂପାଦକ: ରଂଗମଞ୍ଚ, ସୁନହଟ
ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧

### ॥ ଯୁଗ ଚରିତ ବୃତ୍ତାନ୍ତ ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୋ ରଚିତ ସାମଗ୍ରିକ ନାଟକ ମଧ୍ୟରେ ଯୁଗଚରିତ ବୃତ୍ତାନ୍ତ ଏକ ସ୍ୱତନ୍ତ୍ର ରଚନା। ଏ ନାଟକଟି ପାଇଁ ମୁଁ ଅନେକ ପ୍ରଶଂସିତ, ପୁରସ୍କୃତ ଓ ଚର୍ଚ୍ଚିତ ହୋଇଛି। ଏ ନାଟକ ରଚନା ସମ୍ବନ୍ଧରେ ଅନେକ ରୋଚକ ତଥ୍ୟ ଅଛି ସେଥିରୁ କେତୋଟି ଉପସ୍ଥାପନ କରିବାର ଲୋଭ ସମ୍ବରଣ କରିନପାରି ଏଠାରେ ଉଲ୍ଲେଖ କରୁଛି।

ଆଦ୍ୟରେ ଏହାର ପୃଷ୍ଠଭୂମି କ୍ରମରେ ଏ ନାଟକର ସୃଷ୍ଟି ସମ୍ବନ୍ଧରେ ଏକ ଅଲୌକିକ ଆକର୍ଷଣ ନିହିତ। ଠିକ୍ ଅଲୌକିକ ନହେଲେ ବି ସେହିଭଳି ଏକ ଆକର୍ଷଣ ଜନିତ ଅଲୌକିକ ଶକ୍ତିରୁ ଏହାର ଭାବାବେଗର ଉତ୍ପତ୍ତି। ଘଟଣାଟି ଏ ପ୍ରକାର, ମୁଁ ପ୍ରତିଦିନ ଅପରାହ୍ନରେ ଗୋଟିଏ ନିର୍ଦ୍ଦିଷ୍ଟ ରାସ୍ତାରେ ଗଲାବେଳେ ଗୋଟିଏ ଦୋତାଲା ଟାଇଲ ଘର ପଡ଼େ ଯାହାର ଉପର ମହଲା ଝରକାରେ ଗୋଟିଏ ହାତ ମୋ ଦୃଷ୍ଟିପଥକୁ ଆସିଥାଏ, ଯେଉଁ ହାତଟି ଅତି ସୁନ୍ଦର, ସୁଠାମ, ଗୋଲ ତଥା ଆକର୍ଷଣୀୟ। ଝର୍କାର ରେଲିଂକୁ ଆଶ୍ରୟ କରି ନର୍ତ୍ତାୟିତ ଛନ୍ଦରେ ଓହଳି ପଡ଼ିଥାଏ। କାହିଁକି କେଜାଣି କହିପାରିବିନି ମୋ ଅଗୋଚରରେ ସେ ହାତଟି ମୋତେ ଆକର୍ଷିତ କରି ବସେ। ସ୍ଲିଭଲେସ୍ ବ୍ଲାଉଜ ପରିହିତା ହାତରୁ ଓହଳି ପଡ଼ିଥାଏ କିଛି ରଂଗିନ ଶଂଖା। ତାର ପଲିସ କରା ଲମ୍ବା ତୀକ୍ଷଣ ନଖମାନେ ମୋର ଭାବନା ସମୁଦ୍ରରେ ଲହଡ଼ି ଭାଙ୍ଗନ୍ତି। ଏମିତି ପ୍ରତିଦିନ ସେହି ନିର୍ଦ୍ଦିଷ୍ଟ ସମୟରେ ସେହି ନିର୍ଦ୍ଦିଷ୍ଟ ଝରକାରେ ପ୍ରାୟ ସେହି ନିର୍ଦ୍ଦିଷ୍ଟ ହାତଟି ଆବିର୍ଭୂତ ହୁଏ ଏବଂ ମୋତେ ଆକର୍ଷିତ କରେ। ସେ ହାତର ଆକର୍ଷଣରେ ମୋର ସୃଷ୍ଟ ମାନସ ଧୀରେ ଧୀରେ ପାଗଳ ହୋଇଉଠେ। ସେ ହାତ କ୍ରମଶଃ ମୋତେ ଦୀର୍ଘତର ମନେ ହୁଏ। ସେହି ହାତର ଛାପ ନେଇ ଅନ୍ୟହାତମାନେ ସାମନାକୁ ଆସନ୍ତି। ଘରେ ବାହାରେ କେବଳ ହାତମାନଙ୍କୁ ଅର୍ଥାତ ନାରୀମାନଙ୍କ ହାତମାନଙ୍କୁ ଦେଖିବାକୁ ଲାଗେ। ନାରୀମାନଙ୍କ ହାତର ଲମ୍ବ ମୋତେ କେମିତି ଅପେକ୍ଷାକୃତ ବଡ଼ ଦେଖାଯାଏ। ନାରୀହାତର ଗଢ଼ି ଓ ପ୍ରକୃତି ସମ୍ବନ୍ଧରେ ମୋର କେତେକ ଭାବାନ୍ତର ସୃଷ୍ଟି ହୁଏ। ଏହାତ କେଡ଼େ ସୁନ୍ଦର ସତେ ! ଏ ହାତର ଶୋଭାବର୍ଦ୍ଧନ ପାଇ ବିଚରା ପୁରୁଷ କେତେ ପରିଶ୍ରମ କରେ କେତେ ସଂଗ୍ରାମ କରେ ଏମିତିକି ଆବଶ୍ୟକ ହେଲେ ଯେତେ ଇଚ୍ଛା ସେତେ ତଳକୁ ଖସି ଯିବାକୁ ଟିକେହେଲେ କୁଣ୍ଠାବୋଧ କରେନାହିଁ। ନିଜର ଯାବତୀୟ ଶକ୍ତିକୁ ଏକାଠ କରି ଯୋଡ଼ିଏ ଶଂଖା ବା କଙ୍କଣକୁ ଆଣି ନିଜ ଜୀବନକୁ ପ୍ରତୀକାତ୍ମକ ଭାବରେ ନାରୀ ହାତରେ ବାନ୍ଧିଦିଏ। ବାସ୍ତବିକ ଯୋଡ଼ିଏ କଙ୍କଣ ପୁରୁଷ ନାରୀ ସଂପର୍କର କେତେ ପ୍ରଭାବଶାଳୀ ପ୍ରତୀକଟିଏ। ଯାହାକୁ ପିନ୍ଧିବାପାଇଁ ନାରୀଟିଏ ନାନା ତପ ଜପ ବ୍ରତ ଉପାସନା କରେ ଆଉ ପିନ୍ଧାଇବା ପାଇଁ ପୁରୁଷ ମଧ୍ୟ କମ୍ ଶ୍ରମ ସଂଗ୍ରାମ କରିନଥାଏ। ଔପଚାରିକ ରୀତିରେ ସେହି କଙ୍କଣକୁ କେନ୍ଦ୍ରକରି ସେମାନେ ତାଙ୍କର ସଂସାର ଗଢ଼ି ବସନ୍ତି। କେତେ ଉତ୍‌ଥାନ ପତନ ଝଡ଼ ଝଂଜାକୁ ସାମନା କରି ସୃଷ୍ଟିର ମନ୍ତ୍ର ଜପ କରନ୍ତି। ଏମିତି ବି ଆକସ୍ମିକ ଭାବରେ ହଠାତ୍ ସେମିତି ଏକ ଚିରାଚରିତ ଦୁର୍ଦ୍ଦିନଟିଏ ଉପସ୍ଥିତ ହୁଏ। ସେ କଙ୍କଣ ଭାଙ୍ଗିଯାଏ ବୈଧବ୍ୟର ଦ୍ୱାହି ଦେଇ। ଆଃ କି ଚମତ୍କାର ବିଡ଼ମ୍ବନା। ଦୁଇଟି ଜୀବନ ଭିତରେ ସଂପର୍କର ସୂତ୍ରଧରଟିଏ। ଏମିତି ଏକ ଭାବନା ମୋତେ ମୋ ନାଟ୍ୟମାନସକୁ ଦୋହଲାଇ ଦିଏ। ସହଜେ ତ ଜଟିଳତାକୁ ନେଇ କିଛି କରିବା ମୋର ଅଭ୍ୟାସ । ତେଣୁ ଏମିତି ଏକ ପରମ୍ପରାଗତ ଜଟିଳତା ମୋତେ ଶୁଏଇ ଦିଏନା। ମନେପଡ଼େ ଶାରଳା ମହାଭାରତର ସ୍ୱର୍ଗାରୋହଣ ପର୍ବର କଳିଯୁଗ ଓ ସୁବର୍ଣ୍ଣ କଙ୍କଣ ଉପାଖ୍ୟାନ। ଯୋଡ଼ିଏ କଙ୍କଣ ସେଦିନ କିପରି ଦ୍ୱାପର ଯୁଗଟାକୁ ଅନାୟାସରେ ଏ ଧରା ପୃଷ୍ଠରୁ ଅପସାରଣ କରିନେଇ କଳିଯୁଗକୁ ଅଧିଷ୍ଠିତ କରାଇଥିଲା। ସମୟର ଚରିତ୍ରକୁ ମୁହୂର୍ତ୍ତକ ମଧ୍ୟରେ ବଦଳେଇ ଦେଇ ଏକ ଦୁର୍ଯ୍ୟୋଗର ଭିତ୍ତି ସ୍ଥାପନ କରିଥିଲା। ସେହି କଙ୍କଣ, ପୂର୍ବକଥିତ ଗୋଟିଏ ନାରୀର ସୁନ୍ଦର ସୁକୋମଳ ହାତ। ଜଣେ ପୁରୁଷର ଜୀବନକୁ ଯୋଡ଼ି ଦେଇ ମହାଭାରତର ଅବଲମ୍ବନରେ ଆରମ୍ଭ କରେ ନାଟକ 'ଯୁଗଚରିତ ବୃତ୍ତାନ୍ତ'।

ବିଷୟବସ୍ତୁ ସିନା ମିଳିଗଲା। କାହାଣୀ, ଶୈଳୀ, ଚରିତ୍ର, ମଂଚକୌଶଳ ନିର୍ଦ୍ଧାରଣ କରିବା ନିମନ୍ତେ ବହୁ ଅନୁଧ୍ୟାନ ଓ ଅନୁଶୀଳନ କଲି। ଏହାତ ନିଶ୍ଚିତ ଭାବରେ ଏକ ପୌରାଣିକ ଉପାଖ୍ୟାନ ଉପରେ ଆଧାରିତ ହେବ। ହେଲେ ସାମ୍ପ୍ରତିକ ସମୟରେ ଏହାର ପ୍ରାସଙ୍ଗିକତା କେତେ ରହିବ, କିପରି ରହିବ ପୁଣି ଭବିଷ୍ୟତ ବଂଶଧର ପାଇଁ ଏହା କେତେଦୂର ପ୍ରଭାବଶାଳୀ ସାବ୍ୟସ୍ତ ହେବ। ଏହିସବୁ ଚିନ୍ତା ମୋତେ ଉଠେଇ ବସେଇ ଦେଲାନି। କଙ୍କଣ ହରଣ ଯଦିଓ ମୂଳ ଘଟଣା, ଯେଉଁ ଘଟଣାକୁ କେନ୍ଦ୍ରକରି ନାଟକର ଗତି ମୁକ୍ତି ଓ ପ୍ରଗତି, ତାର ଭବିଷ୍ୟତ ପ୍ରତିଫଳନ କଣ ହେବ। ଯେଉଁ କଙ୍କଣ ଏତେ ବଡ଼ ଯୁଗର ଅବସାନ ଘଟାଇ କଳି ଯୁଗ ପରି ଏକ ଭୟଙ୍କର ଯୁଗକୁ ଆମନ୍ତ୍ରଣ କରି ଆଣିପାରିଲା ତାର ଅଲୌକିକ ଶକ୍ତି ପ୍ରଦର୍ଶନ ନିମନ୍ତେ ସେମିତି ଏକ ପ୍ରଭାବଶାଳୀ କାହାଣୀ ଖୋଜୁ ଖୋଜୁ ଭିନ୍ନ ଭିନ୍ନ କଥା ଉପକଥା ତଥା ସାଂପ୍ରତିକ ଘଟଣାମାନଙ୍କୁ ଗୁନ୍ଥାଗୁନ୍ଥି କରି ଗୋଟିଏ ବାକ୍ୟ ଗଠନ କଲି ଯାହା ପରବର୍ତ୍ତୀ ସମୟରେ କାହାଣୀର ରୂପ ନେଲା। ଅନ୍ତଃସ୍ୱର ବୌଦ୍ଧିକତା ତଥା ସମ୍ଭ୍ରାନ୍ତୀୟ ହାସ୍ୟରସ ସଂଯୋଗ କରି ଗୀତିମୟତା ଛନ୍ଦରେ ଅଧିକ ଆକର୍ଷଣୀୟ ଉପାଦାନ ମାନ ରଖି ଆଗେଇଲି। ପ୍ରାୟ ଗୋଟିଏ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କଲମ ଚାଷ କରି 'ଯୁଗଚରିତ ବୃତ୍ତାନ୍ତ'ର ନାଟ୍ୟରୂପ କରିବାରେ ଅର୍ଦ୍ଧେକ ସମର୍ଥ ହେଲି। ପୁଣିଥରେ ପଢ଼ାପଢ଼ି କରି ପୁଣିଥରେ ବସିଲି ଅନେକଙ୍କ ସହିତ ବାରମ୍ବାର ଆଲୋଚନା କରି ଶେଷରେ ଦୁଇବର୍ଷ ସମୟ ବ୍ୟୟରେ ନାଟକଟିକୁ ସମାପ୍ତ କଲି। (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ

ପୁଷ୍ପାଞ୍ଜଳି ନାୟକ

♥ ଜେଲ୍ ରୋଡ, ବାଲେଶ୍ୱର
ମୋ:୯୨୩୭୯୫୯୯୭୩



ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି ।

-ଲେଖିକା

ଭାଗ-୮

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଆଉ ଅଗଣି ସେଇ ଅବୋଧ ପଶୁଟାକୁ କୁଣ୍ଢାଇଧରି ପିଲାଙ୍କଭଳି ଭୋ ଭୋ ଡକାପାରି କାନ୍ଦୁଥିଲା ।

ସେ ଏକ ହୃଦୟବିଦାରକ ଦୃଶ୍ୟ ।

ସେ ଦୃଶ୍ୟ ଦେଖି ସୁନାକର ସାହୁ ସମେତ ଆଖପାଖର ସାଇପଡ଼ିଶା ମଧ ଆଖିଲୁହ ଚାପିପାରି ନଥିଲେ । ସୁନାକର ସାହୁ କହିଥିଲା, ବଳଦଟା ତିନିଦିନ ହେବ କେରାଏ ଘାସ ଛୁଇଁନି । ହମ୍ବାଳି କଣ୍ଠ ଫାଟିଗଲାଣି । ପଶୁ ଯେ ଏମିତି ଆପଣା ମଣିଷକୁ ଖୋଜେ, ଜାଣିନଥିଲି । ଅଗଣିର ପ୍ରସ୍ତାବ ଶୁଣି ସୁନାକର ପ୍ରଥମେ ଚମକି ଉଠିଥିଲେ ବି ଶେଷ ପର୍ଯ୍ୟନ୍ତ ରାଜି ହୋଇଥିଲା ।

ପଚାରିଥିଲା, ଘରୁ ତ ପଘା ଆଣିନ, ତାକୁ ନେବ କେମିତି ? ଗାଈ ଗୋରୁ ଆଣିବାବେଳେ ସମସ୍ତେ ଘରୁ ପଘା ଆଣିଥାନ୍ତି । କାରଣ ପଘା ସହିତ ତାକୁ ବାନ୍ଧି ଆଣିବାର ଅର୍ଥ, ସେଇଦିନଠୁଁ ତାକୁ ପାଳିବା, ଏମିତିକି ତା'ର ଜୀବନର ଦାୟିତ୍ୱ ନୂଆ ଖାଉନ୍ଦର । ପଘା ଥିବା ଅବସ୍ଥାରେ ଗାଈ କି ବଳଦର ପ୍ରାଣ ଗଲେ ସେ ପାପ ନୂଆ ଖାଉନ୍ଦର, ପୁରୁଣା ଖାଉନ୍ଦର ନୁହେଁ ।

ପଘା ଯେମିତି ଗାଈଗୋରୁଙ୍କ ପ୍ରତି ଖାଲି ଅଧିକାର ନୁହେଁ, ଦାୟିତ୍ୱ-ବୋଧର ମଧ ସଙ୍କେତ ।

ଅଗଣି ତରତରରେ ଆସିବାବେଳେ ପଘା ଆଣିନଥିଲା । ତେଣୁ ସୁନାକରର କଥା ଶୁଣି ସେ ଟିକେ କୁଣ୍ଠିତ ହୋଇଥିଲା ।

ଶୁକୁରା ତା ଧାରଣା ବଦଳାଇଦେଲା ।

ଖୁଣ୍ଟରୁ ତା ପଘା ଖୋଲିଦେବା ମାତ୍ରେ ଆନନ୍ଦରେ କି ଦୌଡ଼ ତା'ର ! ଲାଙ୍ଗୁଳ ଟେକି କି ଉଲ୍ଲାସରେ ଦୌଡୁଛି ! ମଝିରେ ମଝିରେ ଅଗଣିକୁ ଅନାଉଛି । ଅଗଣି ପଛରେ ପଡ଼ିଗଲେ ପଛକୁ ଅନାଇ ହମ୍ବାଳୁଛି ! ଠିଆ ହୋଇଯାଉଛି । ପୁଣି ଅଗଣି ଆଗେଇଗଲେ ଦୌଡୁଛି ।

କେତେ ଗାଆଁ, କେତେ ବିଲ, ବାରି ଆଡ଼ିଆ, ପଡ଼ିଆ ପାରି କରି ସୁନାକର ତାକୁ ଆଣିଥିଲା, ହେଲେ କେମିତି କେଜାଣି ଥରେ ଖାଲି ବାଟରେ ଧୂଳି, ଗଛ, ପତର ଶୁଂଘିଦେଇ ସେ ଆସିଥିବାର ବାଟ ଠିକ୍ ବାରିପାରୁଛି ।

ସେ ଖାଲି ଦୌଡୁଛି । ଘରକୁ ଯିବାର ଉଲ୍ଲାସରେ ପାଦ ତା'ର ଯେମିତି ତଳେ ପଡୁନାହିଁ ।

ଅବୋଧ ପଶୁଟା ଯେ ଏତେ ବୁଝେ, ଆଗରୁ ଜାଣିନଥିଲା ଅଗଣି ।

ପଶୁ ହୋଇ ଯଦି ଜନମମାଟି ପ୍ରତି ଏତେ ମମତା, ଖାଉନ୍ଦ ପ୍ରତି ଏତେ ସେନେହ, ସେ ତ ମଣିଷ ! ଶୁକୁରା ଯଦି ତା'ର ଝାଟିମାଟିର ଗୁହାଳର କାଦୁଅ ପଚପଚ ମାଟିକୁ ନିଜର ମଣେ, କୁଣ୍ଡା, ଘାସକୁ ତୁଚ୍ଛ କରି ଜନମକାଳରୁ ଦେଖି ଆସିଥିବା ଖାଉନ୍ଦକୁ ବିକଳ ଭାବରେ ଖୋଜେ, ସେ କେମିତି ତା'ର ଫୁଲନାଡ଼ ପୋତା ହୋଇଥିବା ମାଟିକୁ ଛାଡ଼ିପାରିବ ?

ବାପ, ଠାକୁରବା' ଅମଳର ଏଇ ମାଟିକୁ ସମତୁଲ କରିବା ପାଇଁ, ସୁନ୍ଦର କରିବା ବାଇଁ ସେ ନିଜେ ମାଟି ହୋଇଯାଇଛି । ଖାଲୁଆ ଜାଗାରେ ମାଟି ପକାଇଛି । ଉଚ୍ଚ ଜାଗାରୁ ମାଟି ହାଣିଛି । ବାପା ଅମଳର ଘରକୁ ଭାଙ୍ଗି ନୂଆକରି ଘର ତୋଳିଛି । ସାବ କହିବାମତେ କେଉଁଠି ଥାକ, କେଉଁଠି ସିକା କରିଛି । ଢ଼େଙ୍କିଶାଳରେ ଘଷି ଗଦାମ୍ୱପତ୍ର ବୁରା ରଖିବା ପାଇଁ ଭାଡ଼ି କରିଛି । ବରଷାଦିନେ ପାଣି ବାହାରିଯିବା ପାଇଁ ନାଳ କାଟିଛି । କୌଣସି କଷ୍ଟ ତାକୁ ବାଧିନି । କାରଣ ସେ ଜାଣିଛି, ଏ ତା' ନିଜଘର । ଏ ଘରକୁ ସୁନ୍ଦର କରି ରଖିବା କାମ ତା'ର । କାରଣ ଏ ତାଙ୍କର ଆଶ୍ରୟ !

ଆଜି ସେମାନେ ତା'ର ସେଇ ଆଶ୍ରୟ ଛଡ଼ାଇ ନେବେ ?

କେତେ ଘରକକରଣା ଚିଜରେ ଘର ଭରିରହିଛି । ଅନେଶତ କୋଟି ଦରବ । ବାପ ଅମଳର କେତେ ଛିଣ୍ଡା ବଡ଼ ଜାଲ, କେତେ ଛଣା ଜାଲ, ହେଁସ, କେତେ ପୋଥି, ପେଡ଼ି, ପିଢ଼ା, ଦୀପରୁଖା, କେତେ ପେଟରା, କେତେ ଭଙ୍ଗା ଫଟୋ, ଛିଣ୍ଡା ପୁରାଣ, କେତେ କନ୍ଥା, ଛିଣ୍ଡା ଗୁଧୁଡ଼ିରେ ଅମାରତଳ, ଢ଼େଙ୍କାଶାଳ, ସାବର ଈଷାଣଶାଳ ଆଉ ଚାଳସନ୍ଧି ଭରିରହିଛି । କେତେ ଧାର ନଥିବା ଦା, କେତେ ବେଣ୍ଟ ଭାଙ୍ଗିଯାଇଥିବା କୋଦାଳ, କେତେ ଛିଣ୍ଡିଯାଇଥିବା ବୁରା, ପାଛିଆ, ଝଙ୍କା, ଖେଳେଇରେ ଘରର ଛାତ ଖୁନ୍ଦିରହିଛି ।

ସେଇସବୁ ଅଦରକାରୀ, ଭଙ୍ଗା, ଦଦରା ଜିନିଷକୁ ସେ ମୁରୁଛି ପାରିପାହିଁ କାରଣ ସେସବୁ ଜନିଷ ସହିତ ତା ବାପା, ଠାକୁବାଙ୍କର ହାତଛୁଆଁ ଲାଗିରହିଛି । ସେଇ କୋଦାଳରେ ଦିନେ ସେମାନେ ମାଟି ହାଣିଥିଲେ, ସେଇ ଧାର ନଥିବା ଦା'ରେ ଧାନ କାଟିଥିଲେ । ଅଖା, ଝୁଡ଼ିରେ ହୁଏତ ଦିନେ ତା ଠାକୁମା', ଖୁଡ଼ି କେତେ ଯତ୍ନରେ ଧାନ, ଚାଉଳ ରଖୁଥିଲେ । କେଉଁ କୁମ୍ଭାର ବୋହୂକୁ ଧାନ ମାପିଦେଇ ହୁଏତ ତା' ଠାକୁମା ଖୁଡ଼ୀ, ସେଇସବୁ ହାଣ୍ଡି ଆଣିଥିଲେ । ଗୋଟି ଗୋଟି କରି ସଜାଡ଼ି ରଖିଥିଲେ, କେଉଁଟି ଧାନ ପାଣିରେ ଦେବାପାଇଁ, କେଉଁଟି ଧାନ ସିଝାଇବା ପାଇଁ ଅବା କେଉଁଟି ଭୁଜା, ଚାଉଳ ଭାଜିବା ପାଇଁ ।

କେତେ କେତେ ହାଣ୍ଡି, କୁଣ୍ଡି, ମଶିଣା, ପଟିଆ, ହେଁସ, ଗୁଧୁଡ଼ି, ତେଲାଣି, ପିଞ୍ଛକାଠି ଏବେବି ଛାତର ଅଧେରୁ ବେଶି ଆବୋରି ବସିଛି । ସେଇ ଛାତ, ସେଇ ଘର, ସେଇ ମାଟିକୁ ଛାଡ଼ିବା ଆଗରୁ ଶୁକୁରା ଭଳି ତା'ର ଛାତିଟା ଫାଟି ଖଣ୍ଡ ହୋଇଯିବ ନାହିଁ ?

### ॥ ଦଶ ॥

ଗ୍ରାମଦେବତୀଙ୍କ ଆସ୍ଥାନରେ କଥାଟା ଖେଳିଯିବାଠାରୁ ଭୀମପୁରା ଗାଆଁରେ ଯେମିତି କୋକୁଆଭୟ ହୋଇଯାଇଛି । ଗାଆଁର ପ୍ରତିଟି ଘରେ ସବୁବେଳେ ସେଇ ଆଲୋଚନା । ସେମାନଙ୍କୁ ରାତିଦିନ ନିଦ ନାହିଁ । ସମସ୍ତେ ବିଲବାରି ଯାଉଛନ୍ତି, ବରଜରେ ପାଣି ଦେଉଛନ୍ତି, ହଳ, ବୁଣା, ବଛା ଆଗଭଳି ଚାଲିଛି, କେଉଟମାନେ ଡଙ୍ଗା ନେଇ ସମୁଦ୍ରକୁ ଯାଉଛନ୍ତି । ଝିଅବୋହୂମାନେ ବାସୀକାମ କରୁଛନ୍ତି, ରନ୍ଧାବଢ଼ା କରୁଛନ୍ତି, ଧାନ ସିଝାସୁକା, କୁଟାକୁଟି କରୁଛନ୍ତି, ବୁଢ଼ୀମାନେ, ପିଲାମାନେ ପାନ ବାଛିବାକୁ ଯାଉଛନ୍ତି, ହାଟବାଟ, ବେଭାର, ସଙ୍ଖୁଳା ଚାଲିଛି, ଅଡ଼ତ ବି ବସୁଛି, କିନ୍ତୁ ସବୁ ଯେମିତି ନିଷ୍ପ୍ରାଣ ।

ଚଡ଼କ ମାରିଥିବା ତାଳ, ନଡ଼ିଆର ଗଛ ଭଳି ସେମାନେ ଥୁଣ୍ଟା ଶୁଖିଲା ଦେଖାଯାଉଛନ୍ତି ।

ସେମାନେ ହସୁଛନ୍ତି, ସେ ହସରେ ସ୍ୱତଃସ୍ଫୂର୍ତ୍ତତା ନାହିଁ । କଥା କହୁଛନ୍ତି, ସେଥିରେ ପ୍ରାଣ ନାହିଁ । କାମ କରୁଛନ୍ତି, ସେଥିରେ ମନଯୋଗ ନାହିଁ ।

ସବୁବେଳେ ସମସ୍ତଙ୍କ ମନରେ ସେଇ ଗୋଟିଏ କଥା ଖେଳୁଛି । ଏଠି ଘାଟୀ ହେବ । ଏଠି ସେମାନଙ୍କର ଦିନକାଳ ସରିଆସିଲା । ସେମାନେ ଉଦ୍‌ବାସ୍ତୁ ହେବେ। ସାତ ପୁରୁଷିଆ ଭିଟାମାଟିରୁ ସେମାନେ ଉଚ୍ଛେଦ ହେବେ । ଏ କିଭଳି କଥା ?

ପ୍ରାଣଠୁଁ ପ୍ରିୟ ଭିଟାମାଟି ଉପରେ ସେମାନଙ୍କର ଆଜନ୍ମ ଅଧିକାରକୁ କେଉଁ ଅଧିକାର ବଳରେ ସରକାର ଛଡ଼ାଇନେବେ ?

ସପନୀବୁଢ଼ୀକୁ ରାତିସାରା ନିଦ ହୁଏ ନାହିଁ ।

ଆକାଶକୁ ଅନାଇ ତା'ର ରାତି ପାହିଯାଏ, ଆଖି କଷା ପଡ଼େ ନାହିଁ । ବୁଢ଼ୀ, ଅନ୍ଧାରରେ ଅଣ୍ଟାଳି ଥରକୁଥର ପାନ ପତ୍ରରେ ଚୂନ ଲଗାଏ, ଖଇର ବୋଳେ, ଗୁଆ ଓ କଞ୍ଚାଦୁକ୍ତା ନଦେ, ହେଲେ ପାଟିକୁ ନେଇପାରେ ନାହିଁ ।

ସେମାନଙ୍କ ପାନଖିଆଦିନ ସରିଆସୁଛି । ଆଉ ମାତ୍ର କେଇଟା ଦିନ ।

ସେମାନେ ଘର ଛାଡ଼ି ପଦାରେ ଛିଡ଼ା ହେବେ ।

ସେଇ ଆଗତ ଦିନର କଥା ଭାବି ବୁଢ଼ୀର ଛାତିରୁ ତତଲା ନିଃଶ୍ୱାସ ବାହାରି ତା ବ୍ରହ୍ମରନ୍ଧ୍ରକୁ ଦୋହଲାଇ ଦିଏ ।

ଆମ୍ବଗଛରୁ ଖୁଡ଼ଖାଡ଼ ଶବ୍ଦ ଶୁଭେ ।

ସପନୀବୁଢ଼ୀ ଚମକିଯାଏ ।

ଏଇ ଆମ୍ବଗଛ ମୂଳେ ବସି ପୁରୁଣା ଦିନକୁ ହେଜି ଆନନ୍ଦ ପାଇବା ଦୂରକଥା, ଏଇ ମାଟି ଦେଖିବାକୁ ସାତସପନ ହେବ । ସେ ଆମ୍ବଗଛ ତା ପଛାରେ ଉଠିବ ନାହିଁ କି ଶିରିଆ ପଧାନ ପଛାରେ ଉଠିବ ନାହିଁ । ସେ ଆମ୍ବଗଛକୁ ସେମାନେ ହାଣି ଗଡ଼ାଇଦେବେ । ଅମିନ କିଛି କରିପାରିବ ନାହିଁ । ଖାଲି ବୋହୂର ବଟଫଳ କି ବାୟାରୀ ହଳଦୀଗୋଡ଼ଧୁଆ ମୁଦି ନୁହେଁ, ନିଜକୁ ବିକିଦେଲେ ବି ସେ ଆମ୍ବଗଛକୁ ନିଜର କରି ରଖିପାରିବ ନାହିଁ ।

ଖାଲି ଆମ୍ବଗଛ ନୁହେଁ, କାହିଁ କେଉଁ ଅମଳର ଏଇ ଢ଼ିଅ, ଏଇ ଘର, ଏତେ ଏତେ ଘରକରଣା ଚିଜ ସବୁ ସେମିତି ପଛରେ ପକାଇ ପେଟରାରେ ଲୁଗାପଟା ଦିଖଣ୍ଡି ପୂରାଇ ସେମାନେ ଘରୁ ବାହାରିଯିବେ ।

ଶୀତଦିନେ ବୋହୂ ଲିପି ଚିକ୍କଣ କରିଥିବା ଖଳାରେ ସେ ଅୟସକରି ଭାତ ଖାଇବ ନାହିଁ । ଖରାଦିନେ ସଂଜୁଆପହରରେ ସଭିଏଁ ଖଳାରେ ଗଡ଼ପଡ଼ ହେବେ ନାହିଁ । ମାର୍ଗଶୀର ମାସରେ ସେ ଅମାର ଲିପିବ ନାହିଁ, ଘରେ ଧାନଶିଷାଁ ଝୋଟି ଦେବ ନାହିଁ । ବାଡ଼ କଡ଼େ କଡ଼େ ଫି ବରଷ ଖମ୍ବଆଳୁ, ବୟାଁଳୁ ଲଗାଇବ ନାହିଁ । ଗଡ଼ିଆରୁ ରୋଜ ରୋଜ କଳମ ଅବା ସୁନୁସୁନିଆ ଶାଗ ତୋଳିବ ନାହିଁ ।

ତ୍ରୟୋଦଶୀର ଜହ୍ନ କେତେବେଳେ ବାଉଁବଣ ଭିତରେ ଲୁଚିଯାଏ । ପବନ ହେମାଳ ଲାଗେ । ଘର ସାମ୍ନା ବଉଳଗଛରୁ ଚଢ଼େଇଙ୍କର କିଚିରିମିଚିରି ଶବ୍ଦ ଭାସିଆସେ । ପୂର୍ବଦିଗ ତୋଫା ଦିଶେ । ଭୋଅରର ପ୍ରଥମ କିରଣ କେରି କେରି ହୋଇ କଷାଫଳ ଗାଆଁର ଗଛପତର, ଘର, ଦ୍ୱାର, ବୁଦା ବଣ ଉପରେ ଫିଟିପଡ଼େ ।

ସବୁଦିନ ଭଳି ସପନୀବୁଢ଼ୀ ବିଛଣା ଛାଡ଼ି ଉଠି ଗୋବରପାଣି ପକାଏ ନାହିଁ । ଦାଣ୍ଡଦୁଆରରୁ ବାରିଦୁଆର ଯାଏ ଖରକେ ନାହିଁ । ଅଧାରି ଆଣିଥିବା ଛଡ଼ାଛୁଆଟି ପାଖରେ କୁଟାପକାଏ ନାହିଁ। ଚୁପଚାପ ବିଛଣାରେ ପଡିରହେ । ବାୟା ଦାନ୍ତଘଷି, ଭୁଜା, ପଖାଳ ଖାଇ ମୂଳ ଲାଗିବାକୁ ଯିବା ବେଳକୁ ମାଆକୁ ଡାକେ । ସପନୀବୁଢ଼ୀ ସେତେବେଳକୁ ଯାଇ ବିଛଣା ଛାଡ଼େ । ଦାନ୍ତ ଘଷେ । ବୋହୂ ନାଲି ଚା ପାଣି ଫୁଟାଇଦେଲେ ଦି'ଢ଼ୋକ ପିଇ ଗାଧୋଇଯାଏ । ଆଗଭଳି ବୋହୂକୁ ଏଟା ସେଟା କରିବାକୁ କହେ ନାହିଁ । ଗଡ଼ିଆଆଡ଼ିରୁ ସୁନୁସୁନିଆ କିମ୍ବା ଆମ୍ବରୁଳି ଶାଗ ତୋଳେ ନାହିଁ । ସବୁବେଳେ ଚୁପଚାପ୍ ବସି ଆକାଶପାତାଳ ଭାବୁଥାଏ । ବେଳେବେଳେ ଅମାନିଆଁ ଲୁହ କେଇଧାର ଗଡ଼ିଆସିଲେ ବୁଢ଼ୀ କିଛି ବାହାନା କରି ଭାତଥାଳିରୁ ଉଠିଯାଏ । ମାଆ ପାଖରେ ଖାଇବସିଥିବା ବାୟାର ଭାତଗୁଣ୍ଡା ଅଟକିଯାଏ । ସେ ବି ପାଣି ଘଟିଏ ଢ଼କଢ଼କ କରି ପିଇଦେଇ ମୁହଁ ଧୋଇ ଅମାର ପାଖ ମେଲାରେ ଶୋଇପଡ଼େ ।

ଅଇଣ୍ଠା ଭାତତକ କୁକୁର ପାଖରେ ଅଜାଡ଼ୁ ଅଜାଡ଼ୁ ବୋହୂ ଗୁରୁବାରୀର ବି ଆଖି ଲୁହରେ ଜକେଇ ଆସେ ।

ଆଉ ଦୁଇଦୁଇଟା ଯବାନ ପୁଅ, ପାହିରେ ଚାରି ଏକର ଜମି, ଚାରିଖଣ୍ଡି ବରଜ ଆଉ ବାରିରେ ପଚାଶ ଷାଠିଏ ନଡ଼ିଆଗଛ, ଗୁଆଗଛ ଦମ୍ଭରେ ଦିନେ ଫାଟିପଡୁଥିବା ଶିରିଆ ପଧାନ ବି ସକାଳେ ଉଠିବାକୁ ବଳ ପାଏନା । କି ଏକ ଆର୍ତ୍ତବେଦନାରେ ତା'ର ଛାତିଟା ଯେମିତି ଫାଟି ଫାଟି ଯାଏ ।

ଦୂର ତାଳଗଛରେ ଝୁଲୁଥିବା ବାୟାଚଢ଼େଇର ବସାକୁ ଅନାଇ ସେ ଅନ୍ୟମନସ୍କ ହୋଇଯାଏ । କଣ୍ଟା ଭୁଲ ହୋଇଯାଏ । ଜାଲରେ ଗଣ୍ଠି ପଡ଼ିଯାଏ ।

କେବଳ ଭୀମପୁରା ଗାଆଁର ସପନୀବୁଢ଼ୀ କିମ୍ବା ଶିରିଆ ପଧାନ ନୁହଁନ୍ତି, ବାଲିଆପାଳ ଅଞ୍ଚଳର ପ୍ରତିଟି ଗାଆଁର ପ୍ରତିଟି ପ୍ରାଣ ଆଜି ଭୟ, ଉତ୍କଣ୍ଠା, ଆତଙ୍କରେ ସନ୍ତ୍ରସ୍ତ । ବରଜରେ, ବିଲବାରିରେ, ହାଟବାଟରେ, ରାସ୍ତାରେ, ଗାଧୁଆତୁଠରେ ସବୁବେଳେ ସେଇ ଆଲୋଚନା ।

(କ୍ରମଶଃ)

# ଆସିଗଲି ମୁଁ ପୁଚୁକାବାଲା

ଅନୁବାଦ ଗଳ୍ପ

ମୂଳହିନ୍ଦୀ- ନିଧି ଭାର୍ଗବ ମାନବୀ

ଆମ ସୋସାଇଟି ର ପାର୍କ ର ଗୋଟିଏ କୋଣକୁ ସେଇ ବଉଳଗଛ ମୂଳରେ ବସି ସେ ପୁଚୁକା ବିକ୍ରୀ କରେ । ତା ନାମ ମଂଗୁ । ଲୋକଟି ପ୍ରାୟ ସବୁବେଳେ ହସୁଥାଏ । ଭାରି ପରିଷ୍କାର ପରିଛନ୍ନ ଚେହେରା ।ସେ ଏତେ ସୁନ୍ଦର ଭାବରେ ପୁଚୁକା ତିଆରି କରିଦିଏ ଯେ ଗୋଟିଏ ଗୋଟିଏ କରି ଖାଉ ଖାଉ ଜଣେ କେତେବେଳେ କୋଡିଏଟି ପୁଚୁକା ଖାଇଦେଇ ଥାଏ....ସେ ନିଜେ ବି ଜାଣି ପାରେନି । ଏମିତି ତ ତା ପୁଚୁକା ର ସାଇଜ ଅପେକ୍ଷାକୃତ ବଡ । ତାପରେ ସେ ଆଜେ ବାଜେ ତେଲରେ ପୁଚୁକା ଛାଣେ ନାହିଁ । ସେ ପୁଚୁକାରେ ଯେଉଁ ତିନ୍ତୁଳି ପାଣି ଦିଏ ତାହା ତ ଏତେ ଟେଷ୍ଟି ଯେ ପାଟିରୁ ଛାଡିବ ନାହିଁ । ସେଥିରେ ପୁଣି ସେ ପୋଦିନା ପତ୍ର...ଧଣିଆ ପତ୍ର ଭୁରଷୁଂଗାପତ୍ର ଅନ୍ନପୂର୍ଣ୍ଣା ପତ୍ର ପକାଇ ଆହୁରି ବଢିଆ କରିଦିଏ । ସେ ଯୋଉ ଆଳୁ ଚକଟା ଦିଏ ପୁଚୁକା ଭିତରେ ତାହା ସିଝା ବୁଟ ମଟରଦାନା ପିଆଜ ଜିରାଗୁଣ୍ଡ ସାମାନ୍ୟ କଂଚାଲଂକାକଟା ସୈନ୍ଧବ ଲବଣ ମିଶି ଅଦଭୂତ ସ୍ୱାଦରେ ପରିଣତ କରିଦିଏ ।

ତେବେ ସବୁଠାରୁ ମଜା କଥା ହେଲା ସେ ପୁଚୁକା ଦୋନାରେ ଦେଇସାରିଲା ପରେ ପ୍ରତି ପିଲା ସହିତ ମଜାମଜା ଶିକ୍ଷଣୀୟ କଥା କହୁଥାଏ । କିଛି କାଳ୍ପନିକ କିଛି ମିଛ...କିଛି ସତକଥା ବି...। ହେଲେ ତା ସହିତ ଯେତିକି ତଥ୍ୟ ଦିଏ ତାହା ଦରକାରୀ ତଥ୍ୟ...ସେଥିରୁ ପିଲାଏ ବହୁତ କଥା ଜାଣି ପାରନ୍ତି ।

ଏଇ ଯେମିତି ସେ କହେ....ମୁଁ ଦିଲ୍ଲୀରେ ପୁଚୁକା ବିକିଲା ବେଳେ ମୋ ଗରାଖ ମାନେ ତଳେ ରହୁଥିଲେ...ମୁଁ ରହୁଥିଲି କୁତୁବ ମୀନାର ଉପରେ....ସେଇଠୁ ଥାଇ ପୁଚୁକା ତିଆରି କରି ତଳକୁ ଛାଡି ଦେଉଥିଲି ତାହା ସିଧା ଆସି ପଡୁଥିଲା ଗ୍ରାହାକର ଦୋନାରେ....। ଜାଣିଚ ତ ସେ କୁତୁବ ମୀନାର ର ଉଚ୍ଚତା କେତେ...କିଏ ତାହାକୁ ନିର୍ମାଣ କରିଥିଲେ....ତାପରେ ସବୁ ତଥ୍ୟ ଦିଏ ମୀନାର ସଂପର୍କରେ । ପିଲାଏ ଜାଣିପାରନ୍ତି ବହୁତ କଥା ।

ପରେ ପରେ ସୋସାଇଟିର ପିଲାଙ୍କ ବ୍ୟତୀତ ସେମାନଙ୍କ ବାପା ମା ଅଜା ଆଇ ବି ତା ପାଖକୁ ଆସି ପୁଚୁକା ଖାଇବାକୁ ଲାଗିଲେ । ସେ ଆସିଲେ ସିଆଡୁ ଗାଇ ଗାଇ ଆସେ... ଆସିଗଲି ମୁଁ ପୁଚୁକାଓ୍ୱାଲା...ଖଟାମିଠା ପାଣି ନେଇ.. .ଆସରେ ପିଲାଏ ଖାଇବ ଆସ ଆଉ ଡେରି କର ନାହିଁ... ଖାଇବ ପୁଚୁକା ଦିଲ୍ ହୋଇଯିବ ଖୁସି... ଏଇନା ସିନା ତାଜା ରହିଛି..ପରେ ହୋଇଯିବ ବାସି....'

ଏମିତି ଚାଲିଥାଏ ତା ବିକ୍ରୀ ବଟା । ତା ଆସିବା ବେଳକୁ ପିଲା ଛୁଆ ବୁଢା ବୁଢୀ ସମସ୍ତେ ଅନାଇ ରୁହନ୍ତି ।

ଦିନେ ସେ ଆସିଲା ନାହିଁ । ସମସ୍ତଙ୍କ ମନ ଖରାପ ହୋଇଗଲା । ତହିଁ ପରଦିନ ବି ଆସିଲା ନାହିଁ । ଏମିତି ଗୋଟିଏ ସପ୍ତାହ ହୋଇଯିବାରୁ ସୋସାଇଟିର କିଛି ବୟସ୍କ ଲୋକ ବ୍ୟସ୍ତ ହୋଇପଡିଲେ । ସେମାନେ ଜାଣିଥିଲେ ମଂଗୁ ଏଠାରେ କୈଳାସ ନଗରରେ ଏକ ଭଡାଘରେ ଏକୁଟିଆ ରହୁଥିଲା...ତା ପରିବାର ରହୁଥିଲେ ଗାଁ ରେ । ସେମାନେ ଯାଇ ତା ଭଡାଘରେ ପହଂଚିଲେ । ମଂଗୁ ଜ୍ୱରରେ ଥରୁଥିଲା । ଏମାନେ ତାକୁ ଡାକ୍ତର ପାଖ କୁ ନେଇ ଔଷଧର ବ୍ୟବସ୍ଥା କରାଇଦେଲେ । ତା ଯତ୍ନ ନେବାରୁ ତିନିଦିନ ଭିତରେ ସେ ସୁସ୍ଥ ହୋଇ ଗଲା ।

ତହିଁ ପରଦିନ ଠିକ୍ ସମୟରେ ସୋସାଇଟି ପାର୍କରେ ଶୁଭିଲା 'ଆସିଗଲି ମୁଁ ପୁଚୁକାଓ୍ୱାଲା....।'

ବାସ୍ ଆଉ କଣ....? ସମସ୍ତେ ଖୁସି ହୋଇଗଲେ । ଭଲ ବ୍ୟବହାର ଆଉ ମିଳିମିଶି ଚଳିଲେ ସମସ୍ତେ ତୁମକୁ ଭଲ ପାଇବେ....ଏତିକି ତ ଦରକାର ଜୀବନରେ।

♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧
ମୋ- ୭୯୭୮୮୬୦୩୬୩



ଅନୁସୃଜନ- ବିନୟ କୁମାର ଦାସ

### ଶ୍ରଦ୍ଧାଞ୍ଜଳି

ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଅନୁବାଦକ ବିନୟ କୁମାର ଦାସଙ୍କର ଏହା ହେଉଛି ଧ୍ୱନି ପ୍ରତିଧ୍ୱନି ପାଇଁ ପ୍ରେରଣ କରିଥିବା ଶେଷ ଅନୁବାଦ ଗଳ୍ପ । ଅକ୍ଟୋବର ତିନି ତାରିଖରେ ଆମ ପାଖକୁ ଲେଖା ପଠାଇଥିବା ମଣିଷ ଜଣକ ଯେ ଚାରି ତାରିଖକୁ ମଣିଷରୁ ଫଟୋଚିତ୍ରଟିଏ ପାଲଟିଯିବେ, ଏହା ଅବିଶ୍ୱାସ୍ୟ ହେଲେ ବି ସତ୍ୟ । ଗତ ୪ତାରିଖ ରାତି ୧୦ଟା ୫୫ ମିନିଟରେ ତାଙ୍କର ପରଲୋକ ଘଟିଛି । ୧୯୪୯ ମସିହାରେ ବାଲେଶ୍ୱର ସହରର ସୁନହଟ ଅଞ୍ଚଳର ପିତା ଗୋପାଳ ଚନ୍ଦ୍ର ଦାସ ଓ ମାତା ସାବିତ୍ରୀ ଦାସଙ୍କ କୋଳ ମଣ୍ଡନ କରିଥିଲେ ବିନୟ କୁମାର । ବାଲେଶ୍ୱର- ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର କର୍ମଚାରୀ ଭାବେ ଦୀର୍ଘଦିନ କାର୍ଯ୍ୟକରିବା ସହ କବିତା, ଗଳ୍ପ, ନାଟକ ଓ ଅନୁବାଦ କାର୍ଯ୍ୟରେ ସକ୍ରିୟ ଥିଲେ ସେ । ଦଶରୁ ଉର୍ଦ୍ଧ୍ୱ ପୁସ୍ତକର ସ୍ରଷ୍ଟା ବିନୟ କୁମାର ଦାସଙ୍କ ଅକାଳ ବିୟୋଗ ସାହିତ୍ୟ ଜଗତ ପାଇଁ ବିରାଟ ଶୂନ୍ୟସ୍ଥାନ । ତାଙ୍କ ଅମର ଆତ୍ମାର ସଦ୍ଗତି କାମନା ସହ ତାଙ୍କ ପ୍ରତି ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।

ସ୍ମରଣୀୟେଷୁ

# ଉତ୍କଳମଣି ଗୋପବନ୍ଧୁ



## ଦିଲ୍ଲୀପ କୁମାର ସାହୁ

ସିଏ ଏମିତି ଜଣେ ବ୍ୟକ୍ତି ତାଙ୍କ ବିଷୟରେ ଯେତେ କହିଲେ ମଧ ସରିବ ନାହିଁ । ତାଙ୍କ ବିଷୟରେ ଲେଖିଚାଲୁଥିଲେ ପୋଥି ପରେ ପୋଥି ଗଦା ହୋଇଯିବ । ସେହି ଦରଦୀ ମଣିଷ , ଦୀନ ଦୁଃଖୀଙ୍କ ସେବା ପାଇଁ ଯିଏ ନିଜକୁ ଉତ୍ସର୍ଗ କରିଥିଲେ, ମାତୃଭୂମିର ମୁକ୍ତି ସଙ୍ଗ୍ରାମର ଜଣେ ଆଗଧାଡିର ମଙ୍ଗୁଆଳ ଥିଲେ ଓ ମଣିଷ ତିଆରି କାରଖାନା ଟିଏ ବସାଇ ଦେଶପ୍ରେମୀ ନାଗରିକ ସୃଷ୍ଟି କରୁଥିଲେ ଏବଂ ଯାହାଙ୍କର ବ୍ୟକ୍ତିତ୍ୱ କୁ ଦେଖି ବଙ୍ଗଳା ର ପ୍ରଖ୍ୟାତ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ ଚନ୍ଦ୍ର ରାୟ ତାଙ୍କୁ ଉତ୍କଳମଣି ଭାବରେ ବର୍ଣ୍ଣନା କରିଥିଲେ, ସେ ହେଉଛନ୍ତି ସମସ୍ତଙ୍କର ଅତି ପ୍ରିୟ ଦାସେ ଆପଣେ ଗୋପବନ୍ଧୁ ଦାସ ।

ପୁରୀ ଜିଲ୍ଲାରେ ପ୍ରବାହିତ ଭାର୍ଗବୀ ନଦୀ କୂଳରେ ଅବସ୍ଥିତ ଛୋଟିଆ ଗାଁ ସୁଆଣ୍ଡୋ । ପୁରୀ ସହରଠାରୁ ୨୧ କିଲୋମିଟର ଓ ସତ୍ୟବାଦୀ ଠାରୁ ୯ କିଲୋମିଟର ଦୂରରେ ଅବସ୍ଥିତ ସେହି ଗାଁ । ୧୮୭୭ ମସିହା ଅକ୍ଟୋବର ନଅ ତାରିଖ ମଙ୍ଗଳ ବାର ଦିନ ସୁଆଣ୍ଡୋ ର ଦୈତାରୀ ଦାସ ଓ ସ୍ୱର୍ଣ୍ଣମୟୀ ଦେବୀଙ୍କ କୁଳ ଉଜ୍ୱଳ କରି ଜନ୍ମ ହୋଇଥିଲେ ଗୋପବନ୍ଧୁ । ପିଲାଟି ଦିନରୁ ସେ ତାଙ୍କ ମାଆଙ୍କୁ ହରାଇ ବସିଥିଲେ । ବାପା ଦୈତାରୀ ମଧ ତାଙ୍କୁ ଅଳ୍ପ ବୟସରେ ଛାଡି ଆରପାରିକୁ ଚାଲିଯାଇଥିଲେ । ସେତେବେଳର ପ୍ରଥା ଅନୁଯାୟୀ ମାତ୍ର ବାର ବର୍ଷ ବୟସରେ ଗୋପବନ୍ଧୁ ବିବାହ ବନ୍ଧନରେ ବାନ୍ଧି ହୋଇଯାଇଥିଲେ । ସଂସାର ଜାଲରେ ଛନ୍ଦି ହୋଇ ମଧ ସେ ପାଠପଢ଼ା ରେ ହେଳା କରିନଥିଲେ । ଗାଁ ସ୍କୁଲ ରୁ ପ୍ରାଥମିକ ଶିକ୍ଷା ଶେଷକରି ପୁରୀ ଜିଲ୍ଲା ସ୍କୁଲରେ ସେ ନାମ ଲେଖାଇଥିଲେ । ସେଠାରୁ ଏଣ୍ଟ୍ରାସ ବା ମେଟ୍ରିକ୍ ପାସ୍ କଲାପରେ ରେଭେନ୍ସା କଲେଜରୁ ବିଏ ଏବଂ କଲିକତା ବିଶ୍ୱବିଦ୍ୟାଳୟରୁ ବିଏଲ୍ ଡିଗ୍ରୀ ଲାଭ କରିଥିଲେ । ଗୋପବନ୍ଧୁ ସମାଜ ସେବାରେ ବ୍ୟସ୍ତ ରହି ପରିବାରର ଭଲମନ୍ଦ ବୁଝିବାକୁ ସମୟ ପାଉନଥିଲେ ।ତେଣୁ ଚିକିତ୍ସା ଜନିତ ସମସ୍ୟା ଯୋଗୁ ସେ ତାଙ୍କର ପୁତ୍ର ମାନଙ୍କୁ ହରାଇ ବସିଥିଲେ । ପୁଣି ଯେଉଁଦିନ ତାଙ୍କ ବିଏଲ୍ ପରୀକ୍ଷା ର ଫଳ ବାହାରିଥିଲା ସେଦିନ ସେ ତାଙ୍କ ପତ୍ନୀଙ୍କୁ ହରାଇ ବସିଲେ । ସାଂସାରିକ ଦୁଃଖ ଅପେକ୍ଷା ଦୁଃଖୀରଙ୍କି ତଥା ପ୍ରାକୃତିକ ଦୁର୍ବିପାକ ପ୍ରପୀଡ଼ିତ ଲୋକଙ୍କ ଦୁଃଖ ତାଙ୍କୁ ଖୁବ୍ ବାଧୁଥିଲା ।ତେଣୁ ପୁତ୍ର ଓ ପତ୍ନୀଙ୍କୁ ହରାଇବା ପରେ ନିଜର ସମସ୍ତ ସମ୍ପତ୍ତି ସହିତ ନିଜର ଦୁଇ କନ୍ୟାଙ୍କ ଦାୟିତ୍ୱ ବଡଭାଇଙ୍କୁ ଦେଇ ସେ ସମାଜ ତଥା ଦେଶ ସେବାରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପି ଦେଇଥିଲେ ।

ଗୋପବନ୍ଧୁ ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ଛାତ୍ର ବତ୍ସଳ ଶିକ୍ଷକ ମୁକ୍ତିଆର ରାମଚନ୍ଦ୍ର ଦାସଙ୍କ ସହ ପରିଚୟ ହୋଇଥିଲା । ତାଙ୍କ ସଂସ୍ପର୍ଶରେ ଆସି ସେ ଦେଶ ପ୍ରେମ ଓ ସମାଜସେବା ପ୍ରତି ଆକୃଷ୍ଟ ହୋଇଥିଲେ । ସେତେବେଳେ ପୁରୀ ଜିଲ୍ଲାର ବଡ଼ ସମସ୍ୟା ଥିଲା ନଈବଢି । ଜିଲ୍ଲାରେ ପ୍ରବାହିତ ବିଭିନ୍ନ ନଦୀରେ ପ୍ରତିବର୍ଷ ବଢ଼ି ଆସୁଥିଲା । ଗାଁ ଗଣ୍ଡାରେ ପାଣି ପଶିଯିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ବଢ଼ି ଛାଡ଼ିଗଲା ପରେ ଅବସ୍ଥା ଆହୁରି ସମସ୍ୟା ବହୁଳ ହୋଇଯାଉଥିଲା । ଖାଦ୍ୟ ବସ୍ତ୍ର ଓ ପାନୀୟ ଜଳର ଅଭାବ ସାଙ୍ଗକୁ ବିଭିନ୍ନ ରୋଗ ସଂକ୍ରମଣ ଯୋଗୁ ଲୋକଙ୍କ ଅବସ୍ଥା ଖୁବ୍ ବିପର୍ଯ୍ୟସ୍ତ ହୋଇଯାଉଥିଲା । ଦୁର୍ଗତ ଲୋକଙ୍କୁ ସାହାଯ୍ୟ କରିବା ନିମନ୍ତେ ସରକାର ଙ୍କ ପକ୍ଷରୁ ବିଶେଷ ବ୍ୟବସ୍ଥା ନଥିଲା । ତେଣୁ ଗୋପବନ୍ଧୁ ନିଜ ସାଥୀ ମାନଙ୍କୁ ନେଇ ଗଢିଥିଲେ ପୁରୀ ସେବା ସମିତି । ସମିତି ର ସଭ୍ୟ ମାନଙ୍କ ସହ ସେ ବନ୍ୟା ଅଞ୍ଚଳକୁ ଯାଇ ଉଦ୍ଧାର କାର୍ଯ୍ୟ ସହିତ ରିଲିଫ ବଣ୍ଟନ , ମୃତ ପଶୁପକ୍ଷୀଙ୍କୁ ପୋତିବା କାର୍ଯ୍ୟ ଏବଂ ମୃତ ମଣିଷଙ୍କ ଶବକୁ ଦାହ ମଧ କରୁଥିଲେ । ସେହି ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ ସମୟରେ ଗୋପବନ୍ଧୁ ତାଙ୍କର ଅନ୍ୟ ଦୁଇଜଣ ସାଥୀ ଙ୍କ ସହ ଭାର୍ଗବୀ ନଦୀ କୂଳରେ ଶପଥ ନେଇଥିଲେ ଯେ ଶିକ୍ଷା ଶେଷ ପରେ ସରକାରୀ ଚାକିରୀ ପ୍ରତି ଲୋଭ ନରଖି ଦେଶ ସେବାରେ ବ୍ରତୀ ହେବାପାଇଁ ।ସେମାନେ ସେହି ଶପଥକୁ ମଧ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ ।

ରେଭେନ୍ସା କଲେଜରେ ଅଧ୍ୟୟନ ସମୟରେ ଗୋପବନ୍ଧୁ ଗଢିଥିଲେ କର୍ତ୍ତବ୍ୟ ବୋଧିନୀ ସମିତି । ସେହି ସମିତି ର ଲକ୍ଷ ଥିଲା ସାମ୍ପ୍ରତିକ ସମାଜର ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏହାର ସମାଧାନ ପାଇଁ ସରକାରଙ୍କୁ ଅବଗତ କରାଇବା । ସେତେବେଳେ ସେ ଏକ ବ୍ୟଙ୍ଗ କବିତା ରଚନା କରି ଶିକ୍ଷା ନିରୀକ୍ଷକ ଙ୍କ ଦ୍ୱାରା ଦଣ୍ଡିତ ହୋଇଥିଲେ ।

କଲିକତା ବିଶ୍ୱବିଦ୍ୟାଳୟ ରେ ଆଇନ ଶିକ୍ଷା ଅଧ୍ୟୟନ କରୁଥିବାବେଳେ ସେଠାରେ ବାସ କରୁଥିବା ନିରକ୍ଷର ଓଡ଼ିଆ ମାନଙ୍କ ମଧ୍ୟରେ ଶିକ୍ଷାର ବିସ୍ତାର ପାଇଁ ଚେଷ୍ଟା କରିଥିଲେ । ସେଥିପାଇଁ ଓଡ଼ିଆମାନେ ରହୁଥିବା ବସ୍ତି ଅଞ୍ଚଳରେ ନୈଶ୍ୟ ବିଦ୍ୟାଳୟ ମାନ ଖୋଲିଥିଲେ ।

ଆଇନ ଶିକ୍ଷା ସାରିବା ପରେ ଗୋପବନ୍ଧୁ କିଛିଦିନ ଓକିଲାତି କରିଥିଲେ । ହେଲେ ସେଥିରେ ସେ ସନ୍ତୁଷ୍ଟ ହୋଇନଥିଲେ । ତେଣୁ ସେଥିରୁ ବିରତ ହୋଇ ସେ ଶିକ୍ଷକତା କରିଥିଲେ । ଶିକ୍ଷା ର ବିକାଶ ପାଇଁ ଗୋପବନ୍ଧୁ ୧୯୦୯ ମସିହା ଅଗଷ୍ଟ ୧୨ ତାରିଖ ରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନବିଦ୍ୟାଳୟ ।

ତାହା ଥିଲା ଭାରତବର୍ଷର ସର୍ବପ୍ରଥମ ମୁକ୍ତ ବିଦ୍ୟାଳୟ। ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର ପ୍ରମୁଖ ବାଗ୍ମୀ ଓ ବିଦ୍ୱାନ ମାନେ ଉଚ୍ଚ ଶିକ୍ଷା ପରେ ମୋଟା ଅଙ୍କର ସରକାରୀ ଚାକିରୀକୁ ପଛରେ ପକାଇ ସେହି ବନବିଦ୍ୟାଳୟ ରେ ଶିକ୍ଷକ ଭାବରେ ଯୋଗ ଦେଇଥିଲେ। ଗୋପବନ୍ଧୁ ଙ୍କ ସହ ସେହି ପଞ୍ଚ ମହାମନିଷୀ ଙ୍କୁ ସମସ୍ତେ ପଞ୍ଚସଖା ବୋଲି କହୁଥିଲେ।

ବନବିଦ୍ୟାଳୟ ଯେ କେବଳ ଏକ ଶିକ୍ଷାନୁଷ୍ଠାନ ଥିଲା ତାହା ନୁହେଁ ତାହା ଥିଲା ଏକ ମଣିଷ ତିଆରି କାରଖାନା । ସେଠାରେ ଛାତ୍ର ମାନଙ୍କର ଶାରୀରିକ, ମାନସିକ ଓ ନୈତିକ ଅଭିବୃଦ୍ଧି ଦିଗରେ ଯତ୍ନ ନିଆଯାଉଥଲା, ଧର୍ମନିରପେକ୍ଷତା ଉପରେ ଗୁରୁତ୍ୱ ଦିଆଯାଉଥିଲା ଓ ପିଲାମାନେ କିଭଳି ଦେଶପ୍ରେମ ରେ ଉଦବୁଦ୍ଧ ହେବେ ସେଥିପ୍ରତି ଧ୍ୟାନ ଦିଆଯାଉଥିଲା । ସେଥିପାଇଁ ବହୁ ଦୂରଦୂରାନ୍ତରୁ ପିଲାମାନେ ଆସି ବନବିଦ୍ୟାଳୟ ରେ ଅଧ୍ୟୟନ କରୁଥିଲେ। ସେତେବେଳେ ବନବିଦ୍ୟାଳୟ ର ଖ୍ୟାତି ଏମିତି ବଢ଼ିଯାଇଥିଲା ଯେ ଇଂରେଜ ସରକାରଙ୍କ ବହୁ ବଡ଼ବଡ଼ ପଦାଧିକାରୀ ଓ ଅନେକ ମାନିଗୁଣି ବ୍ୟକ୍ତିବିଶେଷ ବିଦ୍ୟାଳୟ କୁ ବୁଲି ଆସୁଥିଲେ।

ଇଂରେଜ ମାନେ ଓଡିଶା ଅଧିକାର କରିବାପରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଗୁଡିକୁ ଭାଗଭାଗ କରି ପଡୋଶୀ ରାଜ୍ୟ ମାନଙ୍କ ସହ ମିଶାଇ ଦେଇଥିଲେ ।ଫଳରେ ଓଡ଼ିଆ ମାନେ ମାନସିକ ସ୍ତରରେ ନିର୍ଯାତିତ ହେବା ସହ ଓଡ଼ିଆ ଭାଷାପ୍ରତି ସୃଷ୍ଟି ହୋଇଥିଲା ବିପଦ । ତେଣୁ ଗୋପବନ୍ଧୁ, ମଧୁସୂଦନ ଦାସ ,ଗୌରୀଶଙ୍କର, ବିଶ୍ୱନାଥ ମିଶ୍ର,ବ୍ରଜସୁନ୍ଦର ଦାସ ପ୍ରମୁଖଙ୍କ ସହ ମିଶି, ସ୍ୱାବଲମ୍ବୀ ଓ ସ୍ୱାଭିମାନୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ୧୯୦୩ ମସିହାରେ ପ୍ରତିଷ୍ଠା କଲେ ଉତ୍କଳ ସମ୍ମିଳନୀ । ସେମାନଙ୍କ ତ୍ୟାଗ ଓ ଆକ୍ଲାନ୍ତ ପ୍ରଚେଷ୍ଟା ର ଫଳ ସ୍ୱରୂପ ୧୯୩୬ ମସିହା ଏପ୍ରିଲ ପହିଲାରେ ଓଡ଼ିଆ ଭାଷା ଭାଷୀ ଅଞ୍ଚଳ କୁ ନେଇ ଆତ୍ମପ୍ରକାଶ କଲା ସ୍ୱତନ୍ତ୍ର ଉତ୍କଳ, ଆମ ପ୍ରିୟ ଓଡ଼ିଶା ପ୍ରଦେଶ ।

ଭାରତ ମୁକ୍ତି ଆନ୍ଦୋଳନ ର ଜଣେ ସକ୍ରିୟ ନେତା ଭାବରେ ଗୋପବନ୍ଧୁ ଥିଲେ ମହାତ୍ମାଗାନ୍ଧୀ ଙ୍କର ଖୁବ୍ ଅନ୍ତରଙ୍ଗ । ପରାଧୀନ ଓଡିଶା ବାସୀଙ୍କ ସମସ୍ୟା କୁ ସରକାର ଙ୍କ ପାଖରେ ଉପସ୍ଥାପନ କରିବା ନିମନ୍ତେ ମଧୁବାବୁଙ୍କ ପରାମର୍ଶ କ୍ରମେ ସେ ୧୯୧୭ରୁ ୧୯୨୧ ଯାଏ ବିହାର ଓଡ଼ିଶା ବିଧାନ ସଭାର ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ୧୯୨୧ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସେ ହୋଇଥିଲେ ପ୍ରଥମ ଅଧକ୍ଷ। ତାଙ୍କରି ଆହ୍ୱାନ କ୍ରମେ ସାରା ଓଡ଼ିଆ ଭାଷାଭାଷୀ ଅଂଚଳରେ ସ୍ୱାଧୀନତା ଆନ୍ଦୋଳନ ତୀବ୍ର ରୂପ ନେଇଥିଲା। ସେଥିପାଇଁ ତାଙ୍କୁ ଅନେକଥର କାରାବାସ ଭୋଗିବାକୁ ପଡ଼ିଥିଲା।

ଗାନ୍ଧୀଜୀଙ୍କ ବାର୍ତ୍ତା, ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କୀୟ ସମ୍ବାଦ ତଥା ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଲୋକମାନଙ୍କୁ ସୂଚିତ କରାଇବା ନିମନ୍ତେ ଗୋପବନ୍ଧୁ ୧୯୧୯ ମସିହାରେ ଆରମ୍ଭ କରିଥିଲେ ସାପ୍ତାହିକ ଖବରକାଗଜ 'ସମାଜ' ର ପ୍ରକାଶନ। ପ୍ରଥମେ ତାହା ସତ୍ୟବାଦୀରେ ପ୍ରତିଷ୍ଠିତ ସତ୍ୟବାଦୀ ପ୍ରେସ୍ ରୁ ପ୍ରକାଶିତ ହେଉଥିଲା। ୧୯୨୪ରେ ପୁରୀ ଓ ୧୯୨୭ରେ



କଟକକୁ ତାହା ସ୍ଥାନାନ୍ତରିତ ହୋଇଥିଲା । ୧୯୩୦ ରେ ସାପ୍ତାହିକରୁ ଦୈନିକ ଖବରକାଗଜରେ ରୂପାନ୍ତରିତ ହୋଇଥିଲା 'ସମାଜ'। ଯାଭିତର 'ସମାଜ' ପ୍ରକାଶନ ତାର ଶହେ ବର୍ଷ ପୂରଣ କରିବା ସହ ଦେଶର ଏକ ପ୍ରମୁଖ ଖବରକାଗଜର ମର୍ଯ୍ୟାଦା ଲାଭ କରିପାରିଛି।

ଗୋପବନ୍ଧୁ ଙ୍କୁ ସରସ୍ୱତୀ ଙ୍କ ବରପୁତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କର ରଚନା ଗୁଡିକ ଯେତିକି ମଧୁର ସେତିକି ମନଛୁଆଁ। ସେ କାରାଗାର ରେ ଥିବାବେଳେ ଲେଖିଥିବା ଦୁଇଗୋଟି କାବ୍ୟ ଗ୍ରନ୍ଥ 'କାରା କବିତା' ଓ 'ବନ୍ଦୀର ଆତ୍ମକଥା' ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା । ଗୋପବନ୍ଧୁ ଙ୍କ ଅନ୍ୟାନ୍ୟ ରଚନାବଳୀ ଗୁଡିକ ହେଲା, ଅବକାଶ ଚିନ୍ତା, ଧର୍ମପଦ, ବ୍ରହ୍ମତତ୍ତ୍ୱ, ଗୋମାହାତ୍ମ୍ୟ ଏବଂ ଏକମାତ୍ର ପ୍ରବନ୍ଧ ପୁସ୍ତକ 'ଓଡ଼ିଆର ଜାତୀୟତା' ।

ଗୋପବନ୍ଧୁ ଥିଲେ ସେବାର ପ୍ରତୀକ। ତାଙ୍କର ତ୍ୟାଗପୂତ ଜୀବନ ଓ ମାନବ ସେବା ପ୍ରତି ଅନୁରାଗ, ଲାଲା ଲଜପଥ ରାୟଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ତେଣୁ ସେ ଗୋପବନ୍ଧୁଙ୍କୁ, ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସାମାଜିକ ସଂଗଠନ 'ଲୋକସେବକ ମଣ୍ଡଳ'ର ଆଜୀବନ ସଭ୍ୟ ଭାବରେ ଗ୍ରହଣ କରିଥିଲେ । ଗୋପବନ୍ଧୁ ମଧ 'ଲୋକସେବକ ମଣ୍ଡଳ'ର ରାଷ୍ଟ୍ରୀୟ ଉପାଧକ୍ଷ ଭାବରେ ନିର୍ବାଚିତ ହୋଇଥିଲେ।

ମହାନ ତ୍ୟାଗୀ,ମହାନ ଦେଶପ୍ରେମୀ , ମହାନ ସମାଜ ସେବୀ ତଥା ମହାନ ସଂଗ୍ରାମୀ ଗୋପବନ୍ଧୁ, ମାତ୍ର ୫୧ ବର୍ଷ ବୟସରେ ଇହଲିଳା ସମ୍ବରଣ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଓ ସ୍ୱାଧୀନ ଭାରତକୁ ଦେଖିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା। ସେଦିନ ଥିଲା ୧୯୨୮ ମସିହା ଜୁନ ୧୭ ତାରିଖ, ରବିବାର। କିଛିଦିନ ରୋଗଶଯ୍ୟାରେ ପଡ଼ି ସେ ଖୁବ୍ ଦୁର୍ବଳ ହୋଇଯାଇଥିଲେ । ସେହିଦନ ଅପରାହ୍ନ ରେ ସେ 'ଦୈନିକ ସମାଜ' ଓ 'ସତ୍ୟବାଦୀ ପ୍ରେସ୍' ର ପରିଚାଳନା ଭାର ଲୋକସେବକ ମଣ୍ଡଳକୁ ଅର୍ପଣ କରିବା ନିମନ୍ତେ ଏକ ଇଚ୍ଛାପତ୍ରରେ ସ୍ୱାକ୍ଷର କରିଥିଲେ । ତାର ଅଳ୍ପ ସମୟ ପରେ ସେ ଶୋଇ ଯାଇଥିଲେ ଚିରନିଦ୍ରାରେ । ଗୋପବନ୍ଧୁଙ୍କ ମୃତ୍ୟୁ ଥିଲା କେବଳ ଉତ୍କଳ ଜନନୀଙ୍କ ପାଇଁ ନୁହେଁ ସାରା ମାନବ ଜାତି ପାଇଁ ଅପୂରଣୀୟ କ୍ଷତି।

❤ ଶଙ୍କରପୁର, ଚାରବାଟିଆ, ଚୌଦ୍ୱାର, କଟକ

# ଗାଁ ଗୀତ

(ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୨୯

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହ୍ନୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



## ଉମାକାନ୍ତ ରାଉତ(ଅରୂପ)

❤ ପ୍ଲଟ ନମ୍ବର-୬୬୨, ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ଦନେଇ ଭାଇ ସୁସୁରି ସାଥେ
ମାଧ ବଇଁଶୀ ନାଦ
ଆମ୍ବ ତୋଟାର ଗହଳ ଡାଳେ
କୋଇଲି ସାଥେ ବାଦ। (୨୮୭)

ବୀଣା ଅପାର ସ୍ୱେଟର ବୁଣା
ପୋଟଳ ଚିରା ଆଖି
ଟୋକା ତ ଟୋକା ତା' ରୂପ ଦେଖି
ବୁଢ଼ା ବି ଯିବେ ଲାଖି। (୨୮୮)

ପଢ଼ିଆ ପାଖ ମନ୍ଦିର ପରେ
ଗାଆଁର ପାଠଘର
ସେଇଠି ପାଠ ପଢ଼ାଉଛନ୍ତି
କୁନି ଅପାର ବର। (୨୮୯)

ପୁରିଆ ମାଇଁ ଚାଳିଆ ଘରେ
ଝିଅ ବୋହୂଙ୍କ ମେଳ
ବେଳ ଗଡ଼ିଲେ ପାଇଟି ସାରି
ଲାଗଇ ପୁଚି ଖେଳ। (୨୯୦)

ସାଲନ୍ଦୀ ନଈ ଯାଉଛି ବହି
ଭଉଁରୀ ଖେଳି ଖେଳି
ତା' ଉପକଣ୍ଠେ ଗାଁ ମଶାଣି
ଦୁଃଖକୁ ଦିଏ ଜାଳି। (୨୯୧)

ପୋରୁହାଁ ରବି ଗାଆଁରେ ବୁଣେ
କେତେ କଅଁଳ ଖରା।
ଅସ୍ତରାଗେ ଗାଆଁ ଆକାଶେ
ଫୁଟି ପଡ଼ନ୍ତି ତରା। (୨୯୨)

ଶାଗୁଆ ଶାଢ଼ୀ ଗାଆଁଟା ପିନ୍ଧେ
ଉଡ଼େ ସୋରିଷ ଫୁଲ
କନକ ଗୋରୀ ଚହଟ ଚମ୍ପା
ଅମୂଲ ତା'ର ମୂଲ। (୨୯୩)

ଗାଆଁରୁ ଦିଶେ ନୀଳ ପର୍ବତ
ଛଇଳ ବନ ଛବି
ମେଲା ଆକାଶ ଶୁଣାଏ ଗୀତ
ସଜାଇ ମୋତେ କବି (୨୯୪)

ପଥରେ ଗଢ଼ା ମନ୍ଦିର ତାର
ଶୁଭ୍ର ସଉଧମାଳା
ଝୋଟି ଚିତାରେ ସଜାଏ ତାକୁ
ସରଳା ପଲ୍ଲୀବାଳା। (୨୯୫)

ପଲ୍ଲୀ ଯୋଷା କୃଷ୍ଣ ବେଣୀ
ଶିଉଳି ସମ ଗଭା
କମ୍ର ତା'ର ନମ୍ର ଦେହୁ
ଉକୁଟି ଉଠେ ଆଭା । (୨୯୬) ( କ୍ରମଶଃ)

# ଜହ୍ନରାଇଜ



## କାଳିକିଙ୍କର

ଦୁର୍ଗାପୂଜା ଆଗରୁ ଜେଜେ ଓ ଜେଜେମା ଘରର ସମସ୍ତଙ୍କ ପାଇଁ ନୂଆ ନୂଆଲୁଗା କିଣିଥିଲେ। କୁଟୁଲା ଓ ବିନିପାଇଁ ମଧ୍ୟ ନୂଆପୋଷାକ କିଣା ଯାଇଥିଲା । ଏହାଛଡା କୁଟୁଲା ଓ ବିନିର ମାମୁଁଘରୁ ମଧ୍ୟ ନୂଆପୋଷାକ ଆସିଥିଲା । ତେବେ ଯେଉଁଦିନ ମାମୁଁଘରୁ କୁଟୁଲା ଓ ବିନିପାଇଁ ପୋଷାକ ନେଇ ସାନମାମୁଁ ଆସିଥିଲେ । କୁଟୁଲା ଓ ବିନି ବହୁତଖୁସିହୋଇଥିଲେ । ତେବେ ଯେତେବେଳେ କୁଟୁଲା ଦେଖିଲା ଯେ ମାମୁଁ ତାର ବିନି ପାଇଁ ଦୁଇହଳ ପୋଷାକ ଆଣିଛନ୍ତି ସେ ରାଗିଯାଇ ତା' ପୋଷାକ ଖଣ୍ଡିକ ଦୂରକୁ ଫିଙ୍ଗିଦେଲା।

ଆରେ ଧନ, କ'ଣ ହେଲାକିରେ ? ତୁ କ'ଣ ରାଗି କରି ମାମୁଁ ଆଣିଥିବା ପୋଷାକ ଫିଙ୍ଗିଦେଲୁ ? ପଚାରିଲେ ମାଆ ।

କୁଟୁଲା କାନ୍ଦିବାକୁ ଲାଗିଲା ଓ କହିଲା, ଦିଦିର ଦୁଇଟା ଆଉ ମୋର ଗୋଟିଏ, କାଇଁକି ? ମୁଁ ନେମି ନାହିଁ।

ଓଃ ବୁଝିଲି । ଆରେ ଧନ, ଆଗକୁ ଜହ୍ନପୂଜା ଅଛି ତ ତେଣୁ ତା' ପାଇଁ ଆଉ ଖଣ୍ଡିଏ ପୋଷାକ ମାମୁଁ ଆଣିଛନ୍ତି । ତୁ କ'ଣ ଜହ୍ନପୂଜା କରିବୁକି ?ଜେଜେମା ପଚାରିଲେ ।

କୁଟୁଲା କହିଲା 'ହଁ, କରିମି ।'

ସମସ୍ତେ ହସିଉଠିଲେ । ଜେଜେମା କହିଲେ ଆରେ ତୁ କ'ଣ ଝିଅଟା କିରେ ଯେ ତୁ କରିବୁ ? ଏ ପୂଜା ଝିଅମାନେ କରନ୍ତି । ଶାଶୁଘରକୁ ଯାଇ ନ ଥିବା ଝିଅମାନେ କରନ୍ତି । ବିନି ତ ଶାଶୁଘରକୁ ଯିବ ତେଣୁ ସେ ଜହ୍ନପୂଜା କରିବ ଓ ଅଧିକ ପୋଷାକ ପିନ୍ଧିବ । ତୁ ଯଦି ଶାଶୁଘରକୁ ଯିବୁ କହ ତେବେ ତୋ ପାଇଁ ମଧ୍ୟ ଆଉ ପୋଷାକ ଆସିବ ।

ଶାଶୁଘରକୁ ଯିବାକଥା ଶୁଣି କୁଟୁଲା ଚୁପ୍ ହୋଇଗଲା ।

ନା ବାବା, ମୁଁ ମାଆକୁ ଛାଡି କୁଆଡେ ଯିବିନାହିଁ । ଦିଦି ଯିବ ଯାଉ-ଭଲ ହେବ । ମୋର ତାପରେ ସବୁ ଜିନିଷ ଅଧିକ ଆସିବ । ତେବେ ଏ ଜହ୍ନପୂଜା କ'ଣ ? ଝିଅମାନେ କାହିଁକି ଏ ପୂଜା କରନ୍ତି ? ଏ ସବୁକଥା ମୋତେ ଜାଣିବାର ଅଛି । ଜେଜେ ତ କହୁଥିଲେ ଜହ୍ନକୁ ପ୍ରଥମେ ପୁଅପିଲାମାନେ ଯାଇଥିଲେ । ଝିଅ ତ କେହି ଯାଇ ନ ଥିଲେ ?

ଜହ୍ନ କିଏ ? ମାଆ କାହିଁକି ଆହେ ଜହ୍ନମାମୁଁ ସରଗଶଶୀ, କୁଟୁଲା ହାତରେ ପଡ ହେ ଖସି ? ମୋତେ ଶୋଆଇଲା ବେଳେ ଗାଆନ୍ତି ? ଯଦି ଜହ୍ନ ହେଲେ ମାମୁଁ ତେବେ ତାଙ୍କୁ କେବଳ ଦିଦି କାହିଁକି ପୂଜା କରିବ ଓ ଅଧିକ ପୋଷାକ ପାଇବ ? ମୁଁ କାହିଁକି ପୂଜା କରିବି ନାହିଁ ଯେ ? ତାପରେ ମୋର ତ ଦୁଇଜଣ ମାମୁଁ- ସେମାନେ ଏଇ ପୃଥିବୀରେ ରହନ୍ତି । ସେ ଆକାଶ ରାଇଜର ଜହ୍ନ କେମିତି ମୋର ମାମୁଁ ଯେ ? ଖାଲି କ'ଣ ମୋର ? ସେ ତ ଜେଜେ, ଜେଜେମା, ବାପା, ମାଆ, ପଡୋଶୀ ସମସ୍ତଙ୍କର ମାମୁଁ । ଆମ ସ୍କୁଲର ଗୁରୁମା'ଙ୍କର ମଧ୍ୟ ସେ ମାମୁଁ ।

ମୋତେ ଜହ୍ନରାଇଜ କଥା ବୁଝିବାକୁ ପଡିବ ।

ଜେଜେ କହିଲେ- 'ଏ ପୃଥିବୀ ଆମର ମାଆ । ପୃଥିବୀର ବାପା ହେଲେ ସୂର୍ଯ୍ୟ । ସେ ଯେତେବେଳେ ଏ ପୃଥିବୀକୁ ସୃଷ୍ଟି କରିଥିଲେ ସେତେ ବେଳେ ତାକୁ ଏକ ଭାଇ ଦେଇ ଆକାଶରେ ଜଗେଇ ଦେଇଥିଲେ । କହିଥିଲେ, ସବୁବେଳେ ତୋର ଭଉଣୀ ଉପରେ ନଜର ରଖିବୁ । ତା'ର ଭଲମନ୍ଦ ବୁଝିବୁ । ସେ ହେଉଛନ୍ତି ଏହି ଜହ୍ନ । ଆମର ଜହ୍ନମାମୁଁ । ଯେହେତୁ ପୃଥିବୀକୁ ଆମେ ସମସ୍ତେ ମାଆ ଭାବରେ ସମ୍ମାନ ଦେଉ ସେଥିପାଇଁ ସେ ସମସ୍ତଙ୍କର ମାମୁଁ ।

ଓଃ, ଭଲ କଥା ତ ? ତେବେ ଦିଦି ବା ଝିଅମାନେ କାହିଁକି ଜହ୍ନମାମୁଁଙ୍କର ପୂଜା କରନ୍ତି ? ଜେଜେ କହିଲେ ପୃଥିବୀ ମାଆ ଆମ ସମସ୍ତଙ୍କ ସେବାଯତ୍ନରେ ବ୍ୟସ୍ତ । ତେଣୁ ଏ ପୃଥିବୀର ସବୁ କୁଆଁରୀ ଝିଅମାନେ ତାଙ୍କ ତରଫରୁ ଜହ୍ନମାମୁଁଙ୍କୁ ପୂଜା କରନ୍ତି ଓ ତାଙ୍କଠାରୁ ସମସ୍ତଙ୍କ ପାଇଁ ଆଶିର୍ବାଦ ମାଗନ୍ତି ।

ସମସ୍ତଙ୍କର ମାନେ ? ମୋ ପାଇଁ କ'ଣ ଦିଦି ଜହ୍ନମାମୁଁଙ୍କ ଠାରୁ ଆଶିଷ ମାଗିବ ? ହଁରେ କୁଟୁଲା । ତୋ ପାଇଁ ତ ବେଶୀ କାରଣ ତୁ ଜହ୍ନମାମୁଁ ଯେମିତି ପୃଥିବୀର ଭାଇତୁ ସେମିତି ବିନିର ଭାଇ । ତେଣୁ ଏ ଦିନ ସବୁ କୁଆଁରୀଝିଅମାନେ ନୂଆ ଲୁଗା ପିନ୍ଧି ଜହ୍ନମାମୁଁଙ୍କୁ ପୃଥିବୀ ପାଇଁ ଓ ତାଙ୍କର ଭାଇ ପାଇଁ ଭଲ ପାଇବା ଓ ଆଶୀର୍ବାଦ ମାଗନ୍ତି ।

କୁଟୁଲା କହିଲା ଜେଜେ, ମୋର ଗୋଟିଏ ରିକ୍ୟୁଏଷ୍ଟ ରଖିବ ?

କ'ଣ କହୁନୁ ।

ତୁମେ ମୋତେ କିଛି ଲୋନ ଦେବ ।

ଲୋନ ନେଇ କ'ଣ କରିବୁ ଓ ଶୁଝିବୁ କେବେ ?

ମୁଁ ଦିଦିପାଇଁ ଗୋଟିଏ ଡ୍ରେସ୍ କିଣି ତାକୁ ଉପହାର ଦେବି କୁଆଁର ପୂନେଇଁରେ । ଦିଦି ବହୁତ ଖୁସିହେବ ଓ ଜହ୍ନରାଇଜ ମୋତେବୁଲେଇ ଆଣିବ । ତେବେ ମୁଁ ଚାକିରୀ କଲେ ତୁମଲୋନ ଶୁଝିଦେବି । ଡବଲ ଟଙ୍କା ଫେରାଇବି । ସେହି ଟଙ୍କାରେ ତୁମେ ବି ଜହ୍ନରାଇଜ ବୁଲି ଆସିବ ।

କୁଟୁଲାର କଥା ଶୁଣି ସମସ୍ତେ ହସିଲେ ଓ କହିଲେ ହେଉ ଠିକ୍ ଅଛି, ଶୁଝିବୁ ଯେତେବେଳେ ଯେତେ ଲୋନ ଦରକାର ନେବୁ ।

ସୌଭାଗିନୀ ନିବାସ, ରଚିଲୋ, ରେଂଚ, ପୁରୀ-୭୫୨୧୧୪, ମୋ- ୮୨୪୯୨୧୬୦୬୭

# ଆମ ସଂସ୍କୃତିରେ ଗଜଲକ୍ଷ୍ମୀ ପୂଜା



## ଅମୂଲ୍ୟ କୁମାର ପଣ୍ଡା



କୁମାର ପୂର୍ଣ୍ଣିମା ଦିନକୁ ଲକ୍ଷ୍ମୀଙ୍କର ଜନ୍ମଦିନ ରୂପେ ପାଳନ କରାଯାଏ ।କୁହାଯାଏ ଯେ କୁମାର ପୂର୍ଣ୍ଣିମା ଦିନ ମାତା ଲକ୍ଷ୍ମୀଙ୍କ ଆବିର୍ଭାବ ହୋଇଥିଲା। ଏହି ଦିନ ରାତିରେ ଜାଗରଣ କରିଲେ ଓ ମାତା ଲକ୍ଷ୍ମୀଙ୍କ ମନ୍ତ୍ର ଜପ କଲେ ଧନଧାନ୍ୟ ପ୍ରାପ୍ତି ହୋଇଥାଏ। ଏହି ଦିନ ସମୃଦ୍ଧିର ଦେବୀ ଲକ୍ଷ୍ମୀଙ୍କୁ ଗଜ ବାହନ ସ ?ହ ପୂଜା କରାଯାଇଥାଏ । ସାଧାରଣତଃ ଗଜଲକ୍ଷ୍ମୀଙ୍କୁ କୁମାର ପୂର୍ଣ୍ଣିମା ଦିବସରେ ହିଁ ପୂଜା କରାଯାଇଥାଏ ।କୁମାର ପୂର୍ଣ୍ଣିମା ଦିନ ମାତା ଲକ୍ଷ୍ମୀଙ୍କୁ ପୂଜା କଲାବେଳେ ଗୋଲାପୀ ରଙ୍ଗର ଫୁଲ, ଅତର, ସୁଗନ୍ଧ ଅର୍ପଣ କରିବା ଉଚିତ୍। ଏହାଦ୍ୱାରା ମା' ପ୍ରସନ୍ନ ହୋଇଥାନ୍ତି ଓ ଆରାଧନା କର୍ତ୍ତା ଧନଧାନ୍ୟ ପ୍ରାପ୍ତି ହୋଇଥାଏ।


ଲକ୍ଷ୍ମୀ ଧନସମ୍ପଦ, ସୌଭାଗ୍ୟ, ସୁଖ୍ୟାତି, ସୁଖସମୃଦ୍ଧି, ସୌନ୍ଦର୍ଯ୍ୟ ଓ ପ୍ରେମର ଦେବୀ ଅଟନ୍ତି । ସେ ଶ୍ରୀ ଭାବେ ମଧ ପରିଚିତ । ସେ ଭଗବାନ ବିଷ୍ଣୁଙ୍କର ସହଧର୍ମିଣୀ ଓ ଶକ୍ତି ସ୍ୱରୁପା। ମାଆ ଲକ୍ଷ୍ମୀ ସମୁଦ୍ର ମନ୍ଥନ ସମୟରେ ଅମୃତପାତ୍ର ଧରି ଏ ଧରା ପୃଷ୍ଠକୁ ଆସିଥିଲେ ।ସେ ବରୁଣଙ୍କର କନ୍ୟା । ଲକ୍ଷ୍ମୀଙ୍କର ବାହାନ ପେଚା, ମତାନ୍ତରେ ହାତୀ । ରୁକ୍ମିଣୀ ଓ ସତ୍ୟଭାମା ଲକ୍ଷ୍ମୀଙ୍କ ଅବତାର ଭାବେ ପରିଚିତ । ମାଆ ଲକ୍ଷ୍ମୀଙ୍କର ଚାରିହାତ ଧର୍ମ, ଅର୍ଥ,କାମନା ଓ ମୋକ୍ଷର ପ୍ରତୀକ ।ମାଆଙ୍କୁ ପୂଜାକରିବା ଦ୍ୱାରା ଧର୍ମ,ଅର୍ଥ,କାମନା ଓ ମୋକ୍ଷ ଭାବନାରୁ ମୁକ୍ତ ହୋଇ ଜଣେ ନିର୍ବାଣ ପାଇପାରିଥାଏ। ଓଡ଼ିଶାରେ ପ୍ରତ୍ୟେକ ହିନ୍ଦୁଘରେ ଗୁରୁବାର ଦିନ ଲକ୍ଷ୍ମୀଙ୍କର ପୂଜା ହୋଇଥାଏ ।ଭୃଗୁଋଷିଙ୍କ ତପସ୍ୟା ଫଳରେ ସେ ଭାର୍ଗବୀ, ଶ୍ରୀ ଆଦି ରୂପରେ ଅବତୀର୍ଣ୍ଣା ହୋଇଥିଲେ ।ଭାରତର କେତେକ ସ୍ଥାନରେ ଏଥିପାଇଁ ଭୃଗୁକନ୍ୟାରୂପେ ଶୁକ୍ରବାର ଦିନ ଲକ୍ଷ୍ମୀଙ୍କ ପୂଜା କରାଯାଏ । ଓଡ଼ିଶାରେ ମାର୍ଗଶିର ମାସ ଗୁରୁବାର ଲକ୍ଷ୍ମୀଙ୍କର ମାଣବସା ପୂଜା ନାମରେ ବେଶ୍ ପ୍ରସିଦ୍ଧ ।

ପୁରାଣରେ ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ବିଷୟରେ କୁହାଯାଇଅଛି। ଏଗୁଡ଼ିକ ମଧ୍ୟରୁ ଲକ୍ଷ୍ମୀଙ୍କର ୮ଟି ରୂପ ଜୀବନରେ ସମସ୍ତଙ୍କୁ ସବୁ ପ୍ରକାରର ସୁଖ ପ୍ରଦାନ କରିବାରେ ସହାୟକ ହୋଇଥାଏ। ୧. ବୀର ଲକ୍ଷ୍ମୀ : ଏହି ଦେବୀଙ୍କୁ ପୂଜା କରିବା ଦ୍ୱାରା ସମସ୍ତ ପ୍ରକାର ଭୟରୁ ମୁକ୍ତି ମିଳିଥାଏ ଏବଂ କରଜରୁ ମୁକ୍ତି ମିଳିଥାଏ। ତାଙ୍କର ଭକ୍ତଙ୍କ ପ୍ରତି ଖରାପ ଶକ୍ତି ଏବଂ ତନ୍ତ୍ର ମନ୍ତ୍ରର ଖରାପ ପ୍ରଭାବ ପଡ଼ିନଥାଏ। ୨. ଗଜ ଲକ୍ଷ୍ମୀ : ଦେବୀ ଲକ୍ଷ୍ମୀଙ୍କର ଏହି ରୂପକୁ ପୂଜା କରିବା ଦ୍ୱାରା ଜୀବନରେ ମାନ ସମ୍ମାନ ମିଳିଥାଏ। ଚାକିରୀରେ ପଦୋନ୍ନତି କିମ୍ବା ରାଜନୀତିରେ ଉଚ୍ଚ ପଦ ପାଇବା ପାଇଁ ତାଙ୍କୁ ପୂଜା କରାଯାଇଥାଏ। ୩. ସନ୍ତାନ ଲକ୍ଷ୍ମୀ : ମାଆ ଲକ୍ଷ୍ମୀଙ୍କର ଏହି ରୂପକୁ ପୂଜା କରିବା ଦ୍ୱାରା ସନ୍ତାନ ସୁଖ ମିଳିଥାଏ। ସନ୍ତାନଙ୍କ ଦୀର୍ଘାୟୁ ଏବଂ ଉନ୍ନତି ପାଇଁ ମଧ ସନ୍ତାନ ଲକ୍ଷ୍ମୀଙ୍କ ପୂଜା କରିବା ଶ୍ରେଷ୍ଠ ହୋଇଥାଏ। ୪. ଧାନ୍ୟ ଲକ୍ଷ୍ମୀ : ଯେଉଁ ବ୍ୟକ୍ତିମାନେ ଦେବୀଙ୍କର ଏହି ରୂପକୁ ପୂଜା କରିଥାଆନ୍ତି, ତାଙ୍କ ଘରେ କେବେ ବି ଅନ୍ନର ଅଭାବ ହୋଇନଥାଏ। ଚାଷ କରୁଥିବା ଲୋକେ ଧାନ୍ୟ ଲକ୍ଷ୍ମୀଙ୍କୁ ପୂଜା କରିଥାଆନ୍ତି। ୫. ବିଜୟ ଲକ୍ଷ୍ମୀ : ଯେକୌଣସି କାମରେ ସଫଳତା ପାଇବା ପାଇଁ ବିଜୟ ଲକ୍ଷ୍ମୀଙ୍କ ପୂଜା କରିବା ଉଚିତ୍। କୋର୍ଟ କେସ୍ ଜିତିବା ପାଇଁ ଦେବୀଙ୍କର ଏହି ରୂପକୁ ପୂଜା କରିବା ଦ୍ୱାରା ଶ୍ରେଷ୍ଠ ଫଳ ପ୍ରାପ୍ତ ହୋଇଥାଏ। ୬. ଆଦି ଲକ୍ଷ୍ମୀ : ଦେବୀଙ୍କର ଏହି ରୂପକୁ ପୂଜା କରିବା ଦ୍ୱାରା ପରିବାରରେ ସୁଖ ଶାନ୍ତି ବଜାୟ ରହିଥାଏ। ରୋଗରୁ ମୁକ୍ତି ମିଳିଥାଏ। ଦାମ୍ପତ୍ର ଜୀବନରେ ସୁଖୀ ରହିବ । ପାଇଁ ଆଦି ଲକ୍ଷ୍ମୀଙ୍କ ପୂଜା କରାଯାଇଥାଏ। ୭. ଐଶ୍ୱର୍ଯ୍ୟ ଲକ୍ଷ୍ମୀ : ସମସ୍ତ ପ୍ରକାରର ଭୌତିକ ସୁଖ ସୁବିଧା ପାଇଁ ମାଆ ଲକ୍ଷ୍ମୀଙ୍କ ଏହି ରୂପକୁ ପୂଜା କରାଯାଇଥାଏ। ଐଶ୍ୱର୍ଯ୍ୟ ଲକ୍ଷ୍ମୀଙ୍କୁ ପୂଜା କରିବା ଦ୍ୱାରା ଆକର୍ଷଣ ଶକ୍ତି ମଧ ବଢ଼ିଥାଏ। ୮. ଧନ ଲକ୍ଷ୍ମୀ : ଧନ ସମ୍ପତ୍ତି ଚାହୁଁଥିବା ବ୍ୟକ୍ତିଙ୍କୁ ଧନ ଲକ୍ଷ୍ମୀଙ୍କ ପୂଜା କରିବା ଉଚିତ୍। ତାଙ୍କୁ ପୂଜା କରିବା ଦ୍ୱାରା ଘରେ ଶାନ୍ତି ବଜାୟ ରହିଥାଏ ଏବଂ ଧନର ଅଭାବ ଦେଖାଦେଇନଥାଏ। ବ୍ୟବସାୟରେ ମଧ ସଫଳତା ମିଳିଥାଏ। ପଦ୍ମ ଫୁଲସହ ମା'ଙ୍କର ନିକଟତା ନେଇ ତାଙ୍କର ଅନେକ ନାମ ରହିଅଛି ଯଥା: ପଦ୍ମା, ଯିଏ ପଦ୍ମରେ ବାସ କରନ୍ତି। କମଳା, ଯିଏ ପଦ୍ମରେ ଯେ ବାସ କରନ୍ତି । ପଦ୍ମପ୍ରିୟା, ଯିଏ ପଦ୍ମକୁ ପସନ୍ଦ କରନ୍ତି। ପଦ୍ମାକ୍ଷୀ, ଯାହାଙ୍କର ଆଖି ପଦ୍ମ ପରି ସୁନ୍ଦର। ପଦ୍ମହସ୍ତା, ଯିଏ ପଦ୍ମ ଧାରଣ କରିଥାନ୍ତି। ପଦ୍ମସୁନ୍ଦରୀ, ଯିଏ ପଦ୍ମ ପରି ସୁନ୍ଦର । ପାଖାପାଖି ଏକ ସପ୍ତାହ ଧରି ମହାଲକ୍ଷ୍ମୀଙ୍କର ପୂଜା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବଡ଼ ଧୂମଧାମରେ ପାଳନ କରାଯାଏ।

ଅରଙ୍ଗାବାଦ, ବରୀ, ଯାଜପୁର
(ମୋ)୯୯୩୮୯୦୬୦୭୦

# ଗୋପବନ୍ଧୁଙ୍କ ଜୀବନାଦର୍ଶ : ପ୍ରେରଣାର ଉତ୍ସ

ଆଦର୍ଶ



ଦିନ ଦରିଦ୍ରର ସଖା, ତ୍ୟାଗର ଅଲିଭା ଅନିର୍ବାଣ ଶିଖା ଉତ୍କଳ ଜନନୀଙ୍କର ମଣି ତୁଲ୍ୟ ସନ୍ତାନ ଗୋପବନ୍ଧୁ ଏକ ଉତ୍ସର୍ଗୀକୃତ ଆତ୍ମା... ଯିଏ ନିଜ ଶରୀରକୁ ଏ ଦେଶ ମାଟିରେ ଶୁଆଇ ଦେଇ ତାଙ୍କ ପିଠିରେ ଭରାଦେଇ ଆଗକୁ ଆଗ ମାଡି ଚାଲି ଯାଆନ୍ତୁ ବୋଲି ଲେଖିଗଲେ 'ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ' । ନିଜର ସ୍ୱାର୍ଥ ସାଧନ ଚିନ୍ତାରେ ମଗ୍ନ ନ ରହି, ବିଶ୍ୱର ହିତକର ସ୍ୱାର୍ଥ ପୂରଣ ନିମନ୍ତେ ନିଜର ପ୍ରତିଟି ରକ୍ତବିନ୍ଦୁ ନିଗାଡି ଦେବାକୁ ଆହ୍ୱାନ ଦେଇଗଲେ । (ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ, ବିଶ୍ୱହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ), ପୁନଶ୍ଚ ଭୀରୁ କାପୁରୁଷ ପରି ସବୁକ୍ଷେତ୍ରରେ ପଛଘୁଞ୍ଚା ଦେଇ ଶେଷକୁ ମୃତ୍ୟୁ ବରଣ କରିବା ମଣିଷର ପୌରୁଷ ନୁହେଁ ବୋଲି କହି ଅନ୍ୟର ହିତ ସାଧନ କରିବା ଭିତରେ ମୃତ୍ୟୁ ବରଣ କରିବା ହେଉଛି ପ୍ରକୃତ ପୌରୁଷ ଏବଂ ସେଭଳି ବ୍ୟକ୍ତିହିଁ ଜଗତରେ ସୁପୁରୁଷ ବୋଲି ଯିଏ କାବ୍ୟିକ ଆଖ୍ୟା ପ୍ରଦାନ କହିଗଲେ (କାପୁରୁଷ ପରି ମରିବା ଜଗତେ ନୁହେଁ ନର ପଉରୁଷ, ପରହିତ ସାଧି ମରେ ଯେ ମହୀରେ ସେହି ଏକା ସୁପୁରୁଷ)....ମନେହୁଏ ସ୍ୱୟଂ ଗୋପବନ୍ଧୁ ନିଜେହିଁ ଏ ସକଳ ଆଦର୍ଶର ମୂର୍ତ୍ତିମନ୍ତ ଅବତାର ଆଉ ତାଙ୍କ ଜୀବନାଦର୍ଶର ଏତାଦୃଶ ସନ୍ଦେଶହିଁ ଏ ଜାତିପାଇଁ ପ୍ରେରଣାର ଉତ୍ସ ।

ଅନୁଭବ ଆଉ ଅନୁଭୂତି ଭିତରୁହିଁ ଆଦର୍ଶଟିଏ ଜନ୍ମଲାଭ କରିଥାଏ । ସେ ଆଦର୍ଶର ଜନ୍ମ ଲଗ୍ନ ନିରୂପଣ ସମ୍ଭବ ହୋଇ ନପାରେ -- କେତେବେଳେ, କେଉଁ ସମୟରେ ତାହା ବ୍ୟକ୍ତି ଠାରୁ ସଞ୍ଚରି ଯାଇ ସର୍ବ ସମ୍ମୁଖରେ ପ୍ରତିଭାତ ହୁଏ ।, କଳନା କରିବା କଷ୍ଟକର । ଗୋପବନ୍ଧୁଙ୍କ ଜୀବନର କର୍ମଧାରା ଯେଭଳି ଭାବେ ପ୍ରଭାବିତ - ଏକ ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀ ନେଇ ବିଚାର କଲେ ଜଣାଯାଏ ତାଙ୍କର ସ୍ୱଳ୍ପ ଜୀବନକାଳ (୧୮୭୭ - ୧୯୨୮) ମାତ୍ର ୫୧ ବର୍ଷ ମଧ୍ୟରେ ୧୯୦୪ରେ ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ ପାଶ୍ ଏବଂ ୧୯୦୭ରେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏଲ୍ ଶିକ୍ଷା ସମାପ୍ତି ପର୍ଯ୍ୟନ୍ତ ଯେଉଁ ସମୟ ସୀମା, ଏହି ଛାତ୍ର ଜୀବନ ତାଙ୍କର ବୟସ ୩୦ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିବା ବେଳେ ଅବଶିଷ୍ଟ ୨୧ ବର୍ଷର ସମୟକୁ ସେ ଦେଶ ଓ ଜାତିର ସେବାରେ ଉତ୍ସର୍ଗ କରିବାର ସୁଯୋଗ ପାଇ ପାରିଥିବେ - ଯଦିଓ ଛାତ୍ର ଜୀବନ କାଳରୁ ତାଙ୍କ କାର୍ଯ୍ୟଧାରା ଭିତରେ ଏଭଳି କିଛି ମହତ ଆଦର୍ଶ ପ୍ରକଟିତ ହୋଇ ସାରିଥିଲା । ତା ଭିତରେ ପୁଣି ପାରିବାରିକ ଜୀବନର ଦାରୁଣ ଧକ୍କା - (ଶୈଶବରେ ମାତୃ ବିୟୋଗ, କୈଶରରେ ପିତୃ ବିୟୋଗ, ତରୁଣ ବୟସରେ ପତ୍ନୀ ଓ ପୁତ୍ର ବିୟୋଗ)......ଏଭଳି ଦୁଃଖ ଯନ୍ତ୍ରଣା ଓ କାରୁଣ୍ୟ ଭରା ଅସହାୟତାକୁ ଯିଏ ମଥାପାତି ସହିନେଇ ପାରିଲା ଏବଂ ସାଂସାରିକ ଜୀବନର ମାୟା ବନ୍ଧନରୁ ମୁକ୍ତ ହୋଇ କାରାବାସ ଜୀବନକୁ ପବିତ୍ର ତୀର୍ଥକ୍ଷେତ୍ର ମନେକରି (ମିଳେ ଯଦି କାହା ଭାଗ୍ୟେ କାରାବାସ, କାରା ନୁହେଁ ସେ ପବିତ୍ର ପ୍ରଭାସ) ସେଭଳି ବାସଭୂମିକୁ ଆଦରି ନେଇ ପାରିଲା, ଏ ଭଳି ଦେଶ ପ୍ରାଣତା ଆଉ ଚରମ ତ୍ୟାଗର ନିଦର୍ଶନ କଣ ଥାଇପାରେ ?

> ଆଜିବି ନିରବିଚ୍ଛିନ୍ନ ଭାବେ ପ୍ରାୟ ପ୍ରତି ବର୍ଷ ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶା ବାସୀଙ୍କ ମେରୁଦଣ୍ଡ ଭାଙ୍ଗି ଦେବାକୁ ପିଛା ଧରି ଚାଲିଛି ଏବଂ ସରକାରୀ କଳର ସମୟୋପଯୋଗୀ ପଦକ୍ଷେପ ଓ ପ୍ରଚେଷ୍ଟା ବିପର୍ଯ୍ୟୟକୁ ପ୍ରଶମନ କରୁଛି ମାତ୍ର ଗୋପବନ୍ଧୁ ଥିଲେ ଜଣେ ବ୍ୟକ୍ତି ତାଙ୍କ ପଛରେ ସରକାରୀ କଳ ନଥିଲା କିମ୍ବା ଉଦ୍ଧାର କାର୍ଯ୍ୟ ପାଇଁ ଓଡ଼୍ରାଫ୍ ଟିମ୍ କିମ୍ବା ରିଲିଫ ବାଣ୍ଟିବା ପାଇଁ ହେଲିକପ୍ଟର ନଥିଲା ।

ତାରୁଣ୍ୟରୁ ପ୍ରୌଢ - ଏଇ ୨୦/୨୧ ବର୍ଷର ସମୟ ସୀମା ଭିତରେ ଗୋପବନ୍ଧୁଙ୍କ କାର୍ଯ୍ୟଧାରା କୁ ଯଦି ଅନୁଶୀଳନ କରାଯାଏ, ତେବେ ଯେ କେହି ମୁକ୍ତ କଣ୍ଠରେ ସ୍ୱୀକାର କରିବ ଯେ ସେ ଏକ ବିରଳ ବ୍ୟକ୍ତିତ୍ୱ ଏବଂ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ସତ୍ ଶିକ୍ଷାର ପ୍ରସାର ପାଇଁ ୧୯୧୦ରେ ସତ୍ୟବାଦୀ ବନବିଦ୍ୟାଳୟ ଭଳି ଯେଉଁ 'ମଣିଷ ତିଆରି କାରଖାନା'ର ପ୍ରତିଷ୍ଠା କରିଥିଲେ, ୧୯୨୨ରେ ମହାତ୍ମାଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମର ସଂଗ୍ରାମୀ ପୁରୁଷ ଭାବେ ନିଜକୁ ସମର୍ପି ଦେବାପରେ ସମୟକ୍ରମେ ବନବିଦ୍ୟାଳୟର ସ୍ୱପ୍ନ ଅଧୁରା ହୋଇ ରହିଗଲା ସତ, ହେଲେ ଆଜି ଆମର ରାଜ୍ୟ ଓ ଜାତୀୟ ସ୍ତରରେ ସରକାରଙ୍କ ଦ୍ୱାରା ଅନୁସୃତ ମୁକ୍ତ ବିଦ୍ୟାଳୟ 'ମୁକ୍ତ ବିଦ୍ୟାଳୟ ଶିକ୍ଷା' ତାର ରୂପାନ୍ତର ନୁହେଁକି ? ଆଜିବି ନିରବିଚ୍ଛିନ୍ନ ଭାବେ ପ୍ରାୟ ପ୍ରତି ବର୍ଷ ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶା ବାସୀଙ୍କ ମେରୁଦଣ୍ଡ ଭାଙ୍ଗି ଦେବାକୁ ପିଛା ଧରି ଚାଲିଛି ଏବଂ ସରକାରୀ କଳର ସମୟୋପଯୋଗୀ ପଦକ୍ଷେପ ଓ ପ୍ରଚେଷ୍ଟା ବିପର୍ଯ୍ୟୟକୁ ପ୍ରଶମନ କରୁଛି ମାତ୍ର ଗୋପବନ୍ଧୁ ଥିଲେ ଜଣେ ବ୍ୟକ୍ତି ତାଙ୍କ ପଛରେ ସରକାରୀ କଳ ନଥିଲା କିମ୍ବା ଉଦ୍ଧାର କାର୍ଯ୍ୟ ପାଇଁ ଓଡ଼୍ରାଫ୍ ଟିମ୍ କିମ୍ବା ରିଲିଫ ବାଣ୍ଟିବା ପାଇଁ ହେଲିକପ୍ଟର ନଥିଲା । ଅଥଚ କି ଅଦ୍ଭୁତ ଜନ ମନ ହାରିଣୀ କାଉଁରୀ ଶକ୍ତି ଥିଲାଯେ ୧୯୦୭ରେ ବ୍ରହ୍ମଣୀ ବନ୍ୟା, ୧୯୨୭ରେ ବୈତରଣୀ ବନ୍ୟା ଏବଂ ୧୯୨୯ରେ ଓଡିଶା ବ୍ୟାପି ପ୍ରବଳ ବନ୍ୟା ସମୟରେ ନିଜ ଜୀବନ ଓ ଘରେ ରୁଗଣ ପୁଅର ଜୀବନକୁ ବିସର୍ଜନ କରି ଦୁର୍ଦ୍ଦଶାଗ୍ରସ୍ତ ନିରାଶ୍ରୟ ମାନଙ୍କ ନିକଟରେ ଦେବଦୂତ ଭଳି ପହଞ୍ଚି ଯେଉଁ ସେବା ଓ ତ୍ୟାଗର ପଦଚିହ୍ନ ଛାଡ଼ି ଯାଇଛନ୍ତି, ତାହା ତାଙ୍କୁ 'ଦୀନବନ୍ଧୁ ଗୋପବନ୍ଧୁ'ର ଆସନରେ ଅଧିଷ୍ଠିତ କରି ଦେଇଛି ।

୧୯୧୭ରେ 'ସମାଜ' ସମ୍ବାଦପତ୍ରର ପ୍ରକାଶନ, 'ସତ୍ୟବାଦୀ' ସାହିତ୍ୟ ପତ୍ରିକା ପ୍ରକାଶନ, ଏବଂ ନିଜ ଲେଖନୀ ନିସୃତ ଅବକାଶ ଚିନ୍ତା, ବନ୍ଦୀର ଆତ୍ମକଥା, କାରା କବିତା, ଧର୍ମପଦ ଭଳି ସାରସ୍ୱତ ସର୍ଜନା..... ଏ ସବୁକୁ ତର୍ଜମା କଲାବେଳେ ଉତ୍କଳର ନବଯୁଗର ଜାତୀୟ ଜାଗରଣ ସୃଷ୍ଟି, ଗୋପବନ୍ଧୁଙ୍କ ଅନ୍ତର୍ଦ୍ଦୃଷ୍ଟି ଭିତରେ ସତେ ଯେମିତି ଲହଡ଼ି ଭାଙ୍ଗୁଥିଲା । ୧୯୨୪ରେ ତତ୍କାଳୀନ ଭାରତ ଗୌରବ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ସିନା ଗୋପବନ୍ଧୁଙ୍କୁ 'ଉତ୍କଳମଣି' ଉପାଧିରେ ଭୂଷିତ କରିଥିଲେ, ହୋଇ ଆଦର୍ଶ ଉଜ୍ଜଳ ଜୀବନାଦର୍ଶକୁ ନେଇ ସେ ଯଥାର୍ଥରେ ଉତ୍କଳ ଜନନୀଙ୍କର ମଣି ତୁଲ୍ୟ ସୁଯୋଗ୍ୟ ସନ୍ତାନ । ତାଙ୍କ ବହୁମୁଖୀ ଜୀବନାଦର୍ଶର ସନ୍ଦେଶ ଆମ ପାଇଁ ପ୍ରେରଣାର ଉତ୍ସ ।



ଆଲେଖ୍ୟ :
ବୈକୁଣ୍ଠନାଥ ଶତପଥୀ
ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ
ଜୟଦେବ କସବା, ବାଲେଶ୍ୱର -୨୧
ମୋ - ୯୮୬୧୦୧୧୭୦୭

## ସ୍ମୃତି ଶତଦଳ ୨୬୦

# ସୁଜାତା ଘଡିର ସ୍ପନ୍ଦନ



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

କବି ଓ ଲେଖକମାନଙ୍କର ଜୀବନ ଏକ ଭିନ୍ନ ଉପାଦାନରେ ଗଢାଯାଇଥାଏ । କ୍ଳାନ୍ତି ଓ ଅବସନ୍ନତା ତାଙ୍କୁ ଛୁଇଁ ପାରେ ନାହିଁ । ତାଙ୍କ ପାଇଁ ଶବ୍ଦ ହିଁ ଜୀବନ, ଶବ୍ଦ ହିଁ ସ୍ପନ୍ଦନ ଏବଂ ଶବ୍ଦ ହିଁ ଜୀଇଁବାର ଅନନ୍ୟ ଉପାଦାନ । କବିତାର ସୁନ୍ଦର ଶବ୍ଦ ଓ ଅକ୍ଷର ହିଁ ତାଙ୍କର କ୍ଲାନ୍ତ କୋଷରେ ଭରିଦିଏ ଅମୃତ, ଅକ୍ଷର ଭରିଦିଏ ମୃତ ସଂଜୀବନୀ ମନ୍ତ୍ର, ଯାହା ତାଙ୍କୁ ଜୀବନ୍ୟାସ ଦିଏ । ମନ ଓ ଶରୀର ଉଜ୍ଜୀବିତ ହେବାବେଳେ ନିମିଷକ ଭିତରେ ଆଖିରୁ ନିଦ ଉଡିଯାଏ । କବିଟିଏ କବିତା ଲେଖିବା ବେଳେ ଜାଣେନାହିଁ ସେ କବିତାରେ ହିଁ ସମସ୍ତଙ୍କୁ ଯୋଡୁଛି ଏବଂ କବିତାରୁ ସ୍ଫୁଲିଙ୍ଗ ବର୍ଷାଇ ପାରୁଛି । ଶବ୍ଦମାନଙ୍କର ସଂଘର୍ଷ ମଧ୍ୟ କମ୍ ନୁହେଁ । ଶବ୍ଦ ମାନେ ମଧ୍ୟ ଏତେ ଶକ୍ତିଶାଳୀ ଯେ, ପରସ୍ପରର ସ୍ପର୍ଶ ମାତ୍ରକେ ଉପୁଜାଇ ପାରନ୍ତି ଆଗ୍ନେୟଗିରିର ଉଦ୍‌ଗୀରଣ ।

ଶବ୍ଦର ସେ ଅପୂର୍ବ ତେଜସ୍କ୍ରିୟ ରଶ୍ମୀର ବିକୀରଣ, ଲାଭାର ସ୍ଫୁରଣ, ତଥା ଆଗ୍ନେୟଗିରିର ଉଦ୍‌ଗୀରଣ, ଉତ୍ତାପର ଉଦବେଳନ ଠାରୁ କୌଣସି ଗୁଣରେ କମ୍ ନୁହେଁ । ସେମିତି ବେଳେବେଳେ ନିଆଁରେ ଜଳିଜଳି ଆଉଟା ସୁନାଭଳି ଉଜ୍ଜଳ ଦିଶୁଥିବା ସ୍ମୃତିମାନେ ମଧ୍ୟ ମନପରଦାରେ ନିଜକୁ ପ୍ରକାଶ କରନ୍ତି, ତାଙ୍କ ଦିବ୍ୟ ଆଭାରେ ହୃଦୟକୁ ଆଲୋକିତ କରନ୍ତି । ଏବଂ ସେମାନଙ୍କର ପରିପ୍ରକାଶ ଓ ମୁକ୍ତି ପାଇଁ ପଥ ଖୋଜନ୍ତି । ତାଙ୍କୁ ଉପଯୁକ୍ତ ମାନ୍ୟତା ନଦେଲେ ସେମାନେ ସମ୍ମାନିତା ହେବେ ବା' କିପରି ?

ସେହିଭଳି ଏକ ସ୍ମରଣୀୟ ସ୍ମୃତିଟିଏ ମୋ ମନରେ ସ୍ପନ୍ଦନ ସୃଷ୍ଟି କରିଥିଲା ଏବଂ ଆଜି ପର୍ଯ୍ୟନ୍ତ ସ୍ପନ୍ଦିତ ହୋଇ ରହି ଆସିଛି ଯାହାର ନାଁ ହେଉଛି 'ସୁଜାତା ଘଡି' ।

'ସରୋଜିନୀ ପରା ମାଟ୍ରିକ୍ୟୁଲେସନ ପାସ କରି କଲେଜରେ ପଢିବ, ସେତେବେଳେ ମୋ କଲେଜ ପଢୁଆ ଝିଅ ଘଡି ପିନ୍ଧିବ । ରୋଲଡ ଗୋଲ୍ଡ ଫ୍ରେମର ଘଡିଟିଏ ପିନ୍ଧିଲେ ସିନା ତା ହାତକୁ ମାନିବ ।' ଏ ସବୁ କଥା ଥିଲା, ମୋ ବୋଉ ପଦ୍ମାବତୀ ଆଚାର୍ଯ୍ୟର । ଘରର ସବୁକାମ ସାରି ନିଜ ଶରୀରର ରୁଗ୍‌ଣତା ସହ ଲଢୁ ଲଢୁ କେଉଁଠୁ ଆସେ ତା'ର ସେ ଶକ୍ତି, ଲେଖାଲେଖି କରିବା ପାଇଁ । ଆଗରୁ କହିଛି ଗୋଟିଏ ଟଙ୍କର ଉପରେ ବୋଉର ଲେଖାଲେଖି ଆରମ୍ଭ ହୋଇଥିଲା । ଶେଷକୁ ତା' ବହି 'ପିଲାଙ୍କ ଗଳ୍ପକଥନ', ପିଲାଙ୍କ ଏକାଙ୍କିକା ଆଦି ଗଂଜାମ ଜିଲ୍ଲାର ସ୍କୁଲ ଲାଇବ୍ରେରୀରେ ସ୍ଥାନପାଇଲା ଏବଂ ହଟ କେକ୍ ଭଳି ବିକ୍ରି ହୋଇଗଲା । ସେ ଯେତେ ବେଳେ ପ୍ରଥମ ଥର ବହିର ରଏଲଟି ପାଇଲା , ଠାକୁରଙ୍କୁ ପୂଜା କରି ଭୋଗ ଲଗାଇବା ପରେ ତାର ଇଚ୍ଛା ଥିଲା ପ୍ରଥମ ରୋଜଗାର ଟଙ୍କା ନିଜ ପାଇଁ ନୁହେଁ, ନନାଙ୍କ ପାଇଁ ନୁହେଁ କି ଭାଇଭଉଣୀଙ୍କ ପାଇଁ ନୁହେଁ କେବଳ ବଡ ଝିଅ ପାଇଁ ଅତି ମୂଲ୍ୟବାନ ଜିନିଷଟିଏ କିଣି ଉପହାର ଦେବ । ମୋର ଜଣେ ଭାଇ କଲିକତା ଯାଉଥିଲେ, ତାଙ୍କ ହାତରେ ଟଙ୍କା ଦେଇ ସୁଜାତା ଲେଡିଜ ୱାଚଟିଏ କିଣି ଆଣିବାକୁ ସେ' କହିଲା । ସେତେବେଳେ ସୁଜାତା ଲେଡିଜ୍ ୱାଚ୍‌ର ବହୁତ ଚାହିଦା ଥିଲା ।

କଲିକତାରୁ ଘଡିଟି ଆଣିବାପରେ ପ୍ରଥମେ ଯେଉଁଦିନ ମୋ ହାତରେ ସେ ନୂଆ ଘଡିଟି ପିନ୍ଧାଇ ଦେଲା ମୁଁ ସ୍ତବ୍ଧ ଓ ଅଭିଭୂତ ହୋଇଗଲି । ମୋ ଆଖିରେ ଲୁହ ଆସିଗଲା । ମୁଁ କହିଲି 'ବୋଉ ତୁ ପିନ୍ଧ୍, ତୁ ଲେଖାଲେଖି କଲାବେଳେ ଏବଂ ପ୍ରେସକୁ ବହି କାମରେ ଗଲାବେଳେ ଏଇଟା ତୋ କାମରେ ଆସିବ । ମୁଁ କଲେଜ ଗଲାବେଳେ ମତେ ଆଉ ଗୋଟେ କିଣିଦବୁ ।' କହିବା ବାହୁଲ୍ୟ ବୋଉର ଗୋରା ତକ୍ ତକ୍ ଚେହେରା ଓ ସୁନେଲି ଫ୍ରେମ୍ ସାଙ୍ଗକୁ ରିଷ୍ଟୱାଚଟି, ଖୁବ୍ ଆରିଷ୍ଟୋକ୍ରାଟିକ୍ ଲୁକ୍ ଦେଇଥାଆନ୍ତା । କିନ୍ତୁ ବୋଉର ଏକାଜିଦ୍ କେବଳ ମୋ କଲେଜ ପଢୁଆ ଝିଅ ସରୋଜିନୀ ଏଇ ଘଡିଟି ପିନ୍ଧିବ ।' ମତେ ବାରଂବାର କହିଥିଲା 'ଏ ଘଡି କାହାକୁ ଦବୁନି ବୁଲୁ, ନିଜେ ପିନ୍ଧିବୁ ।' ମତେ ଘଣ୍ଟା ପିନ୍ଧାଇବା ପରେ ପରେ ବୋଉ ରାଉରକେଲା ଗଲା ହାର୍ଟ ଅପରେସନ ପାଇଁ, ଆଉ ସେ ସେଠୁ ଫେରିନଥିଲା । ସେବେଠାରୁ ସେଇ କୁନି ଅଥଚ ଅତି ସୁନ୍ଦର ସୁଜାତା ହାତ ଘଡିଟିକୁ ମୁଁ ଦୀର୍ଘ ଦଶବର୍ଷ କାଳ ଦିନ ରାତି ପିନ୍ଧିଚି । କାରଣ ସେ ଘଡିର ଟିକ୍ ଟିକ୍ ଶବ୍ଦ ମତେ ବୋଉର ହୃଦ୍ ସ୍ପନ୍ଦନ ଭଳି ଶୁଭୁଥିଲା । କଟକ ମେଡିକାଲ କଲେଜରେ ପଢିଲାବେଳେ ନନା ମତେ ଆହୁରି ନୂଆ ନୂଆ ସୁନ୍ଦର ଘଣ୍ଟା ଦେଇଛନ୍ତି, କିନ୍ତୁ କାହିଁକି କେଜାଣି ମୁଁ ସୁଜାତା ଘଡିର ମୋହ ଛାଡି ପାରିନଥିଲି । ମତେ ସବୁବେଳେ ଲାଗୁଥିଲା ବୋଉ ଯେମିତି ବାରଂବାର କହୁଥିଲା 'ଭଲ ପଢିବୁ ଝିଅ, ଆମର ନାଁ ରଖିବୁ ।' ହଠାତ୍ ରାତିରେ ନିଦ ଭାଙ୍ଗିଗଲେ ମୁଁ ଘଡି ଭିତରେ ବୋଉକୁ ଦେଖିପାରୁଥିଲି ଓ ଶୁଣିପାରୁଥିଲି ।

ବାହାଘର ଦିନ, ନନା ଭାରି ସୁନ୍ଦର ଘଡିଟିଏ ମତେ ଦେଲେ ଏବଂ କହିଲେ ତୁ' ଡାକ୍ତରାଣୀ ହେଲୁଣି ଆଉ ଏ ଛୋଟ ଘଡି ନୁହେଁ ବଡ ଦାମିକା ଘଡିଟିଏ ପିନ୍ଧିବୁ ।' ଅଗତ୍ୟା ବାଧ୍ୟ ହୋଇ ସୁଜାତା ଘଡିକୁ ମୋ ହାତରୁ କାଢି ମୋ ସାନ ଭଉଣୀ ବେବି (ସୁଲେଖିକା ସବିତା ମିଶ୍ର) ହାତରେ ପିନ୍ଧେଇ ଦେଲି ଓ ଲୁହ ଛଳ ଛଳ ଆଖିରେ ତାକୁ କହିଥିଲି 'ତୁ ଏ ଘଡିଟି ପାଖରେ ଯତ୍ନର ସହ ରଖିବୁ ଓ ପିନ୍ଧିବୁ, ପରେ ମତେ ଫେରେଇ ଦବୁ ।' ସେ ଘଡିଟିକୁ ସେ ପିନ୍ଧିଥିଲା ଏବଂ ତା' ବାହାଘର ପରେ ମତେ ଫେରାଇ ଦେଇଥିଲା । ଏବେ ମଧ୍ୟ ବୋଉର ଚଷମା, ସିନ୍ଦୁର ଫରୁଆ ଓ ସୁଜାତା ଘଡି ମୋ ପାଖରେ ଅଛି ବୋଉର ସ୍ପନ୍ଦନ ହୋଇ, ସ୍ମୃତିର ସନ୍ତକ ହୋଇ, ଯାହା ଚିରକାଳ ମୋ ପାଇଁ ଚିରସ୍ମରଣୀୟ ହୋଇ ରହିଥିବ ।


(କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୨୭)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ







ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)
॥ ତିନି ବନ୍ଧୁ ॥

ଜେଲ ଯିବା କଥା ଶୁଣି ସ୍ତ୍ରୀ ଲୋକମାନେ ଆହୁରି ଜୋରରେ କାନ୍ଦିଲେ । ମୁଁ ଉଠି ହାତମୁହଁ ଧୋଇଦେ । ସେତିକି ଭିତରେ ମୋ ମାଆ ଦୌଡ଼ି ଆସିଲେ । ଆଉ ମୋତେ କୁଣ୍ଢାଇ ଧରି କାନ୍ଦିବାକୁ ଲାଗିଲେ । "ହେ ପୁଅ ମୋ ପୁଅ । ଗଦିରେ ଶୋଇବା ପିଲା ମୋର କେମିତି ଶୋଇବ ଜେଲରେ ?

ମୋତେ ସେ ପର୍ଯ୍ୟନ୍ତ ଜଣାନଥିଲା କି ମୁଁ କାହିଁକି ଗିରଫ ହୋଇଛି । ଭାବୁଥିଲି କି ଆମ କ୍ରାନ୍ତିକାରୀ ବିଷୟରେ ପୁଲିସକୁ ଖବର ମିଳିଯାଇଥିବ ବୋଧେ । ସେଇଥିପାଇଁ ଗିରଫ କରୁଛି । କେତେଦିନ ଜେଲରେ ରହିବାକୁ ପଡ଼ିବ ? ଫାଶୀରେ ଲଟକିବାକୁ ପଡ଼ିବ କି ? ଏମିତି ସବୁ ଭାବନା ମୋ ମନରେ ଘୁରୁଥିଲା । ଗଳା ଯେମିତି କିଛି ଅଟକି ଯାଇଛି । ଇଚ୍ଛା ହେଉଥିଲା ମୁଁ ଜୋର ଜୋର କାନ୍ଦନ୍ତି । କିନ୍ତୁ ସେମିତି ମୁଁ କରିପାରିଲିନି । ମା'କୁ କହିଲି, କାହିଁକି କାନ୍ଦୁଛୁ ? କଣ ଫାସିରେ ଚଢୁଛି ? ବହୁତ ଶୀଘ୍ର ଫେରି ଆସିବି ।"

ଏହାପରେ ମା' ହାତରୁ ନିଜକୁ ଛଡ଼ାଇ ଖୁବଶୀଘ୍ର ବାହାରକୁ ଚାଲିଆସିଲି । ଦାଣ୍ଡଘର ତଲାସୀ କରୁଥିଲେ ପୋଲିସ । ପଡ଼ାରେ ଦୁଇଜଣ ଲୋକ ସାକ୍ଷୀ ରୂପରେ ଉପସ୍ଥିତ ଥିଲେ । ସବୁଠୁ ଆଶ୍ଚର୍ଯ୍ୟର କଥା ଥିଲାକି ବାପା ଅସାଧାରଣ ଉତ୍ସାହିତ ଥିଲେ । ତାଙ୍କ ମୁହଁରେ ଲେଶମାତ୍ର ଦୁଃଖ ନଥିଲା । ସେ ବୁଲି ବୁଲି ଗୁପ୍ତ ସ୍ଥାନ ସବୁ ପ୍ରସନ୍ନତାପୂର୍ବକ ପୋଲିସଙ୍କୁ ଦେଖଉଥିଲେ । ଯେଉଁ ସ୍ଥାନ ସବୁ ପୋଲିସଙ୍କ ଦୃଷ୍ଟିରୁ ବଂଚିଯାଉଥିଲା । ସେ ସେମାନଙ୍କୁ ଡାକି କହୁଥିଲେ, "ଭାଇ ଏଠି ଟିକେ ଦେଖିନିଅନ୍ତୁ ।" ତାଙ୍କ ମୁହଁରେ ଏପରି ପ୍ରସନ୍ନତା ଥିଲା କି ଯେମିତି କୌଣସି ବନ୍ଧୁକୁ ନୂଆଘରର କୋଣ ଅନୁକୋଣ ଦେଖଉଛନ୍ତି । ମୋ ଉପସ୍ଥିତ ତାଙ୍କ ପାଇଁ ସବୁବେଳେ ଅନଭିଜ୍ଞ ।

ଗୋଟିଏ ପୋଲିସ ନିଜ ହାତରେ ବସିଥିବା ମଶାକୁ ମାରି କହିଲା ଏଠିତ ବହୁତ ମଶା ।

ଏକଥା ଶୁଣି ବାପା ବିଦୂଷକ ପରି ମୁହଁ କରି କହିଲେ "ଏହା ତ ଏଠିକାର ପ୍ରସାଦ । ସମୟ ଯଦି ଅଛି କଥାଟିଏ ଶୁଣନ୍ତୁ । ୧୫ ଜୁନ୍ ୧୯୩୫ ମସିହା ମୋ ଭଉଣୀର ବାହାଘର ଥିଲା । ମୁଁ ମୋ ଠିକଣା ବାହାଘର କାର୍ଡ଼ରେ ଛପେଇ ଥିଲି, "ମାଛି ଭବନ, ମାଛିରୋଡ଼, ପିଲିଅ ।" ଆମ ବନ୍ଧୁବାନ୍ଧବ ସମସ୍ତେ ଭାବିଲେ ମୁଁ ମୋ ପୁରୁଣା ଘର ଛାଡ଼ିଦେଇଛି । ସେମାନେ ଗାଡ଼ିରୁ ଓହ୍ଲେଇ ପ୍ରଥମ ମାଛିରୋଡ଼ ଖୋଜୁଥିଲେ । ଖୋଜି ଖୋଜି ନପାଇବାରୁ, ଏଇ ପୁରୁଣା ଠିକଣାକୁ ଆସୁଥିଲେ । ଶେଷରେ ବାପା ଜୋରରେ ହସିଲେ ।

ପୁରା ତଲାସୀ ସରିଲା । ପରେ ପୋଲିସ ଇନସପେକ୍ଟର କହିଲା, "ଆଚ୍ଛା ଓକିଲ ସାହେବ ତଲାସୀରେ ତ କିଛି ମିଳିଲାନି । ଏବେ ଆମେ ଆପଣଙ୍କ ପୁଅକୁ ନେଇ ଯାଉଛୁ । କ୍ଷମା କରିବେ, ଆପଣଙ୍କୁ କଷ୍ଟ ଦେଲୁ ।

"ଆରେ କିଛି କଥା ନାହିଁ, ପୁଅ ତୁମର, ଆପଣ ଆରାମ ସେ ନେଇ ଯାଆନ୍ତୁ ।" ବାପା ପୋଲିସକୁ କହିଲେ ଖୁବ୍ ଉତ୍ସାହିତ ହୋଇ ।

ଯେତେବେଳେ ମୁଁ ପୋଲିସ ସହ ବାହାରକୁ ବାହାରିଲି, ସେତେବେଳେ ବାପା ଚୁପଚାପ୍ ଘର ଭିତରେ ଠିଆ ହୋଇଥିଲେ । ଯେତେବେଳେ ମୁଁ ପୁରା ଘରୁ ବାହାର ରାସ୍ତାକୁ ବାହାରିଲି । ସେତେବେଳେ ବାପା ଶିଘ୍ର ଶିଘ୍ର ଦାଣ୍ଡ କବାଟ ପାଖକୁ ଆସି କହିଲେ, "ଦେଖନ୍ତୁ ପୋଲିସ ବାବୁ ଇଏ ଛୋଟ ପିଲାଟାଏ ବାପା ମାଆକୁ ଛାଡ଼ି ଗୋଟେ ରାତିବି ବାହାରେ ରହିନାହିଁ କେବେ । ଯାହା ଭୁଲ କରିଛି ତାକୁ କ୍ଷମା କରିଦିଅନ୍ତୁ ।" ଆଉ ସେ କିଛି କହି ପାରିଲେନି । ତାଙ୍କ କଣ୍ଠସ୍ୱର ଭାରି ହୋଇଯାଇଥିଲା କୋହରେ । ମୁହଁ ପଛକୁ ବୁଲାଇ ଲୁହ ପୋଛିଲେ ।

ରେଳଷ୍ଟେସନ ପାର କରି ପୋଲିସ ସହ ଯେତେବେଳେ ମୁଁ ଥାନା ଆଡ଼କୁ ଯାଉଥିଲି । ମୋ କଲିଜା ଧଡ଼ଧଡ଼ ହେଉଥିଲା ଅନ୍ଧାରରେ । ମୁଁ ଜାଣିନି ଏମାନେ ମୋତେ କଣ କରିବେ । ମୁଁ ଭାବୁଥିଲି ମୋ ବାପା ମାଆଙ୍କୁ ଆଉ ଜୀବନରେ ଦେଖିପାରିବିନି । ମୁଁ ମୋ ନିଜକୁ ସାହସ ଦେଉଥିଲି । ମୁଁ କ୍ରାନ୍ତିକାରୀ , ମୁଁ ଦେଶଭକ୍ତ, ଭାରତର ମଙ୍ଗଳ ପାଇଁ, ଦେଶ ସ୍ୱାଧୀନ ପାଇଁ ମୁଁ ମୋ ପ୍ରାଣତ୍ୟାଗ କରିବାକୁ ସଂକଳ୍ପ କରି ସାରିଛି । କିନ୍ତୁ ଏଥିରେ କିଛି ଲାଭନାହିଁ । ମୋ ହୃଦୟର ସାରା ... ଶକ୍ତି ଏତେ ସୁପ୍ତ ଥିଲେ କଣ ? ମୋ କ୍ରାନ୍ତିକାରୀ ଜୀବନର ସମସ୍ତ ଉତ୍ସାହ ଉଦ୍ଦିପନା ମୋ ଦୁର୍ବଳତା ପାଖରେ ସମାଧି ନବାକୁ ବାଧ୍ୟ ହେଉଥିଲେ । ପାଣିକୁ ମୁଠାରେ ମୁଠେଇ ଧରିବା ପରି ମୁଁ ମୋ ନିଜକୁ ସମ୍ଭାଳିବାରେ ବ୍ୟର୍ଥ ସାବ୍ୟସ୍ତ ହେଉଥିଲା । ଲାଗୁଥିଲା ଏମିତି ମୋତେ ଯେ, ଯେମିତି ମୁଁ ଦିନକ ପୂର୍ବରୁ କି ଘଣ୍ଟାକ ପୂର୍ବରୁ ଥିଲି । ଏବେ ମୁଁ ସେ ନୁହେଁ । ମୁଁ ସମ୍ପୂର୍ଣ୍ଣ ଭୟାଳୁ । ଆଉ ଏହା ହିଁ ସ୍ୱାଭାବିକ । କେବଳ ଏମିତି କ୍ରାନ୍ତିକାରୀ ସଂଗଠନରେ ସାମିଲ ହୋଇଯାଇଛି । ଯାହା ମୋ ସ୍ୱଭାବର ବିପରୀତ ।

ସେ ରାତିରେ ହାଜତ କୋଠାରୀ ଭିତରେ ମୋତେ ବନ୍ଦ କରି ଦିଆଗଲା । ସେ କୋଠରୀ ଭିତରେ ବଳରାମ ତିୱାରୀ ଓ ଅଜଦ୍ଦିନ ବି ଥିଲେ । ତାଙ୍କଠାରୁ ଶୁଣିଲି ଦିନେଶ୍ୱର, ଦୀନାନାଥ ଏବଂ କୃପାଶଙ୍କର ମଧ୍ୟ ଗିରଫ ହୋଇଛନ୍ତି । ଏବଂ ଅନ୍ୟ କୋଠରୀରେ ସେମାନେ ବନ୍ଦ ଅଛନ୍ତି । କୃପାଶଙ୍କର କେମିତି ଗିରଫ ହେଲ । ଶୁଣି ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ହାଜତରେ ସେ ତିନିଜଣଙ୍କ ଉପସ୍ଥିତି ମୋ ଭୟ ଓ ଆତଙ୍କକୁ ଟିକେ କମେଇଦେଲା । ବଳରାମ ତିୱାରୀ ପୋଲିସ ଓ ଇଂରେଜୀ ଲୋକଙ୍କୁ ଲଗାତାର ଗାଳି ଦେଉଥିଲା । ସେ ଗାଳି ଶୁଣି ମୋ ମନରେ ସାହାସ ଜାଗ୍ରତ ହେଉଥିଲା ।

ସେଦିନ ରାତିରେ ଆମକୁ କିଛି ବି ପଚରା ଗଲାନି । ତା ପରଦିନ ସକାଳେ ପୋଲିସ ବଳରାମ ତିୱାରୀ ଓ ଅଜଦ୍ଦିନକୁ କେଉଁ ଅନ୍ୟ ଜାଗାକୁ ନେଇଗଲେ । ମୁଁ ଏକୁଟିଆ ରହିଗଲି । ମୋର ଭୟ ପୁଣି ବଢ଼ିଥିଲା । ଦ୍ୱିପ୍ରହର ପର୍ଯ୍ୟନ୍ତ କେମିତି କଟିଲା କେଜାଣି । ସାମାନ୍ୟ ଶବ୍ଦ ବି ମୋତେ ଭୟଭୀତ କଲା । ଯେମିତି ଲାଗୁଥିଲା ଏଇ ସାଙ୍ଗେ ସାଙ୍ଗେ ପୋଲିସ ଅଧିକ ମୋତେ ଭୟଙ୍କର ଯନ୍ତ୍ରଣା ଦେବ । ଗୋଟେ ଭୟାବହ ଅନିଶ୍ଚିତତା ମୋତେ ଆତଙ୍କିତ କରି ରଖିଥିଲା ।

ଦ୍ୱିପ୍ରହର ଖାଇବା ଧରି ମୋ ସାନଭାଇ କଂଚନ ଆସିଲା । ସେ ମୋତେ ଅଦଭୂତ ଦୃଷ୍ଟିରେ ଚାହୁଁଥିଲା । ଯେତେବେଳେ ମୁଁ ଖାଇ ସାରିଲି, ସେ ମୋ ପାଖକୁ ଆସି କହିଲା, "ବାପା କହିଛନ୍ତି ଡରିବୁନି ।" ଯାହା କିଛି ଘଟିବ ଶହନଶୀଳତା ସହ ବରଦାସ୍ତ କରିବୁ । "ବାପାଙ୍କ ବାର୍ତ୍ତା ବହୁତ ଅସ୍ୱାଭାବିକ ଲାଗିଲା । ପୁରୁଣା କାଳର ଲୋକ । ସେ ବ୍ରିଟିଶ ସରକାରଙ୍କର ସମର୍ଥକ ଥିଲେ । ତାଙ୍କଠାରୁ ଏଭଳି ଆଶା ନଥିଲା । କେଜାଣି କାହିଁକି ବାପାଙ୍କ ବାର୍ତ୍ତାରେ ମୁଁ ଭୟଭୀତ ହୋଇଗଲି ।

ଖାଇବାର ଦୁଇଘଂଟା ପରେ, "ଖୁପିଆ ବିଭାଗ"ର ଗୋଟେ କର୍ମଚାରୀ ମୋ କୋଠରୀକୁ ଆସିଲା । ଆମ ଘର ତଲାସୀ ବେଳେ ତାକୁ ଦେଖିଥିଲି, ସେ ଯାଇଥିଲା । ତା' ନା ରଂଜନ ଚୌବେ ଥିଲା । ସେ ଲମ୍ବା ଆଉ ସ୍ୱସ୍ଥ ଥିଲା । ତାର ବଡ଼ ମୁହଁରେ ନିଶା ଘାସଭଳି ଉଠିଯାଇଛି । ତା' ଆଖି ଦୁଇଟି ଛୋଟ ଛୋଟ ସେ ଯେତେବେଳେ ମୁହଁକୁ ଚାହିଁ ହସୁଥିଲା, ମୋତେ ଖୁବ୍ ଡର ଲାଗୁଥିଲା ।

ମୋ ପାଖରେ ବସି ବହୁତ ମଧୁର ସ୍ୱରରେ ପଚାରିଲେ, "ଭାତ ଖାଇସାରିଲୁଣି ପୁଅ ?"

"ହଁ" ମୁଁ ଉତ୍ତର ଦେଲି । ମୋ ଦେହରେ କିଛି ବି ଶକ୍ତି ନଥିଲା ପରି ଅନୁଭବ କରୁଥିଲି ।

"ପୁଅ ଡରିବାର କିଛି ନାହିଁ । ଆରାମରେ ବସ ।" ସେ ବ୍ୟସ୍ତ ହୋଇ କହିଲା, କଥା କଣକି ତୁମ ବାପା, ଓକିଲ ସାହେବଙ୍କୁ ମୁଁ ଅତି ପାଖରୁ ଜାଣିଛି । ଏତେ ଭଲଲୋକ ଯେ ଦୀପ ଧରି ଖୋଜିଲେ ବି ମିଳିବେନି । ସେଇଥିପାଇଁ ଲୁଚି ଛପି ଆସିଛି । ଯଦି ମୋ ଅଫିସରକୁ ଜଣାପଡ଼ିବ ସେ ତୁରନ୍ତ ମୋତେ ବରଖାସ୍ତ କରି ଦେବ । ଭାରିଦୁଷ୍ଟ ପ୍ରକୃତିର ଅଫିସର । କିନ୍ତୁ ମୁଁ ସଂକଳ୍ପ କରି ସାରିଛି ଯାହାବି ହୋଇଯାଉ ଓକିଲସାହେବଙ୍କ ପୁଅର ବାଳ ବି ବଙ୍କା କରିବାକୁ ଦେବିନି । କଥା କଥଣ କି କୃଷ୍ଣ କୁମାର, ଭାଇ ତୁମ ନାଁ କୃଷ୍ଣ କୁମାର ତ ?.. ହଁ ହଁ ଠିକ୍ ଅଛି ଦେଖ ତ ମୁଁ କେତେ ଶୀଘ୍ର ଭୁଲି ଯାଉଛି । କଥା କଣ କି ତୁମର ସାଙ୍ଗସବୁ ଯେତେ ଗିରଫ ହୋଇଥିଲେ, ସମସ୍ତେ ସବୁ କଥା କହିସାରିଲେଣି । ମୁଁ ତୁମକୁ କହିଦେଉଛି କି ଏ ସବୁ ଶଳା ଭାରି ବଦମାସ ଓ ସ୍ୱାର୍ଥୀ । ପ୍ରଥମତଃ ନିଜ ସ୍ୱାର୍ଥ ପାଇଁ ଛୋଟ ଛୋଟ ଛୁଆଙ୍କୁ ଫସଉଛନ୍ତି । ଯେତେବେଳେ ପଛରେ ଚାବୁକ ଚାରିଥର ବାଜିଯାଉଛି ତା'ପରେ ଛାପ ପକେଇକି ଚାଟୁଛନ୍ତି । ସମସ୍ତେ ଶଳା କ୍ଷମା ମାଗିସାରିଲେଣି । ମାଡ଼ ବାଜିଲେ ଭୂତ ଓହ୍ଲେଇକି ପଳେଇବ । ଆଉ ଏ ଟୋକାଙ୍କର କଣ ସାହସ ଅଛି ? ସହରର ଥାନାବାବୁ ବହୁତ କଡ଼ା । ପାଣି ପେଇ ପେଇ ମାରିବେ । କିନ୍ତୁ କିଛି କଥା ନାହିଁ ପୁଅ କୃଷ୍ଣ କୁମାର । ତୁମକୁ କେବଳ କହିବାକୁ ହେବ ଜରୀନା ଘରୁ ପଇସା ଚୋରି କଲାବେଳେ ତୁମ ସହ କିଏ କିଏ ଥିଲେ ? ବାକି ମୁଁ ସମ୍ଭାଳି ନେବି ଆଗକୁ ।"

ତା' କଥା ଶୁଣି ମୁଁ ଆତଙ୍କିତ ହେଲି । ତାର ଏତେ ମଧୁର କଥାବାର୍ତ୍ତା ଓ ବ୍ୟବହାର ସହ କ୍ରୁର ଦୃଷ୍ଟି ସହ ଦୁଷ୍ଟାମୀ ମୋତେ ଭୟଭୀତ କରୁଥିଲା । ମୋ ବାପାଙ୍କ ସହ ତାର ପରିଚିତ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି । କାରଣ କେବେ ବି ମୁଁ ତାକୁ ଆମ ଘରକୁ ଯିବା ଆସିବାକରିବା ଦେଖିନି । ଯେଉଁ ଚୋରୀ ବିଷୟରେ ସେ ପଚାରୁଥିଲା, ମୁଁ କଣ ବା ଜାଣିଥିଲି ?

"ମୁଁ ଟଙ୍କା ଚୋରି କରିନି । ମୋତେ ଏ ବିଷୟରେ କୌଣସି କଥା ଜଣାନାହିଁ ।" ମୁଁ ଉତ୍ତର ଦେଲି ।

"ପୁଅ କୃଷ୍ଣ କୁମାର, ଏବେ ତୁମେ ଭୁଲ କରୁଛ, ତା'ର ସ୍ୱର ସେମିତି ମିଠା ଥିଲା ।" ଯେ ପର୍ଯ୍ୟନ୍ତ ତ ତୁମେ କିଛି କହିବନି, ମୋ ହାତ ପାଦ ବନ୍ଧା ରହିବ, ମୁଁ କିଛି ବି କରିପାରିବିନି । ମୁଁ କଣ ତୁମ ଶତ୍ରୁ ? ଯଦି ତୁମ ମନ ଭିତରେ ଏମିତି କିଛି ଥାଏ , ତାକୁ ତୁରନ୍ତ ବାହାର କରିଦିଅ । ମୁଁ ତ ତୁମକୁ ବଂଚେଇବାକୁ ଆସିଥିଲି ।

(କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

## ଭାରତରେ ବିଭାଜନକାରୀ ଶକ୍ତିମାନେ ସଫଳ ହେବେନାହିଁ : ଡା. ମନମୋହନ ବୈଦ୍ୟ

ଲକ୍ଷ୍ନୌ, ୦୮/୧୦(ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ସରକାର୍ଯ୍ୟବାହ ଡା. ମନମୋହନ ବୈଦ୍ୟ ଶନିବାର ଦିନ କହିଛନ୍ତି ଯେ ଭାରତରେ ବିଭାଜନକାରୀ ଶକ୍ତିମାନେ ଯେଉଁ ସମାଜକୁ ବିଭାଜିତ କରିବାର କାମ କରୁଛନ୍ତି ସେଥିରେ ସେମାନେ ସଫଳ ହେବେନାହିଁ। ସେ କହିଛନ୍ତି ଯେ ସହିଷ୍ଣୁତା ଭାରତର ବିଶେଷତା ନୁହେଁ। ସମସ୍ତଙ୍କ ସହିତ ନେଇ ଚଳିବା ଭାରତର ବିଶେଷତା ଅଟେ। ସେ କାନପୁର ରୋଡ଼ ସ୍ଥିତ ସିଏମ୍ଏସ୍‌ର ସଭାଗାରରେ ଆରୋଗ୍ୟ ଭାରତୀର ଅଖିଳ ଭାରତୀୟ ପ୍ରତିନିଧି ମଣ୍ଡଳର ବୈଠକର ଉଦ୍‌ଘାଟନ ଅଧିବେଶନକୁ ସମ୍ବୋଧିତ କରୁଥିଲେ। ସହ ସରକାର୍ଯ୍ୟବାହ ଡା. ମନମୋନହ ବୈଦ୍ୟ କହିଛନ୍ତି ଯେ ବ୍ୟକ୍ତି ସମାଜ ଏବଂ ରାଷ୍ଟ୍ର ଆରୋଗ୍ୟ ହେଉ ଏଥିପାଇଁ ଆରୋଗ୍ୟ ଭାରତୀ କାମ କରୁଛି। ଆରୋଗରେ ଆରୋଗ୍ୟ ହୋଇଛି।

## ଭାରତୀୟ ବାୟୁସେନାରେ ସ୍ୱତନ୍ତ୍ର ଅସ୍ତ୍ରଶସ୍ତ୍ର ଶାଖା ପ୍ରତିଷ୍ଠାକୁ ଅନୁମୋଦନ

ନୂଆଦିଲ୍ଲୀ, ୦୮/୧୦: ଭାରତୀୟ ବାୟୁସେନା (ଆଇଏଏଫ୍) ପାଇଁ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ସରକାର ନୂତନ ଅସ୍ତ୍ରଶସ୍ତ୍ର ବ୍ୟବସ୍ଥା (ଡବ୍ଲ୍ୟୁଏସ୍) ଶାଖା ଗଠନକୁ ଅନୁମୋଦନ କରିଛନ୍ତି। ଡବ୍ଲ୍ୟୁଏସ୍ ଶାଖା ସୃଷ୍ଟି ହେବା ଦ୍ୱାରା ଭୂପୃଷ୍ଠ-ଆଧାରିତ ତଥା ବିଶେଷ ବାୟୁବାହୀ ଅସ୍ତ୍ର ପ୍ରଣାଳୀ କାର୍ଯ୍ୟକ୍ଷମ ପାଇଁ ଗୋଟିଏ ସଂସ୍ଥା ଅଧୀନରେ ସମସ୍ତ ଅସ୍ତ୍ର ପ୍ରଣାଳୀ ଅପରେଟରଙ୍କ ଏକୀକରଣ ହେବ। ଏହି ଶାଖା ଭୂପୃଷ୍ଠରୁ-ଭୂପୃଷ୍ଠ କ୍ଷେପଣାସ୍ତ୍ର, ଭୂପୃଷ୍ଠ ରୁ -ଆକାଶ କ୍ଷେପଣାସ୍ତ୍ର, ରିମୋଟ ପରିଚାଳିତ ବିମାନ ଏବଂ ଦୁଇ/ବହୁ ଚାଳକ ବିମାନରେ ଅସ୍ତ୍ରଶସ୍ତ୍ର ଚାଳନା କରୁଥିବା ଅପରେଟରମାନଙ୍କୁ ଅନ୍ତର୍ଭୁକ୍ତ କରିବ। ଭାରତୀୟ ବାୟୁସେନାର ଯୁଦ୍ଧ କ୍ଷମତା ବୃଦ୍ଧି କରିବାରେ ଏହା ସହାୟକ ହେବ।

## ଆଜି ଶ୍ରୀମନ୍ଦିରରେ ପ୍ରବଳ ଗହଳି, ବଡ଼ଦାଣ୍ଡରେ ରାସ୍ତା ଟ୍ରାଫିକ ଜାମ୍

ପୁରୀ, ୦୮/୧୦(ନି.ପ୍ର): ଦୁର୍ଗାପୂଜା ମହାଷ୍ଟମୀ ଠାରୁ ତୁହାକୁ ତୁହା ବର୍ଷା ହୋଇଥିବାରୁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ତଥା ଦେବୀ ଦର୍ଶନ କରିବାରେ ବାଧା ସୃଷ୍ଟି ହୋଇଥିଲା। ଆଜି ପାଗ ଭଲ ଥିବାରୁ ବଡ଼ଦାଣ୍ଡକୁ ଶହ ଶହ ଚାରିଚକିଆ ଗାଡ଼ି ଓ ବାଇକ ପ୍ରବେଶ କରିବା ଫଳରେ ମେଡ଼ିକାଲ ଛକ ଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ଶହ ଶହ ଅଟୋ ମାର୍କେଟ ଛକରେ ରହୁଥିବାରୁ ତାହା ମାର୍କେଟ ଛକ ନହୋଇ ଅଟୋ ଷ୍ଟାଣ୍ଡ ଛକ କରିବା ପାଇଁ ସାଧାରଣରେ ଚର୍ଚ୍ଚା ହେଉଛି। ଅଟୋ ଗୁଡ଼ିକ ମାର୍କେଟଛକ ବଡ଼ଦାଣ୍ଡ ଉପରେ ମୋଡ଼ ପରିବର୍ତନ କରୁଥିବାରୁ ବାଇକ ଓ ପଦଯାତ୍ରୀମାନେ ମନ୍ଦିର ଆଡ଼କୁ ଯିବାରେ ବାଧା ସୃଷ୍ଟି ହେଉଥିବା ପରିଲକ୍ଷିତ ହୋଇଛି। ମାର୍କେଟ ଛକରେ ଟ୍ରାଫିକ ପୋଲିସ ଥିଲେ ମଧ୍ୟ ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହେଉଥିବା ଦେଖିବାକୁ ମିଳୁଛି। ବଡ଼ଦାଣ୍ଡ ଜାତୀୟ ରାଜପଥ ବାଟରେ ହାଟ ବଦୁଥିବାରୁ ସଙ୍କୁଚିତ ହେବାରେ ଲାଗିଛି।

# ଦିନ ଦ୍ୱିପ୍ରହରରେ କଳାକନା ବୁଲାଇଲେ : ଲାପଟପ୍ ସହିତ ଗହଣା ଓ ଆଇଫୋନ୍ ଚୋରି

ଜଳେଶ୍ୱର, ୦୮/୧୦(ନି.ପ୍ର): ଜଳେଶ୍ୱର ଥାନା ଅଧିନ ଶାଳିକୋଠା ଗ୍ରାମର ଲୋକନାଥ ପାଣିଗ୍ରାହୀଙ୍କ ଘରୁ ଆଜି ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଘରେ କେହି ନ ଥିବା ବେଳେ ଲାପଟକ, ଆଇଫୋନ ସହିତ ସୁନା, ରୂପାର ଗହଣା ଓ ନଗଦ ଟଙ୍କା ଚୋରି ହୋଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ, ଜଳେଶ୍ୱର-ପଶ୍ଚିମବାର୍ଡ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଶାଳିକୋଠା ଗ୍ରାମର ଶ୍ରୀ ପାଣିଗ୍ରାହୀଙ୍କ ତିନି ମହଲା କୋଠା ଘରୁ ଆଜି ଦିନ ଦ୍ୱି ପ୍ରହରରେ କେତେକ ଦୁର୍ବୃତ୍ତ ତାଲାଭାଂଗି ଦାମି ଜିନିଷପତ୍ର ସହିତ ନଗଦ ଟଙ୍କା ଲୁଟି ନେଇଥିବା ଜଣାଯାଇଛି। ସକାଳ ୯ଟାରେ ପରିବାର ଲୋକେ ନିଜଗ୍ରାମ ବାଇଗଣବାଡିଆକୁ ଯାଇଥିବା ବେଳେ ଅପରାହ୍ନ୨ଟାରେ ଫେରି ଗେଟ୍ ତାଲା ଭଂଗାଯାଇଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ଘର ମଧ୍ୟରେ ଥିବା ଆଲମାରୀ ଭାଂଗି ୨ଟି ଲାପ୍‌ଟପ୍, ୨ଟି ସୁନାଚେନ୍, କାନଫୁଲ ଓ ଆଇଫୋନ୍ ମୋବାଇଲ ଏବଂ ନଗଦ ୩୦ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଶ୍ରୀ ପାଣିଗ୍ରାହୀ ଘରୋଇ ଚିକିତ୍ସା କରୁଥିବା ବେଳେ ତାଙ୍କ ସ୍ତ୍ରୀ ହାଇସ୍କୁଲ ଶିକ୍ଷୟତ୍ରୀଭାବେ କାର୍ଯ୍ୟ କରି ଆସୁଛନ୍ତି। ଖବର ପାଇ ଜିଲା ଉପାଧ୍ୟକ୍ଷା ପ୍ରତିନିଧି ଲେଲିନ୍ ପ୍ରଧାନ, ସରପଂଚ ପ୍ରତିନିଧି ମନୋଜ ଭୂୟାଁ, ଅନୁପ ପଣ୍ଡା, ସୁଧିର ମହାପାତ୍ର, ମହେଶ୍ୱର ପ୍ରଧାନ, ମଣିଭଦ୍ର ଜେନା, ମିହିର ପ୍ରଧାନ ପ୍ରମୁଖ ପହଞ୍ଚି ବିଭିନ୍ନ ଦିଗରୁ ଆଲୋଚନା ଚଳାଇଥିବା ଜଣାଯାଇଛି। ତେବେ ଦିନ ଦ୍ୱିପ୍ରହରରେ ମୁଖ୍ୟରାସ୍ତା କଡରେ ଦୁର୍ବୃତ୍ତମାନେ ଏପରି କାଣ୍ଡ ଭିଆଇଥିବାରୁ ଜଳେଶ୍ୱର ପୋଲିସ୍‌କୁ ଏହା ଚ୍ୟାଲେଞ୍ଜ କରୁଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।

## ଗହଣା ବ୍ୟବସାୟୀଙ୍କ ଘରୁ କଳାକନା ବୁଲାଇଲେ ଚୋର

ଲଙ୍ଗଳେଶ୍ୱର, ୦୮/୧୦ (ନି.ପ୍ର): ଏଠାରୁ ଏକ କି:ମି: ଦୂର, ବାଲିଆପାଳ ଥାନା ଅନ୍ତର୍ଗତ ବାଲିକୁଟି ଗ୍ରାମରେ ଗତକାଲି ରାତିରେ ହୋଇଛି ଗେଙ୍ଗ ଡକାୟତି। ଘର ଭାଙ୍ଗି ପଶିଗଲେ ଆଉ ଲୁଟିନେଲେ ଦଶ ଲକ୍ଷ ଟଙ୍କା ମୂଲ୍ୟର ସୁନା ଗହଣା ଆଉ ଟଙ୍କା। ଘଟଣା ରୁ ପ୍ରକାଶ ରବିବାର ଦିନ ବିଳମ୍ବିତ ରାତ୍ରି ପ୍ରାୟ ଦୁଇଟା ସମୟରେ ବାଲିକୁଟି ଗ୍ରାମର ସୁଧାଂଶୁ ପାତ୍ର ଏବଂ ତାଙ୍କ ପରିବାର ସୋଇଥିବା ସମୟରେ ପଛପଟ ଛିଟା ବେଢ଼ା କାନ୍ଥ ଭାଙ୍ଗି ଆଠ ଦଶ ଜଣ ଡକାୟତ ଘରେ ପଶିଥିଲେ।ସୁଧାଂଶୁ ତାଙ୍କ ସ୍ତ୍ରୀ ସୁଶାନ୍ତି ଓ ଝିଅ ଶୁଭ ଲକ୍ଷ୍ମୀ ଙ୍କୁ କାବୁ କରି ନେଇଥିଲେ।ବନ୍ଧୁକ, ଭୁଜାଲି ଦେଖାଇ ପିନ୍ଧିଥିବା ଗହଣା ସମେତ ସିନ୍ଦୁକରେ ଥିବା ଦୁଇଶହ ଗ୍ରାମରୁ ଉର୍ଦ୍ଧ୍ୱ ଗହଣା ଯାହାର ମୂଲ୍ୟ ଦଶ ଲକ୍ଷ ଟଙ୍କା ହେବ ଲୁଟିନେବା ସହିତ ନଗଦ ଚାରି ହଜାର ଟଙ୍କା ଚୋରି କରି ପଳାଇଥିଲେ। ମୋବାଇଲ ନେଇ ଗେଟ ପାଖରେ ପକାଇ ଦେଇ ଯାଇଥିଲେ। ସୁଧାଂଶୁ ସଙ୍ଗେ ସଙ୍ଗେ କିଛି ଲୋକଙ୍କୁ ଫୋନ କରିବାରୁ ଗ୍ରାମର ଲୋକ ଆତ୍ମୀୟ ବନ୍ଧୁ ମାନେ ଆସି ପହଁଚିଯାଇଥିଲେ।ବାଲିଆପାଳ ଥାନାରେ ଖବର କରିବା ପରେ ଆଇ ଆଇ ସି ସୁବ୍ରତ ବେହେରା, ଏସ ଆଇ ସାରଦା ପ୍ରସନ୍ନ ମୁଦୁଲି ସମେତ କିଛି ପୋଲିସ ଘଟଣାସ୍ଥଳରେ ପହଁଚି ତଦନ୍ତ ଚଳାଇଛନ୍ତି। ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ ମଧ୍ୟ ତଦନ୍ତ କରୁଛନ୍ତି।ତେବେ ପଶ୍ଚିମବଙ୍ଗ ନମ୍ବର ପ୍ଲେଟ ଲାଗିଥିବାର ଗାଡ଼ିରେ କିଛି ଲୋକ ଯିବାର ଲୋକେ ଦେଖିଛନ୍ତି ବୋଲି କହିଛନ୍ତି। ଏହି ଡକାୟତି ଗେଙ୍ଗ କୁ ତୁରନ୍ତ ଧରିବାକୁ ସାଧାରଣରେ ଦାବି ହୋଇଛି।

## ବ୍ରାହ୍ମଣୀ ନଦୀରେ ବୁଡି ଯୁବକ ମୃତ

ଧର୍ମଶାଳା, ୦୮/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ମହେଶ୍ୱରପୁର ପଂଚାୟତ ଚାନ୍ଦପୁରସ୍ଥ ବଜାରହାଟ ବ୍ରାହ୍ମଣୀ ନଦୀରେ ଅଘଟଣ। ନଦରେ ବୁଡି ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଚାନ୍ଦୁର ଗ୍ରାମର ସେକ୍ ଉମରଙ୍କ ଭଣଜା ସେକ୍ ଆଲାରାଖା(୩୪) ବୋଲି ଜଣାପଡିଛି। ସେ ଆଜି ଦିନ ୧୨ଟା ସମୟରେ ଘର ଆସିଥିଲେ। ତେବେ ସେ ବଜାରହାଟସ୍ଥିତ ବ୍ରାହ୍ମଣୀ ନଦୀକୁ ନିତ୍ୟକ୍ରମ ସାରିବାକୁ ଯାଇଥିବା ବେଳେ ବ୍ରାହ୍ମଣୀ ନଦୀ ସେତୁର ଖୁଂଟ ପାଖକୁ ଯାଇଥିବା ବେଳେ ସେଠାରେ ଖାଲରେ ପଡି ଯାଇଥିବା ଅନୁମାନ କରାଯାଉଛି। ତେବେ ସନ୍ଧ୍ୟାରେ ସ୍ଥାନୀୟ ଲୋକେ ନିତ୍ୟକ୍ରମ ସାରିବାକୁ ଯାଇଥିବାବେଳେ ଏହି ଖାଲରେ ଏକ ମୃତ ଦେହ ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ସ୍ଥାନୀୟ ଲୋକେ ପାଣି ଭିତରୁ ତାଙ୍କୁ ଉଦ୍ଧାର କରି ତୁରନ୍ତ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି। ମୃତ ଆଲରାଖାଙ୍କ ପରିବାର ଦରିଦ୍ର ସୀମାରେଖା ତଳେ ବସବାସ କରୁଥିବାରୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଅଂଚଳବାସୀ ଦାବି କରିଛନ୍ତି।

## ଆଡଭୋକେଟ ତଥା କବି ଶ୍ରୀଯୁକ୍ତ ରାଖାଲ ଚନ୍ଦ୍ର ସ୍ୱାଇଁଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ



ଭଦ୍ରକ, ୦୮/୧୦(ନି.ପ୍ର): ଭଦ୍ରକ ଜିଲ୍ଲା ଜଜକୋର୍ଟ ପରିସରରେ କାର୍ଯ୍ୟରତ ନୋଟାରୀ, ଆଡଭୋକେଟ ତଥା କବି ଶ୍ରୀଯୁକ୍ତ ରାଖାଲ ଚନ୍ଦ୍ର ସ୍ୱାଇଁଙ୍କୁ, ମାଟିଲଗ୍ନା ସାହିତ୍ୟ ସଂସଦ ମାଲକାନଗିରି ପକ୍ଷରୁ, ରାହାସ ବିହାରୀ ହାଇସ୍କୁଲ ଗୁଆଗଡିଆ ଠାରେ ଅନୁଷ୍ଠିତ ହୋଇଯାଇଥିବା, ରାଜ୍ୟ ସ୍ତରୀୟ ଶାରଦୀୟ ସାହିତ୍ୟ ମହୋତ୍ସବରେ, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। କବି ଶ୍ରୀ ଯୁକ୍ତ ସ୍ୱାଇଁଙ୍କର କାବ୍ୟକୃତି ପାଇଁ ସଂସଦ ପକ୍ଷରୁ ସମ୍ମାନିତ କରାଯାଇଛି। ଉତ୍ସବରେ ସଭାପତିତ୍ୱ କରିଥିଲେ ମାଟିଲଗ୍ନାର ସଭାପତି,ତଥା, ଓଡ଼ିଆ ସାହିତ୍ୟ ଏକାଡେମୀ ର ସଦସ୍ୟ ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ପ୍ରଧାନ।ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ, ସାହିତ୍ୟ ଏକାଡେମୀ ର ଅନ୍ୟତମ ସଦସ୍ୟ ଶ୍ରୀଯୁକ୍ତ ପବିତ୍ର ପାଣିଗ୍ରାହୀ। ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ବାଇଚଢେଇର ସମ୍ପାଦକ ଶ୍ରୀଯୁକ୍ତ ବିକାଶ କୁମାର ଶତପଥି।

# ରାଜ୍ୟରେ ନୂଆ ୮୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୮/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୪୭୮୭ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୮୨ ଆକ୍ରାନ୍ତଙ୍କ ମଧ୍ୟରୁ ୪୮ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୩୪ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି। ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ନୂଆ ୧୭୬ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୪୯୧୨ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୨୩ ରହିଛି। ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୮୨ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୧, ବରଗଡ଼ ଜିଲ୍ଲାରେ ୩, ଭଦ୍ରକ ଜିଲ୍ଲାରେ ୧, କଟକ ଜିଲ୍ଲାରେ ୧୦, ଦେବଗଡ଼ ଜିଲ୍ଲାରେ୨, ଢେଙ୍କାନାଳ ଜିଲ୍ଲାରେ ୧, ଗଞ୍ଜାମ ଜିଲ୍ଲାରେ ୩, ଯାଜପୁର ଜିଲ୍ଲାରେ ୩, କଳାହାଣ୍ଡି ଜିଲ୍ଲାରେ ୨, କେନ୍ଦୁଝର ଜିଲ୍ଲାରେ ୩ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ୧, ନବରଙ୍ଗପୁର ଜିଲ୍ଲାରେ ୧, ନୟାଗଡ଼ ଜିଲ୍ଲାରେ ୨, ନୂଆପଡା ଜିଲ୍ଲାରେ ୩, ପୁରୀ ଜିଲ୍ଲାରେ ୧୧, ରାୟଗଡ଼ା ଜିଲ୍ଲାରେ ୨, ସମ୍ବଲପୁର ଜିଲ୍ଲାରେ ୩, ସୁନ୍ଦରଗଡ଼ ଜିଲ୍ଲାରେ ୧୪ ଓ ଷ୍ଟେଟ ପୁଲରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ସମାଜସେବୀ ଅବନୀ କୁମାର ଜେନା ପାଇଲେ ବିଜୁ ପଟ୍ଟନାୟକ ସମ୍ମାନ




ବାଲେଶ୍ୱର, ୦୮/୧୦(ନି.ପ୍ର): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ୬୮ତମ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳନ ଅବସରରେ କୁଲଡିହା ବନାଞ୍ଚଳ ରେଞ୍ଜ୍ ଅନ୍ତର୍ଗତ ରିସିଆ ପ୍ରାକୃତିକ ନିବାସ ପରିସରରେ ପରିବେଶ କର୍ମୀ ଶ୍ରୀ ଅବନୀ କୁମାର ଜେନାଙ୍କୁ ବିଜୁ ପଟ୍ଟନାୟକ ସମ୍ମାନ ପ୍ରଦାନ କରାଯାଇଅଛି। ଉତ୍ସବ ପ୍ରାରମ୍ଭରେ ବାଲେଶ୍ୱର ବନ୍ୟପ୍ରାଣୀ କାର୍ଯ୍ୟାଳୟ ଅଧିକାରୀ ଶ୍ରୀ ଦେବାଶିଷ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଉପବନ ସଂରକ୍ଷକ ବାଲେଶ୍ୱର ଶ୍ରୀ ଦିଗନ୍ତ ଶୋଭନ ଚାନ୍ଦ ଅଧକ୍ଷତା କରିବା ସହ ବନ୍ୟପ୍ରାଣୀ ସୁରକ୍ଷା ଓ ଖାଦ୍ୟଶୃଙ୍ଖଳ ଉପରେ ମତ ରଖିଥିଲେ। ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ନୀଳଗିରି ଶ୍ରୀ ଦୀପ୍ତିରଞ୍ଜନ ସେଠୀ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର ବୋଲି ବକ୍ତବ୍ୟ ରଖିଥିଲେ। ବକ୍ତାଭାବେ କୁଲଡିହା ବନ୍ୟପ୍ରାଣୀ ରେଞ୍ଜ୍ ଅଫିସର ଶ୍ରୀ ଅନନ୍ତ କୁମାର ଜେନା ବନ୍ୟଜନ୍ତୁ ସୁରକ୍ଷା ସଂପର୍କରେ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୁଖିଲାପାଟ ବନ ସୁରକ୍ଷା ସମିତି, ସବୁଜ ବାହିନୀ ସମେତ ପରମାନନ୍ଦ ନାୟକ, ଉମାକାନ୍ତ ଜେନା, ହିମାଂଶୁ ଶେଖର ପାଢ଼ୀ, ମନୋଜ ମହାଳିକ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ବିଶେଷ ସହଯୋଗ କରିଥିଲେ। ବିଜୁ ପଟ୍ଟନାୟକ ସମ୍ମାନରେ ସମ୍ମାନୀତ ଅବନୀ କୁମାର ଜେନା ସାମାଜିକ-ସଂସ୍କୃତିସମ୍ପନ୍ନ ପୁରାତନ ଅନୁଷ୍ଠାନ 'ଚନ୍ଦ୍ରଭାଗା'ର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ। ତାଙ୍କୁ 'ଚନ୍ଦ୍ରଭାଗା' ସମେତ ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ ଅନୁଷ୍ଠାନ ତରଫରୁ ଶୁଭେଚ୍ଛା ଜଣାଯାଇଛି। ଶ୍ରୀ ଜେନା ବିଗତ ୨୦ବର୍ଷ ଧରି ବୃକ୍ଷରୋପଣ, ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ସଂପର୍କୀୟ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି। ଆଗାମୀ ଦିନରେ ସାମାଜିକ ଉନ୍ନତିମୂଳକ ବିଭିନ୍ନ କାର୍ଯ୍ୟକୁ ସେ ଆହୁରି ବ୍ୟାପକ ଭାବରେ କରିବେ ବୋଲି ସବୁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କ ତରଫରୁ କାମନା କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୯ ବର୍ଷର ପୁତୁରାକୁ ଚେଙ୍କ....

ତଥା କଟକ ସିଡିଏ ସେକ୍ଟର ୬ରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ନାତି ଜନ୍ମ ହେବା ପରେ ଝିଅ ପୁଣି ଗର୍ଭବତୀ ହୋଇଥିଲା। ୮ ମାସ ଗର୍ଭବତୀ ଥିବା ବେଳେ ୨୦୧୮ରେ ଝିଅର ଅକସ୍ମାତ୍ ମୃତ୍ୟୁ ହୋଇଥିଲା। ପରେ ଜ୍ୱାଇଁ ଦ୍ୱିତୀୟ ବିବାହ କରିଥିଲେ। ହେଲେ ଦୁହିଁଙ୍କ ଭିତରେ ମନମାଳିନ୍ୟ ଘଟିବା ସହ ମାମଲା କୋର୍ଟକୁ ଯାଇଥିଲା ଓ ବିବାହ ବିଚ୍ଛେଦ ହୋଇଥିଲା। ଏହି ସମୟରେ ନାତିର ସୁରକ୍ଷା ଯତ୍ନ ଭାର ନେଇଥିଲେ ଅଜା ଓ ଆଈ। ନାତି ୨ୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ହଠାତ୍ ନାତିର ସୁରକ୍ଷା ଓ ଯତ୍ନ ଦାୟିତ୍ୱ କଟକରେ ରହୁଥିବା ଜେଜେ ଓ ଜେଜେ ମା' ନେବେ ବୋଲି ଯାଇ କହିଥିଲେ ଓ ଶିଶୁ ନେଇ ଚାଲି ଆସିଥିଲେ। ସେଠାରେ ସେ ଦାଦା, ଖୁଡ଼ିଙ୍କ ପାଖରେ ରହି ୩ୟ ଶ୍ରେଣୀରେ ପଢୁଥିଲା। ଦଶହରା ଦିନ ହଠାତ୍ କଟକରେ ଯାଇ ଅଜା ଓ ଆଈ ନାତିକୁ ଘରକୁ ବୁଲାଇବାକୁ କହିଥିଲେ। ହେଲେ ପ୍ରଥମେ ଅରାଜି ହୋଇଥିଲେ ହେଁ ପରେ ଜେଜେ ମା' ଓ ଖୁଡ଼ି ନାତିକୁ ଛାଡ଼ିଥିଲେ। ଆଈ ଘରେ ପହଂଚିବା ପରେ ତାକୁ ଦାଦା, ଖୁଡ଼ି ନିର୍ଯାତନା ଦେବାର ଲୋମ ଟାଙ୍କୁରା କଥା କହିଥିଲା ନାତି। ତାଙ୍କୁ ପିଠା ପାତିଆରେ ଶରୀର ବିଭିନ୍ନ ସ୍ଥାନରେ ଚେଙ୍କ ଦିଆଯାଉଥିବା, ତଂଟିକୁ ଚିପି ଖଣ୍ଡିଆ କରି ଦିଆଯାଇଥିବା, ପେଟକୁ ଜୋତାରେ ମାରିବା, କଥା ନ ମାନିଲେ ରାତିରେ ଘରୁ ବାହାର କରିଦେଇ ଚୌକିଆ ବସାଇବା, ହସଖୁସି କଲେ ଦାଦା ବେଲ୍ଟରେ ମାଡ଼ ମାରୁଥିବା ନେଇ ଆଈ ଆଗରେ ନାତି କହିଥିଲା। ଏକଥା କାହାକୁ ନ କହିବାକୁ ଓ କହିଲେ ଜୀବନରୁ ମାରି ଦିଆଯିବ ଧମକ ଦିଆଯାଇଥିବା ମଧ୍ୟ ଶିଶୁଟି କହିଛନ୍ତି। ଶିଶୁଟି ମଧ୍ୟ ପୁଲିସ ଆଗରେ ଏଭଳି ନିର୍ଯାତନାର ଲୋମଟାଙ୍କୁରା କଥା ବଖାଣିଛି। ଲିକୁ ଦାଦା ଓ ପାୟଲ ଖୁଡ଼ି ତାଙ୍କୁ ମାସେ ହେବ ଏଭଳି ଅକଥନୀୟ ନିର୍ଯାତନା ଦେଇଥିବା ଏବଂ ମାଡ଼ ମରାଯାଉଥିବାର ଦାଗ ଦେଖାଇଥିଲା। ଶିଶୁଟିର ତଂଟି, ହାତ, ଗୋଡ଼, ପିଠି ପ୍ରଭୃତି ସ୍ଥାନରେ ଚେଙ୍କ ଓ ମାଡ଼ ମରାଯାଉଥିବା ଦାଗ ଦେଖିବାକୁ ମିଳିଛି। ଅଭିଯୋଗକୁ ଭିତି କରି ମର୍କତନଗର ପୁଲିସ ଆଇପିସିର ଦଫା ୫୦୬, ୩୨୩, ୩୨୪, ୩୪୧ ଓ ୨୩ ଜୁଭେନାଲ ଆକ୍ଟରେ ଅଭିଯୁକ୍ତ ବିରୋଧରେ ମାମଲା କରିଛି। ନାବାଳକର କାଉନସିଲିଂ ସହ ସୁରକ୍ଷା ଓ ଯତ୍ନ ନିମନ୍ତେ ତାକୁ ସିଡବ୍ଲୁସିରେ ହାଜର କରାଯିବ।

## ଗୁଜରାଟ ଉପକୂଳରେ ....

ମଧ୍ୟ ଡଙ୍ଗାର କ୍ରୁ ସଦସ୍ୟମାନେ କିଛି ଶୁଣି ନଥିଲେ। ଦୀର୍ଘ ସମୟର ଛକାପଞ୍ଝା ପରେ ତଟରକ୍ଷୀ ବାହିନୀ ଉକ୍ତ ପାକିସ୍ତାନୀ ବୋଟକୁ ଅଟକାଇବାରେ ସକ୍ଷମ ହୋଇଥିଲା। ଡଙ୍ଗାକୁ ଅଟକାଇବା ପରେ ଅଧିକାରୀମାନେ ଯାଞ୍ଚ କରିଥିଲେ। ଏହି ସମୟରେ ଡଙ୍ଗା ଭିତରୁ ୫୦ କେଜି ହେରୋଇନ ଜବତ କରାଯାଇଥିଲେ। ଏହି ଜବତ ହେରୋଇନ ଗୁଜରାଟ ଉପକୂଳରେ ପହଞ୍ଚିବା ପରେ ଦେଶର ବିଭିନ୍ନ ରାଜ୍ୟକୁ ଯାଇଥାଆନ୍ତା ବୋଲି କୁହାଯାଉଛି। ଗତ ଗୋଟିଏ ବର୍ଷ ମଧ୍ୟରେ ୬ଷ୍ଠଥର ପାଇଁ ଗୁଜରାଟ ଉପକୂଳରୁ ଏପରି ହେରୋଇନ ଜବତ ହୋଇଛି। ସେହିପରି ମାସକ ଭିତରେ ଏହା ଦ୍ୱିତୀୟ ଘଟଣା। ସେପ୍ଟେମ୍ବର ୧୪ରେ ଗୁଜରାଟ ଉପକୂଳରେ ବୁଲୁଥିବା ଗୋଟିଏ ପାକିସ୍ତନୀ ବୋଟରୁ ୪୦ କେଜି ଓଜନର ଡ୍ରଗ୍ସ ଜବତ ହୋଇଥିଲା। ସୂଚନାଯୋଗ୍ୟ, ଶୁକ୍ରବାର କେରଳର କୋଚି ଉପକୂଳରୁ ଗୋଟିଏ ବୋଟରେ ୨୦୦ କେଜି ହେରୋଇନ୍ ଚାଲାଣ ହେଉଥିବା ବେଳେ ମଧ୍ୟ ଜବତ ହୋଇଥିଲା। ଆଫଗାନିସ୍ତାନରୁ ଆସିଥିବା ଏହି ନିଶାଦ୍ରବ୍ୟ ପାକିସ୍ତାନ, ଭାରତ ଓ ଶ୍ରୀଲଙ୍କାରେ ବିକ୍ରି ହେବା ପାଇଁ ଯୋଜନା ହୋଇଥିଲା। ଜବତ ହୋଇଥିବା ହେରୋଇନର ଦାମ ୧୨,୦୦ କୋଟି ଟଙ୍କା ହେବ। ଏକ ଇରାନୀୟ ବୋଟରେ ଏହି ହେରୋଇନ୍ ଚାଲାଣ ହେଉଥିବା ବେଳେ ଭାରତୀୟ ନୌସେନା ଓ ଏନସିବି ହାତରେ ଧରାପଡ଼ିଥିଲା।

## ଶିବସେନାର ଦଳୀୟ ଚିହ୍ନର....

ଏହା ପୂର୍ବରୁ ଇସିଙ୍କ ଏପରି ପଦକ୍ଷେପ ଉଦ୍ଧବ ଗୋଷ୍ଠୀଙ୍କୁ ଶକ୍ତ ଝଟକା ସଦୃଶ ହୋଇଛି। କାରଣ ଏଯାଏ ଉଦ୍ଧବ ଠାକରେଙ୍କ ଗୋଷ୍ଠୀ ଶିବସେନାର ଦଳୀୟ ଚିହ୍ନ ବ୍ୟବହାର କରି ଆସୁଥିଲା। ଏକନାଥ ସିନ୍ଦେ ବିଜେପି ସହ ମିଶିବା ପରେ ଦଳୀୟ ଚିହ୍ନ ହାସଲ କରିବାକୁ ଇସିଙ୍କ ନିକଟରେ ଆବେଦନ କରିଥିଲେ। ଏହା ବିରୋଧରେ ଉଦ୍ଧବ ଠାକରେଙ୍କ ଗୋଷ୍ଠୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସୁପ୍ରିମକୋର୍ଟ ଚୂଡ଼ାନ୍ତ ନିଷ୍ପତ୍ତି ଇସିଙ୍କୁ ନେବାକୁ କହିଥିଲେ। ଇସି ଏହି ବିବାଦର ବିଚାର କରୁଥିବା ବେଳେ ଉଦ୍ଧବ ଠାକେରଙ୍କ ଗୋଷ୍ଠୀଙ୍କୁ ଜବାବ ଦାଖଲ କରିବାକୁ କହିଥିଲା। ଉଦ୍ଧବ ଠାକରେ ଜବାବ ଦେବା ପରେ ଆଜି ଇସି ଦଳୀୟ ଚିହ୍ନକୁ ଫ୍ରିଜ୍ ବା ଦଳୀୟ ଚିହ୍ନର ବ୍ୟବହାର ଉପରେ ରୋକ ଲାଗି ଦେଇଛନ୍ତି। ଏଥିସହ ଉଭୟ ପକ୍ଷଙ୍କୁ ଅକ୍ଟୋବର ୧୧ ତାରିଖ ଦିନ ୧ଟା ସୁଦ୍ଧା ଦଳୀୟ ଚିହ୍ନଙ୍କୁ ଇସିଙ୍କ ନିକଟରେ ଦାଖଲ କରିବାକୁ କହିଛନ୍ତି।

## ଜାତିପ୍ରଥାକୁ ନେଇ ବଡ ବୟାନ....

ଯେଉଁମାନେ ସଂରକ୍ଷଣକୁ ସମର୍ଥନ କରୁଛନ୍ତି ସେମାନେ ସଂରକ୍ଷଣ ବିରୋଧୀଙ୍କୁ ଦୃଷ୍ଟି ରଖି ମଧ୍ୟ ଆଲୋଚନା କରିବା ଆବଶ୍ୟକ। କିଛି ଦିନ ହେବ ଆରଏସଏସ ମୁଖ୍ୟ ନିଜର ଅନେକ ବୟାନ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ଭାଗବତ ଦେଶରେ ବୃଦ୍ଧି ପାଉଥିବା ବେକାରୀ ସମସ୍ୟାକୁ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ମହିଳାଙ୍କ ଉନ୍ନତି, ସଂଖ୍ୟାଲଘୁ ସୁରକ୍ଷା, ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ଏଭଳି ପ୍ରସଙ୍ଗ ଉପରେ ନିଜର ମତାମତ ରଖି କେତେବେଳେ ବିବାଦ ଓ କେବେ ଚର୍ଚ୍ଚାକୁ ଆସିଛନ୍ତି ମୋହନ ଭାଗବତ।

## ବ୍ରିଜରେ ଭୟଙ୍କର ବିସ୍ଫୋରଣ....

ଯୁଦ୍ଧ ଆହୁରି ତୀବ୍ର ହେବ ବୋଲି ସେ ଧମକ ଦେଇଛନ୍ତି। ୟୁକ୍ରେନର ଜଣେ ସୁରକ୍ଷା ଅଧିକାରୀ ନିଆଁ ଜଳୁଥିବାର ଭିଡିଓ ପୋଷ୍ଟ କରି ପୁଟିନଙ୍କୁ ଜନ୍ମଦିନର ସୁଭେଚ୍ଛା ଜଣାଇଛନ୍ତି। ଘଟଣା ପରେ ଋଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆଶଙ୍କା ବଢିଯାଇଛି। ଋଷ ରାଷ୍ଟ୍ରପତି ପୁଟିନ ବି ୟୁକ୍ରେନକୁ ଚେତାବନୀ ଦେଇଛନ୍ତି।

# ଆହୁରି ୨ ଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୦୮/୧୦(ନି.ପ୍ର): ଦକ୍ଷିଣ ବଙ୍ଗୋପସାଗର ଅଂଚଳରେ ବାୟୁମଣ୍ଡଳର ୧.୫ ରୁ ୫.୮ କିମି ମଧ୍ୟରେ ଏକ ଘୁର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି, ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ମାଲକାନଗିରି, କୋରାପୁଟ, କନ୍ଧମାଳ ଓ ରାୟଗଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି, ଘଡଘଡି ସହ ବର୍ଷା ହୋଇପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୯ରୁ ୧୦ ତାରିଖ ମଧ୍ୟରେ ଗଂଜାମ, ଗଜପତି ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା,ନୟାଗଡ, ଗଂଜାମ, ଗଜପତି, ମୟୁରଭଂଜ,କେନ୍ଦୁଝର, ଢେଙ୍କାନାଳ, କନ୍ଧମାଳ, ରାୟଗଡା, ଅନୁଗୁଳ, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି, ଘଡଘଡି ସହ ବର୍ଷା ହୋଇପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଭଦ୍ରକ ପୌରାଂଚଳରେ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ସାମ୍ବିଦକ ସମ୍ମିଳନୀ

ଭଦ୍ରକ, ୮ ଅକ୍ଟୋବର (ହି.ସ.) - ଭଦ୍ରକ ଖାଲୁଆ ଅଂଚଳର ଅଧିବାସୀମାନଙ୍କ ଦ୍ୱାରା ଆଜି କଂଟାବଣିଆରେ ଏକ ସଭା ଗୃହରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ତାଜ ମହମ୍ମଦ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭବାନୀ ଶଙ୍କର ମହାନ୍ତି, ସେଖ ଜହର ମହମ୍ମଦ, ବାମଦେବ ଜେନା, ସୁବଳ ବାରିକ, କୁଶ ଯେନା, ଏସକେ ସାହୁ, ମୀର କାଜଲ, ଝରୁ ଚନ୍ଦ୍ର ମହାନ୍ତି, ହରିହର ସାହୁ, ହରି ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ। ଭଦ୍ରକ ପୌରାଂଚଳରେ ଡ୍ରେନ ସମସ୍ୟାକୁ ନେଇ ଏହି ସଂଗଠନ ଦ୍ୱାରା ସାମ୍ବାଦିକ ସମ୍ମିଳନୀ କରାଯାଇଛି। ସମସ୍ୟା ଗୁଡିକ ହେଲା ଭଦ୍ରକ ପୌରାଂଚଳରେ ଡ୍ରେନେଜ ବିଭାଗ ଥିବା ସମୟରେ ଯେଉଁ ସବୁ କାର୍ଯ୍ୟ କରାଯାଉଥିଲା ତାହା ବର୍ତମାନ ମ୍ୟୁନସିପାଲିଟି ଦ୍ୱାରା କାର୍ଯ୍ୟାକାରୀ ହେଉନାହିଁ, ମ୍ୟୁନସିପାଲିଟି ଦ୍ୱାରା ଡ୍ରେନେଜ ଗୁଡିକ କ୍ଷତିଗ୍ରସ୍ତ ହେଉଛି, ପ୍ରତ୍ୟେକ ଦିନ ଅଳିଆ ଆର୍ବଜନା ଅଣାଯାଇ ବିଭିନ୍ନ ସ୍ଥାନରେ ପକାଯାଇ ଡ୍ରେନେଜକୁ ଅବରୋଦ୍ଧ କରାଯାଉଛି, ବିଟ୍ରିଶ ଦ୍ୱାରା ନିର୍ମାଣ କରାଯାଇଥିବା ଡ୍ରେନଗୁଡିକ ପ୍ରଭାବାଶଳୀ ବ୍ୟକ୍ତିମାନେ ନିଜ ନିଜ ନାମରେ ଅକ୍ତିଆର କରିରଖିଛନ୍ତି, ପୌରାଂଚଳରେ ଜବରଦଖଲ ହୋଇଥିବା ଡ୍ରେନଜଗୁଡିକର ଉଚ୍ଛେଦ ପାଇଁ ମାନ୍ୟବର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା, ଏହି ମାମଲାକୁ ମାନ୍ୟବର ହାଇକୋର୍ଟରେ ବିଚାର ହୋଇ ଡିସେମ୍ବର ୨୦୧୦ ମସିହାରେ ଉଚ୍ଛେଦ ଆଦେଶ ହୋଇଥିଲେ ମଧ୍ୟ ତାହା ବର୍ତମାନ ସୁଧା କାର୍ଯ୍ୟାକାରୀ ହୋଇପାରିନାହିଁ ବରଂ ପ୍ରଭାବଶାଳୀ ବ୍ୟକ୍ତିମାନେ ନିଜ ନିଜ ନାମରେ ନାଳର କିସମ ପରିବର୍ତନ କରି ଘରବାଡି କରିଥିବାର କିଛି ପ୍ରମାଣ ମିଳିଛି। ରାଜନୈତିକ ବ୍ୟକ୍ତିବିଶେଷମାନେ ନିଜ ଜମି ସମ୍ମୁଖରେ ଥିବା ବିଭିନ୍ନ ସ୍ଥାନରେ ଡ୍ରେନକୁ ବନ୍ଦ କରିଥିବା ନାଳକୁ ଉଚ୍ଛେଦ କରାଯାଉ। ଯଦି ଉକ୍ତ ସମସ୍ୟାରେ ସମାଧାନ କରାନଯାଏ ଆଗାମୀ ଦିନରେ ଭଦ୍ରକ ଖାଲୁଆ ଅଂଚଳର ଅଧିବାସୀ ସଂଗଠନ ଆଇନର ଦ୍ୱାରସ୍ତ ହେବେ ବୋଲି ମତପ୍ରକାଶ କରିଛନ୍ତି।

ରବିବାର, ଅକ୍ଟୋବର ୦୯, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ପୁରୀର ୫ ଟି କେନ୍ଦ୍ରରେ ହବିଷ୍ୟାଳୀ ମାନଙ୍କ ରହଣି ବ୍ୟବସ୍ଥା

ପୁରୀ, ୦୮/୧୦(ନି.ପ୍ର): ଚଳିତ ବର୍ଷ ହବିଷ୍ୟ ବ୍ରତ ଅକ୍ଟୋବର ମାସ ୧୦ ତାରିଖ ରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ବିଭିନ୍ନ ଜିଲ୍ଲା ରୁ ପଞ୍ଜିକରଣ କରିଥିବା ୨୯୩୫ ଜଣ ହବିଷ୍ୟାଳୀ ମା ମାନଙ୍କୁ ୫ ଗୋଟି କେନ୍ଦ୍ର ରଖାଯିବ ବୋଲି ଜିଲ୍ଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଆଜି ଅପରାହ୍ନ ରେ ଟାଉନ ହଲ ଠାରେ ହବିଷ ବ୍ରତ କାର୍ଯ୍ୟ ରେ ନିୟୋଜିତ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ବର୍ମା ହବିଷ୍ୟାଳୀ ମାନଙ୍କର ସେବା କୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି କର୍ମଚାରୀ ମାନେ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ। ହବିଷ୍ୟାଳୀ କାର୍ଯ୍ୟରେ ଅବହେଳା କୁ ବରଦାସ୍ତ କରାଯିବ ନାହିଁ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସତର୍କ କରାଇ ଦେବା ସହ ଭଲ କାମ ପାଇଁ ପ୍ରୋତ୍ସାହିତ କରାଯିବ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ସମସ୍ତ ଙ୍କୁ ସ୍ୱାଗତ କରି ନୂତନ ଭାବେ ନିର୍ମିତ ବୃନ୍ଦାବତୀ ନିବାସ ରେ ପୁରୀ ,ଗଞ୍ଜାମ ଓ ନୟାଗଡ଼ ଜିଲ୍ଲା ର ୧୬୦୪ ଜଣ,ଅକ୍ଷୟ ପାତ୍ର ଫାଉଣ୍ଡେସନ, ବଗଲା ଧର୍ମଶାଳା ଓ ବାଗେଡିଆ ଧର୍ମଶାଳା ରେ ଖୋର୍ଦ୍ଧା ଜିଲ୍ଲାର ୭୩୦ ଜଣ,ମୋଚି ସାହି କଲ୍ୟାଣ ମଣ୍ଡପ ଠାରେ ଅବଶିଷ୍ଟ ଜିଲ୍ଲା ର ୬୦୧ ଜଣ ହବିଷ୍ୟାଳୀ ମା ମାନଙ୍କର ରହଣି ର ବ୍ୟବସ୍ଥା ହୋଇଛି । ସରକାରଙ୍କ ହବିଷ୍ୟାଳୀ ଯୋଜନା ଆଧାରରେ ବୟସ୍କା ମା ମାନେ ଏହି ବ୍ରତରେ ସାମିଲ ହେଉଛନ୍ତି । ତେଣୁ ପ୍ରଶାସନ ସମସ୍ତ ସୁବିଧା ସେମାନଙ୍କୁ ଯୋଗାଇ ବାକୁ ବ୍ୟବସ୍ଥା କରିଛି।ଏହାକୁ ସମ୍ମିଳିତ ଭାବେ ସଫଳ କରିବା ବୋଲି ସେ କହିଥିଲେ। ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ,ପାଲା ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ,ପାନୀୟ ଜଳ, ନରେନ୍ଦ୍ର ରେ ସ୍ନାନ ବ୍ୟବସ୍ଥା, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରାଯାଇଛି।

## ହଜାର ହଜାର ସମର୍ଥକଙ୍କ ସହ ଜନସମ୍ପର୍କ ଯାତ୍ରାର ମଙ୍ଗ ଧରିଲେ କୈଳାସ

ପୁରୀ, ୦୮/୧୦(ନି.ପ୍ର): ବ୍ରହ୍ମଗିରି ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ପୁରୀ ସଦରବ୍ଲକର ୧୧ଟି ପଞ୍ଚାୟତର ହଜାର ହଜାର ବିଜେଡ଼ି ସମର୍ଥକଙ୍କ ସହ ଆଜି ଜିଲ୍ଲାପରିଷଦ ସଭ୍ୟ କୈଳାସ ପରିଡ଼ାଙ୍କ ନେତୃତ୍ୱରେ ଜନସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଛି । କେରାଣ୍ଡିପୁର ଦୋବନ୍ଧା ଛକ ନିକଟ ଶ୍ରୀଗଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସମର୍ଥକମାନେ ଏକାଠି ହୋଇ ଓଡ଼ିଶାର ଜନପ୍ରିୟ ଜନନେତା ନବୀନ ପଟ୍ଟନାୟକ ହାତ ମୁଠାକୁ ଟାଣ କରିବା ପାଇଁ ଶପଥ ନେଇଥିଲେ । ପେଟକୁ ଦାନା, ପିଠିକୁ କନା, ମୁଣ୍ଡକୁ ବାସ ଓ ଦେହକୁ ଓଷ ଦେବାରେ ନବୀନ ପଟ୍ଟନାୟକ ସାରା ଭାରତରେ ଏକନମ୍ବର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । କୈଳାସଙ୍କ ନେତୃତ୍ୱରେ ବ୍ରହ୍ମଗିରିର ବିକାଶ ଧାରାକୁ ହାଇସ୍ପିଡ଼ରେ ଆଗେଇ ନେବା ପାଇଁ ସମର୍ଥକମାନେ ନାରାବାଜି କରିଥିଲେ । ବ୍ରହ୍ମଗିରି ବିକାଶ ମଂଚ ପକ୍ଷରୁ ଏ ସମ୍ପର୍କରେ ଏକ ଆଲେଚନା ଓ ନିଷ୍ପତି ନିଆଯାଇ ଲୋକଙ୍କ ହିତ ପାଇଁ ମଂଚ କାମ କରିବ ବୋଲି ନେତୃମଣ୍ଡଳି ମତବ୍ୟକ୍ତ କରିଥିଲେ । ଏହି ସମାବେଶରେ ହରିହର ଉପାଧାୟ,ଚକ୍ରଧର ମହାପାତ୍ର, ଫକିର ବେହେରା , ଗଙ୍ଗାଧର ଭୋଳ, ଗୁଣ୍ଡିଚା ପ୍ରଧାନ ଓ ବୃନ୍ଦାବନ ପ୍ରଧାନଙ୍କ ନେତୃତ୍ୱରେ ହଜାର ହଜାର କର୍ମୀ ନବୀନଙ୍କ ବିକାଶଧାରା ଘରେ ଘରେ ପହଂଚେଇବା ପାଇଁ ସଚେତନତା ସୃଷ୍ଟି କରିଥିଲେ ।

## ଭାରତୀୟ ପୂର୍ବତନ ସେନାନୀ ସଂଘ ପକ୍ଷରୁ ବାୟୁସେନା ଦିବସ



ବାଲେଶ୍ୱର, ୦୮/୧୦(ନି.ପ୍ର): ଭାରତୀୟ ପୂର୍ବତନ ସେନାନୀ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ବାୟୁସେନା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବିତରଣ କରାଯାଇଛି। ସଂଘର ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ସଂପାଦକ ଆନନ୍ଦ ଚନ୍ଦ୍ର ବରାଳ, ସହସଂପାଦକ ହେମନ୍ତ କୁମାର ଭୂୟାଁ, ଉପଦେଷ୍ଟା ଜୟନ୍ତ କୁମାର ସାହୁ ଏବଂ ଅନ୍ୟ ସଭ୍ୟବୃନ୍ଦ ଯଥା ଯଦୁନାଥ ସାହୁ, ପ୍ରଦୀପ କୁମାର ବେହେରା, ଅଭୟ ଲାଲ୍ ପାତ୍ର, କିଶୋର ଚନ୍ଦ୍ର ବେହେରା, ବିଶ୍ୱଜିତ୍ ଦାସ, ଦୀନବନ୍ଧୁ ବେହେରା, ହରିହର ରାଉତ, କମଳାକାନ୍ତ ବେହେରା, ଲକ୍ଷ୍ମୀଧର ପ୍ରଧାନ ଆଦି ଉପସ୍ଥିତ ଥିଲେ। ୧୯୩୨ ମସିହା ଆଜି ଦିନରେ 'ଏୟାରଫୋର୍ସ'ର ପ୍ରତିଷ୍ଠା ହୋଇଥିଲା ଏବଂ ଆଜି ସାରା ପୃଥିବୀରେ ଭାରତୀୟ ବାୟୁସେନା ୪ର୍ଥ ସ୍ଥାନରେ ଅଛି। ଏହା ଏକ ଗୌରବର ବିଷୟ। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ Light Combat Helicopter 'ପ୍ରଚଣ୍ଡ'କୁ ବାୟୁସେନାରେ ସାମିଲ କରାଯାଇଛି। ଆଜିର ଦିନରେ ବାୟୁସେନାର ଗୌରବମୟ ଇତିହାସ ସମସ୍ତ ଭାରତୀୟଙ୍କୁ ପ୍ରେରଣା ଦେଇ ଆଗାମୀ ଦିନର ସଂଗ୍ରାମ ପାଇଁ ପ୍ରସ୍ତୁତ ହୋଇ ରହିବାକୁ ଭାରତୀୟ ପୂର୍ବତନ ସେନାନୀ ସଂଘର ସଭ୍ୟ ନିଜର ଶପଥକୁ ଦୋହରାଇଥିଲେ।



ନିଷ୍ଠାପର ଲୋକସମ୍ପର୍କ ଅଧିକାରୀ ସମ୍ମାନ ଗ୍ରହଣ କରିବା ଅବସରରେ ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ସହ ଆଦାନୀ ଗ୍ରୁପର କର୍ପୋରେଟ୍ କମ୍ୟୁନିକେସନ୍ ମ୍ୟାନେଜର୍ ଶ୍ରୀଯୁକ୍ତ ଶୁଭାଶିଷ ମିଶ୍ର ।

## "ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠରେ ନାରୀ ଚରିତ୍ର" ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର, ୦୮/୧୦ (ନି.ପ୍ର): ବରିଷ୍ଠ ସାରସ୍ୱତ ସାଧକ ବୃନ୍ଦାବନ ଦାଶଙ୍କ ଲିଖିତ ପୁସ୍ତକ "ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠରେ ନାରୀ ଚରିତ୍ର" ପୁସ୍ତକ ଉନ୍ମୋଚିତ ହୋଇ ଯାଇଛି। ଗାଳ୍ପିକା ସୁଶ୍ରୀ କାବେରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ସମାରୋହରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକା ଡ. ପୁଷ୍ପା ପାତ୍ର, ମୁଖ୍ୟ ବକ୍ତାଭାବେ ସାରସ୍ୱତ ସ୍ରଷ୍ଟା ଡ. ଅସୀମା ସାହୁ ଓ ସମୀକ୍ଷକଭାବେ କବି ଓ ସମଗାଳ୍ପିକା ପ୍ରାଧ୍ୟାପିକା ଉଷା ଶତପଥୀ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ଲେଖକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଉମା ଦାଶ ଓ କବି ଡ. ନୀଳକଣ୍ଠ ମିଶ୍ର ଉନ୍ମୋଚନ ସମାରୋହରେ ଉପସ୍ଥିତ ଥିଲେ। କବୟିତ୍ରୀ ବାସନ୍ତୀଲତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବୟିତ୍ରୀ ପାର୍ବତୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କବି ଅମିତାଭ ମିଶ୍ର କାର୍ଯ୍ୟକ୍ରମ ପରିଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ସାରସ୍ୱତ ପ୍ରେମୀ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ଶୈଳେଶ ଦାନିଙ୍କ ଉପରୁ ଉଠିଲା ନିଲମ୍ବନ ଆଦେଶ

ଭୁବନେଶ୍ୱର, ୦୮/୧୦(ନି.ପ୍ର): ସମ୍ବଲପୁର ଜିଲ୍ଲାର ବିଜେଡି ନେତା ଶୈଳେଶ ଦାନିଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନିଆଯାଇଛି। ଦଳ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଥିବା ଦଳର ସାଧାରଣ ସମ୍ପାଦକ ତଥା ସାଂସଦ ମାନସ ମଙ୍ଗରାଜ ଏକ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

## ସାମ୍ନାକୁ ଆସିଲା ବ୍ଲାକମେଲ୍ କରୁଥିବା ମହିଳା ଅର୍ଚ୍ଚନା ନାଗଙ୍କ ଡିଲ୍ ଭିଡିଓ

ଭୁବନେଶ୍ୱର, ୦୮/୧୦(ନି.ପ୍ର): ଧନୀ ଲୋକଙ୍କୁ ବ୍ଲାକ୍ ମେଲ୍ କରି ଲୁଟୁଥିବା ମହିଳା ଅର୍ଚ୍ଚନା ନାଗଙ୍କ ଭିଡିଓ ଓ ମେସେଞ୍ଜର ଚାଟ୍ ଏବେ ଲୋକଲୋଚନକୁ ଆସିଛି। ଉକ୍ତ ଭିଡିଓରେ ବ୍ଲାକମେଲ ପରେ ଅର୍ଚ୍ଚନା ହୋଟେଲରେ କିପରି ଡିଲ୍ କରୁଥିଲେ ତାହା ରହିଥିବା କୁହାଯାଉଛି। ଏଣେ ଚାଟ୍‌ରେ ରହିଛି ସେ କେମିତି ପ୍ରତିପତିଶାଳୀ ଲୋକଙ୍କୁ ଫସାଇବା ପାଇଁ ବିଭିନ୍ନ ପ୍ରକାରର ବାହାନା କରୁଥିଲେ ଅର୍ଚ୍ଚନା। ସେହିପରି ଏକ ହୋଟେଲରେ ବସି କିଭଳି ଡିଲ୍ କରୁଥିଲେ ତାର ଏକ ଭିଡିଓ ସାମ୍ନାକୁ ଆସିଛି। ଅନ୍ୟପକ୍ଷରେ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗଙ୍କୁ କମିସନରେଟ୍ ପୋଲିସ ରିମାଣ୍ଡରେ ଆଣିବ। ଅର୍ଚ୍ଚନା ନାଗଙ୍କୁ ରିମାଣ୍ଡରେ ଆଣି ଅଧିକ ତାଙ୍କ ପାଖରୁ ଜବତ ହୋଇଥିବା ପେନଡ୍ରାଇଭ, ଲାପଟପରେ ଥିବା ତଥ୍ୟକୁ ନେଇ ଖୋଳତାଡ଼ କରିବ ପୋଲିସ। ସୂଚନା ଅନୁଯାୟୀ ଅର୍ଚ୍ଚନା ଫେସବୁକ୍ ମାଧ୍ୟମରେ ଧନୀ ଲୋକଙ୍କ ସହିତ ସମ୍ପର୍କ ବଢ଼ାଇବା ପାଇଁ ଉଦ୍ୟମ କରୁଥିଲେ। ବଡ଼ ବ୍ୟବସାୟୀର ପରିଚୟ ଦେଇ ଧନୀ ଓ ପ୍ରତିପତିଶାଳୀଙ୍କୁ ଟଙ୍କା ମାଗୁଥିଲେ। ଧୀରେ ଧୀରେ ସମ୍ପର୍କ ବଢ଼ାଉଥିଲେ। ସୁଯୋଗ ଦେଖି ଘରକୁ ଖାଇବାକୁ ନିମନ୍ତ୍ରଣ କରୁଥିଲେ। ଅନ୍ୟ ଯୁବତୀଙ୍କ ସହ ସମ୍ପର୍କ ବଢ଼ାଇବାକୁ ପ୍ରଲୋଭିତ କରୁଥିଲେ। ଆଉ ଏଥିପାଇଁ ସମସ୍ତ ପ୍ରକାରର ସୁଯୋଗ ସୃଷ୍ଟି କରୁଥିଲେ। ଆଉ ସମ୍ପର୍କ ବଢ଼ିଯିବା ପରେ ସେମାନଙ୍କ ଅନ୍ତରଂଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସୁଟିଂ କରି ନେଉଥିଲେ। ପରବର୍ତ୍ତୀ ସମୟରେ ସେହି ଭିଡିଓ ଓ ଫଟୋକୁ ଦେଖାଇ ଆରମ୍ଭ ବ୍ଲାକମେଲିଂ କରୁଥିଲେ।

## ମୟୁରଭଞ୍ଜ ସେଣ୍ଟ୍ରାଲ୍ କୋ-ଅପରେଟିଭ୍ ସୋସାଇଟିରେ ନାମାଙ୍କନ ପତ୍ର ଦାଖଲ



ବାରିପଦା, ୦୮/୧୦(ନି.ପ୍ର): ଆଗାମୀ ୩/୧୦/୨୦୨୨ ତାରିଖରେ ମୟୂରଭଞ୍ଜ ସେଣ୍ଟ୍ରାଲ୍ କୋ-ଅପରେଟିଭ୍ ସୋସାଇଟିରେ ହେବାକୁ ଥିବା ନିର୍ବାଚନରେ ବିଜୁ ଜନତା ଦଳର ସମର୍ଥିତ ୧୫ଗୋଟି ଜନ୍‌ରୁ ୧୫ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏକ ଦଳୀୟ ବୈଠକରେ ବିଜୁ ଜନତା ଦଳର ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ଜନ୍ମଜୟ ଲେଙ୍କାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଶ୍ରୀଯୁକ୍ତ ସୁଦାମ ମାରାଣ୍ଡି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ଜିଲ୍ଲା ପରିଷଦର ଅଧ୍ୟକ୍ଷ ଭାରତୀ ହାଁସ୍‌ଦା, ମୋରଡା ବିଧାୟକ ରାଜକିଶୋର ଦାଶ, ପୂର୍ବତନ ରାଜ୍ୟସଭା ସାଂସଦ ସୋରଜିନୀ ହେମ୍ବ୍ରମ୍, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ କମଳା ତିରିଆ, ପୂର୍ବତନ ବିଧାୟକ ଭାଦବ ହାଁସ୍‌ଦା, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ବ୍ଲକ୍ ଅଧ୍ୟକ୍ଷ ସୁନ୍ଦର ସିଂ, ବିଜେଡି ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, କୃଷ୍ଣ ଦାସ, ଉପ-ନଗରପାଳ ସୀମା ଦାଶ, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ୍ ମହାନ୍ତି, ଅରୁଣ ବରାଳ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀ ଯଥା : ୧- ନିବେଦିତା ସାହୁ, ୨- ସୁନାରାମ ମାରାଣ୍ଡି, ୩- ଭାଗୀରଥି ଦେହୁରୀ, ୪- ରାଜକିଶୋର ଆର୍ଯ୍ୟ, ୫- ଯଶ୍ୱିନ ମାଝି, ୬- ରାଜଶିବନାରାୟଣ କିସ୍କୁ, ୭- ପଙ୍କଜିନୀ ନାଏକ, ୮- ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ୍, ୯- ଅଭିନ୍ନସୁନ୍ଦର ପାତ୍ର, ୧୦- ଦ୍ରୌପଦୀ ସାହୁ, ୧୧- ମୋହନ ଚରଣ ବେହେରା, ୧୨- ଗିରିଧାରୀ ପୃଷ୍ଟି, ୧୩- ମଳୟ କୁମାର ଜେନା, ୧୪- ସୁବ୍ରମଣ୍ୟମ୍ ମହାନ୍ତି ଏବଂ ୧୫- ବିରେନ୍ଦ୍ର ନାଥ ବସାଙ୍କ ସମେତ ଦଳୀୟ ନେତା ସୋରଜ କୁମାର ବୋଷ, ପ୍ରଭାତ ମହାନ୍ତି, ସନ୍ତୋଷ ପଟ୍ଟନାୟକ, ଶବଣ ଗୋପ୍, କାଶିନାଥ ରଣା , ସୋରଜ ମହାପାତ୍ର, ସୁଜିତ ମହାନ୍ତି, ସୟଦ୍ ଫିରୋଜୁଦ୍ଦିନ୍, ଦୀପକ ମଦ୍ଦୁଆଲ ତତ୍ ସମେତ ଶତାଧିକ କର୍ମକର୍ତ୍ତା ବଡଜଗନ୍ନାଥ ମନ୍ଦିରରୁ ଏକ ସଭା ଯାତ୍ରାରେ ବାହାରି ଅମ୍ବିକା ମନ୍ଦିରି ଦର୍ଶନ ସାରି ମୟୂରଭଞ୍ଜ ସେଣ୍ଟ୍ରାଲ୍ କୋ-ଅପରେଟିଭ୍ ସୋସାଇଟିର କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ।

## ସବରେଜିଷ୍ଟାର ଅଫିସ ନିକଟରେ ଦଲାଲ ସକ୍ରିୟ

ପୁରୀ, ୦୮/୧୦(ନି.ପ୍ର): ଗତ କିଛିଦିନ ହେଲାଣି ପୁରୀ ଜିଲ୍ଲା ସବରେଜିଷ୍ଟାର କାର୍ଯ୍ୟାଳୟ ନିକଟରେ କେତେକ ଦଲାଲ ସକ୍ରିୟ ହୋଇ କ୍ରେତା ବିକ୍ରେତାଙ୍କୁ ପ୍ରଭାବିତ କରି ଲକ୍ଷ ଲକ୍ଷ ଟଙ୍କା ମୁନାଫା ନେଉଥିବା ଅଭିଯୋଗ ହେଉଛି । ଜମି କିଣା ବିକାରେ ପିସି ନେବା ସହ କେତେକ କର୍ମଚାରୀଙ୍କୁ ହାତକରି ଦଲିଲ୍ ହସ୍ତଗତ କରୁଥିବା ଦେଖିବାକୁ ମିଳୁଛି । ଏପରିକି କେତେକ କର୍ମଚାରୀ ଓକିଲ, ମୋହରିରଙ୍କ ଜରିଆରେ ଜମି ରେଜେଷ୍ଟି ନକରି ସିଧାସଳଖ ଜମି ରେଜିଷ୍ଟି କରି ହାତ ଚିକ୍କଣ କରୁଥିବା ଅଭିଯୋଗ ହେଉଛି । କେତେକ ବିଲଡ଼ର ଅଫିସରେ ପାଣି ପିଇବା ପାଇଁ ୧୨ ଲକ୍ଷ ଟଙ୍କାର ମେସିନ ଦାନ କରୁଥିବା ଅଭିଯୋଗ ହେଉଛି । ବିଲଡ଼ରମାନେ କର୍ମଚାରୀଙ୍କୁ ହାତବାରିସ କରି କୋଟି କୋଟି ଟଙ୍କା ମୁନାଫା ନେଉଥିବା ବେଳେ କ୍ରେତା ଅଧିକ ଖର୍ଚ୍ଚାନ୍ତ ହେଉଥିବା ଆଲୋଚନା ହେଉଛି । କେତେକ ମୌଜାରେ ଜମି ବିକ୍ରି ପାଇଁ ଲକ୍ ପଡ଼ିଥିବା ବେଳେ ସାଙ୍ଗେ ସାଙ୍ଗେ ଲକ୍ ଖୋଲି ରେଜେଷ୍ଟି କରିବା ପରେ ଲକ୍ ପଡ଼ିଯାଉଥିବା କେତେକ ଆଇନଜୀବୀ ଆଲେଚନା କରୁଛନ୍ତି । କାର୍ଯ୍ୟରତ କର୍ମଚାରୀମାନେ ଲକ୍ଷାଧିକ ଟଙ୍କାର ଗାଡ଼ି ଚାଲଉଥିବା ବେଳେ ଅନେକ ଜାଗାବାଡ଼ି ସମ୍ପର୍କୀୟଙ୍କ ନାମରେ କିଣୁଥିବାବେଳେ ଏ ସଂପର୍କରେ ଭିଜିଲାନ୍ସ ଖୋଳତାଡ଼ ଆରମ୍ଭ ହେଲେ ଅନେକ ଘଟଣା ଲୋକଲୋଚନକୁ ଆସିପାରିବ ବୋଲି କଚେରି ଛକରେ ଆଲେଚନା ହେଉଛି ।

## ସାହିତ୍ୟ ପତ୍ରିକା 'ସୃଜନାକ୍ଷର'ର ଶରତ ସଂଖ୍ୟା ଉନ୍ମୋଚିତ



ବାଲେଶ୍ୱର, ୦୮/୧୦(ନି.ପ୍ର): ବାଲେଶ୍ୱର ମାଟିରୁ ପ୍ରକାଶ ପାଉଥିବା ଡିଜିଟାଲ ଓ ପାରମ୍ପରିକ ସାହିତ୍ୟ ପତ୍ରିକା 'ସୃଜନାକ୍ଷର'ର ଶରତ ସଂଖ୍ୟା ସ୍ଥାନୀୟ କୁରୁଡ଼ା ସ୍ଥିତ ସବୁଜସାଥୀ ଉଦ୍ୟାନରେ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ସ୍ତମ୍ଭକାର ତଥା ଅବସର ପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ.ସନ୍ତୋଷ ନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚଳମାନ ସମୟ ଖଣ୍ଡରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ବିମୁଖତା ପ୍ରକାଶ କରୁଥିବା ଯୁବପିଢି ମାନଙ୍କ ପାଇଁ ଏହିଭଳି ସାହିତ୍ୟ ପତ୍ରିକାର ଆବଶ୍ୟକତା ଅଛି ବୋଲି କହିଥିଲେ। ଏଇ ପତ୍ରିକାଟି ବାଣୀପୁତ୍ରମାନଙ୍କର କାଳଜୟୀ ହସ୍ତାକ୍ଷର ହୋଇପାରିବ,ଏଥିରେ ସନ୍ଦେହ ନାହିଁ ବୋଲି ନିଜ ବକ୍ତବ୍ୟରେ କହିଥିଲେ। କଥାକର ଉଦୟ ଦାସ ଓ କବି ଅଭୟ ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ସୃଜନାକ୍ଷର'ଭଳି ପତ୍ରିକା ଓଡ଼ିଆ ପତ୍ରିକା ଇତିହାସରେ ନିଶ୍ଚୟ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ମତ ରଖିଥିଲେ। ସେହିଭଳି କବୀ ସାବିତ୍ରୀ ଜେନା, କବି ରବୀନ୍ଦ୍ର ଜେନା, ପୂର୍ଣଚନ୍ଦ୍ର ପଣ୍ଡା ,ପ୍ରବୀର କମିଳା,ସୁଧାକର ସେଠୀ, କମଳିନୀ କାଣ୍ଡା, ଜଳଧର ପଣ୍ଡା, ବିଦ୍ୟାଧର ନାୟକ ପ୍ରମୁଖ ଏଥିରେ ଯୋଗଦେଇ ସୃଜନକ୍ଷରରେ ପ୍ରକାଶିତ ନିଜନିଜ ର କବିତା ପାଠ କରିଥିଲେ। ସମ୍ପାଦକ ଡ.ରାଧାରଂଜନ ପଟ୍ଟନାୟକ ଏମିତି ଏକ ଡିଜିଟାଲ ଏବଂ ପାରମ୍ପରିକ ପତ୍ରିକାର ପ୍ରକାଶ କରିବାର ନେପଥ୍ୟ ରେ ଥିବା ଆଭିମୁଖ୍ୟ ସମ୍ପର୍କରେ କହିବା ସହ ଉପନିଷଦ ର ନିରାସକ୍ତ ପକ୍ଷୀଟିଏ ପରି ଭାବ ଭାବନା ର ରୂପକଳ୍ପ ହିଁ 'ସୃଜନାକ୍ଷର' ବୋଲି ମତ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହା ନିକଟ ଭବିଷ୍ୟତରେ ଏକ ଗବେଷଣାତ୍ମକ ପତ୍ରିକାର ରୂପାନ୍ତରିତ ହେବାର ଯୋଜନା ରହିଛି ବୋଲି ଆଶା ବ୍ୟକ୍ତ କରିଥିଲେ। ପତ୍ରିକାର ପରିଚାଳନା ସମ୍ପାଦକ ଡ.ବଂଶୀଧର ଚୌଧୁରୀ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିବା ସହ ସାମ୍ପ୍ରତିକ ସାହିତ୍ୟ ର ଗତି ପ୍ରକୃତି ସମ୍ପର୍କରେ ନିଜ ମତ ଉପସ୍ଥାପନ କରି ଆଜିର ସାହିତ୍ୟ କୁଟୁମ୍ବିନୀ ନୁହେଁ । ସେ ଉର୍ବଶୀ ପରି ନିତ୍ୟ ନୂତନା । ନାନା ରୂପରେ ପାଠକୀୟ ଚେତନା କୁ ଛୁଇଁ ଥାଏ ବୋଲି ସ୍ୱୀକାରୋକ୍ତି ବାଢିଥିଲେ। ସଭାପତିତ୍ୱ କରୁଥିବା ସ୍ତମ୍ଭକାର ସୁବାସ ଚନ୍ଦ୍ର ପାତ୍ର ବିଶ୍ୱ ସାହିତ୍ୟ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ ର ସ୍ଥିତି ସମ୍ପର୍କରେ ଏକ ତୁଳନାତ୍ମକ ତଥ୍ୟ ପ୍ରଦାନ କରିଥିଲେ। ପ୍ରସନ୍ନ କୁମାର ପାତ୍ର ପଠକାର୍ପଣ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ସହଯୋଗୀ ସମ୍ପାଦକ ଅଭିମନ୍ୟୁ କାନୁନଗୋ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକ ଜିଲ୍ଲା ଦୁର୍ଗାବାହିନୀ ଓ ମାତୃଶକ୍ତିର ସ୍ଥାପନା ଦିବସ ପାଳିତ

ଭଦ୍ରକ, ୦୮/୧୦(ନି.ପ୍ର): ଭଦ୍ରକ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ନାରୀ ଶକ୍ତି ଦୁର୍ଗାବାହିନୀର ସ୍ଥାପନା ଦିବସ ଭଦ୍ରକ ବାଇପାସସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମାତା ଦୁର୍ଗାଙ୍କର ସ୍ତୁତି ପାଠ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅତିଥି ଭାବେ ଦୁର୍ଗାବାହିନୀର ରାଜ୍ୟ ସହ ସଂଯୋଜିକା ସୁଶ୍ରୀ ସିପ୍ରା ରାଉତ, ରାଷ୍ଟ୍ରୀୟ ସ୍ୱୟଂସେବିକା ସମିତିର ଜିଲ୍ଲା କାର୍ଯ୍ୟବାହିକା ସୁଶ୍ରୀ ନଳିନୀବାଳା ଦାସ, ଜିଲ୍ଲା ସଂଯୋଜିକା ମଧୁସ୍ମିତା ମହାପାତ୍ର, ମାତୃଶକ୍ତି ସଂଯୋଜିକା ସରୋଜିନୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ରାଷ୍ଟ୍ର ଗଠନରେ ନାରୀର ଭୂମିକା ସର୍ବଦା ଅଗ୍ରଗଣ୍ୟ। ନାରୀ ନିଜକୁ ସ୍ୱାବଲମ୍ବୀ, ଶିକ୍ଷିତା କରାଇବା ସହ ଆତ୍ମରକ୍ଷାର କୌଶଳ ସମ୍ପନ୍ନ ହେବା ଉଚିତ ବୋଲି ଅତିଥିମାନେ ବକ୍ତବ୍ୟ ଦେଇଥିଲେ। ଦୁର୍ଗାବାହିନୀ ସେବା, ସୁରକ୍ଷା ଓ ସଂସ୍କାର ଆଧାରରେ ରାଷ୍ଟ୍ରପ୍ରତି ଗଭୀର ସମର୍ପିତ ଭାବନା ପ୍ରତ୍ୟେକ ଯୁବତୀ ମାନଙ୍କ ମଧ୍ୟରେ ସୃଷ୍ଟି କରିବାର ସଂକଳ୍ପ ନେଇ ଦେଶର ପ୍ରତି ଜିଲ୍ଲାରେ ସଙ୍ଗଠନ ଗଢିଚାଲିଛି। ଏହି ସଙ୍ଗଠନରେ ଯୁବତୀମାନଙ୍କୁ ଯୋଗ ଦେବାକୁ ଆଜି ଆହ୍ୱାନ କରାଯାଇଥିଲା। ଆଜି ମା ଦୁର୍ଗାଙ୍କ ପୂଜା ସହ ହିନ୍ଦୁ ପାରମ୍ପରିକ ଶସ୍ତ୍ରପୂଜନ କରାଯାଇଥିଲା ଓ କୁମାରୀ କନ୍ୟାମାନଙ୍କୁ ପୂଜନ କରାଯାଇଥିଲା। ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମରେ ଛୋଟ ଛୋଟ ବାଳିକାମାନେ ନୃତ୍ୟ ପରିବେଷଣ କରିଥିଲେ। ସଙ୍ଗଠନ ତରଫରୁ ଅତିଥିମାନେ ସେମାନଙ୍କୁ ପୁରସ୍କୃତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମାତୃଶକ୍ତି ନଗର ସଂଯୋଜିକା କବିତା ସାହୁ, ସହ ସଂଯୋଜିକା ମାଳତୀ ସାମନ୍ତ, ଦୁର୍ଗା ବାହିନୀ ଜିଲ୍ଲା ସହ ସଂଯୋଜିକା ସୋନାଲିସା ରାଉତ, ନଗର ସଂଯୋଜିକା ଶ୍ରେୟା ମହାନ୍ତି, ସଦର ମାତୃଶକ୍ତି ସଂଯୋଜିକା କବିତା ସିଂହ, ଧାମନଗର ସଂଯୋଜିକା ମାମାଲି ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ପ୍ରଚାର ପ୍ରମୁଖ ମାନସ ମହାନ୍ତି, ବଜରଙ୍ଗ ଦଳ ପ୍ରାନ୍ତ ମିଳନ କେନ୍ଦ୍ର ପ୍ରମୁଖ ବିପିନ ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦର ଭଦ୍ରକ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ପଣ୍ଡା, ଜିଲ୍ଲା ସମ୍ପାଦକ କାହ୍ନୁ ଚରଣ ସିଂ, ଉପ ସଭାପତି ହରେକୃଷ୍ଣ ଜେନା, ସନ୍ଥ ବିଷ୍ଣୁ ଚରଣ ଦାସ ମହାରାଜ, ବଜରଙ୍ଗ ଦଳର କ୍ଷିତିଶ ରାଉତ, ତପନ ମହାନ୍ତି, ନିମାଇଁ ଦାସ, ରଞ୍ଜିତ ପୃଷ୍ଟି, ମନ୍ମଥ ନାୟକ, ସଞ୍ଜିବ ଦାସ, ଆଲୋକ ପଣ୍ଡା, ବଳରାମ ବାରିକ, ଧିରେନ୍ଦ୍ର ନାୟକ, ବ୍ୟୋମକେଶ ମହାନ୍ତି, କୃଷ୍ଣା ମହାନ୍ତି, ବିଜୟ କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୨୦୦ରୁ ଉର୍ଦ୍ଧ୍ୱ ଦୁର୍ଗାବାହିନୀ ଓ ମାତୃଶକ୍ତିର ମହିଳାମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo